

କେଶ ଦାନକଲେ ସୋନମ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 43 •ISSUE-2 •BHUBANESWAR •THURSDAY •26 JUNE 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୨ •ଭୁବନେଶ୍ୱର •ଗୁରୁବାର •୨୬ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦







## ସରିଲା ଅଣସର
# ଆଜି ନବଯୌବନ ଦର୍ଶନ



■ **ପୁରୀ, ୨୫।୬ (ସମିସ):** ଶେଷ ହୋଇଛି ମହାପ୍ରଭୁଙ୍କ ଅଣସର। ସୁସ୍ଥ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଗୁରୁବାର ସକାଳେ ଦଇତାପତି ସେବକମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ନବଯୌବନ ବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ଏଥିସହ ନେତ୍ରୋତ୍ସବ ମଧ୍ୟ ରହିଛି। ଏପଟେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ରଥ ନିର୍ମାଣ।

**ସକାଳ ୮ଟାରେ ଫିଟିବ ଅଣସର ତାଟି**

**୮ରୁ ୯ଟା ଯାଏଁ ପରିମାଣିକ ଦର୍ଶନ**

**୯ରୁ ସାଢ଼େ ୧୦ଟା ସର୍ବସାଧାରଣ ଦର୍ଶନ**

**ରଥ ଆଜ୍ଞାମାଳ ବିଜେ ଆଜି**

ଗୁରୁବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଶୁକ୍ରବାର ଅନୁଷ୍ଠିତ ହେବ ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଥିଲେ ଦାରୁଦିଅଁ। ଅଣସର ଘରେ ଚାଲିଥିଲା ଉପଚାର। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତ ସେବା କରିଥିଲେ। ଫୁଲୁରୀ ତେଲ, ଓଷୁଅ ଲାଗି ସହ ଦଶମୂଳ ମୋଦକ ସେବନ ପରେ ଏବେ ସୁସ୍ଥ ହୋଇଯାଇଛନ୍ତି ଦାରୁବିଗ୍ରହ। ଗୁରୁବାର ଅଣସର ଘରେ ମହାପ୍ରଭୁଙ୍କ ଆସ୍ଥାନ ଚକା ଅପସାରଣ କରାଯିବ। ଦଶାବତାର ତଥା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି, ମଇଲମ ଏବଂ ଅବକାଶ ନୀତି ବଢ଼ିବ। ପଟି ଠାକୁର ମଣ୍ଡଣି ଘରକୁ, ଅନ୍ୟ ଦିଅଁ ଦକ୍ଷିଣୀ ଘରକୁ ବିଜେ କରିବା ପରେ ସକାଳ ୮ଟାରେ ଅଣସର ତାଟି ଫିଟିବ। ସକାଳ ୮ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ▶ପୃଷ୍ଠା-୭

# ଅନ୍ତରୀକ୍ଷରେ ଶୁଭାଂଶୁ




## ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟଙ୍କ ମହାକାଶ ଯାତ୍ରା

## ଦେଶବାସୀଙ୍କ ଶୁଭକାମନା, ଭାବବିହ୍ୱଳ ହେଲେ ପିତାମାତା

■ **ଫ୍ଲୋରିଡ଼ା, ୨୫।୬ (ଏଜେନ୍ସି):** ମହାକାଶ କ୍ଷେତ୍ରରେ ଭାରତ ବଡ଼ ଅଗ୍ରଗତି ହାସଲ କରିଛି। ଗଗନଯାନ ଅଭିଯାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି। ଛଅ ଥର ତାରିଖ ଘୁଞ୍ଚିବା ପରେ ଶେଷରେ ବୁଧବାର ଭାରତୀୟ ବାୟୁସେନା ପାଇଲଟ ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ଅକ୍ସିଅମ-୪ ଅଭିଯାନରେ ମହାକାଶକୁ ଯାତ୍ରା କରିଛନ୍ତି। ଫ୍ଲୋରିଡ଼ା ସ୍ଥିତ ନାସାର କେନେଡି ସ୍ପେସ ସେଣ୍ଟରର ୩୯ଏ ଲଞ୍ଚ କମ୍ପ୍ଲେକ୍ସରୁ ସ୍ପେସ୍‌ଏକ୍ସର କ୍ର୍ୟୁ ଡ୍ରାଗନ ଶୁଭାଂଶୁଙ୍କ ସମେତ ୪ ଜଣ ମହାକାଶଚାରୀଙ୍କୁ ନେଇ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଆଇ) ଅଭିମୁଖେ ଯାଇଛି। ୧୯୬୯ରେ ଏହି ଲଞ୍ଚପ୍ୟାଡରୁ ଆପୋଲ ୧୧ ଅଭିଯାନରେ ନିଲ୍ ଆର୍ମଷ୍ଟ୍ରଙ୍ଗ ମହାକାଶକୁ ଯାଇଥିଲେ। ଦ୍ୱିତୀୟ ଭାରତୀୟ ମହାକାଶଚାରୀ ଭାବେ ଶୁଭାଂଶୁ ମହାକାଶକୁ ଯାତ୍ରା କରିଛନ୍ତି। ଏହି ଅଭିଯାନ ପାଇଁ ସୁସ୍ଥ ରହିବା ନିମନ୍ତେ ଶୁଭାଂଶୁ ମାସେ ହେଲା ସଙ୍ଗରୋଧରେ ଥିଲେ। ଏହା ପୂର୍ବରୁ ୪୧



ବର୍ଷ ତଳେ ୧୯୮୪ରେ ୱିଙ୍ଗ କମାଣ୍ଡର ରାକେଶ ଶର୍ମା ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ସୋଭିଏତ ମିଶନରେ ମହାକାଶକୁ ଯାତ୍ରା କରିଥିଲେ। ଅକ୍ସିଅମ-୪ ଅଭିଯାନ ସଫଳ ହେବା ପରେ ଶୁଭାଂଶୁଙ୍କ ମାତାପିତା ଆଶା ଶୁକ୍ଲା ଏବଂ ଶମ୍ଭୁ ଦୟାଲ ଶୁକ୍ଲା ଭାବୁକ ହୋଇ ଯାଇଥିଲେ। ପୁଅର ସଫଳତା ପାଇଁ ତାଳି ବଜାଇ ଖୁସି ମନାଇ ଥିଲେ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

ମହାକାଶରେ ପହଞ୍ଚିବା ପରେ ଶୁଭାଂଶୁ ଭାରତ ପାଇଁ ବାର୍ତ୍ତା ପଠାଇଛନ୍ତି। ସେ କହିଛନ୍ତି ଯେ ଦେଶବାସୀଙ୍କୁ ପ୍ରଣାମ। ଏହି ଯାତ୍ରା ଅତୁଳନୀୟ ଥିଲା। ୪୧ ବର୍ଷ ପରେ ଆମେ ପୁଣିଥରେ ମହାକାଶରେ ପହଞ୍ଚିଛେ। ଏହା ଏକ ଅଦ୍ଭୁତ ଯାତ୍ରା। ସେକେଣ୍ଡ ପିଛା ୭.୫ କିମି ବେଗରେ ଆମେ ପୃଥିବୀ ଚାରିପଟେ ଘୂରି ବୁଲୁଛୁ। କାନ୍ଧରେ ଲାଗିଥିବା ତ୍ରିରଙ୍ଗା ଆପଣ ସମସ୍ତଙ୍କ ସହ ରହିଛି ବୋଲି କହୁଛି। ଆଇଏସଏସ ପର୍ଯ୍ୟନ୍ତ ମୋର ଏହି ଯାତ୍ରା କେବଳ ଆରମ୍ଭ ନୁହେଁ, ବରଂ ଭାରତର ମାନବ ଅଭିଯାନର ଏହା ପ୍ରାରମ୍ଭ ମାତ୍ର। ସମସ୍ତେ ଏହି ଯାତ୍ରାରେ ଅଂଶ ହୁଅନ୍ତୁ ବୋଲି ମୁଁ ଚାହୁଁଛି। ଆପଣମାନେ ଗର୍ବ କରିବା ଉଚିତ। ଆସନ୍ତୁ ସମସ୍ତେ ମିଳିମିଶି ମହାକାଶକୁ ଭାରତର ମାନବ ଅଭିଯାନର ପ୍ରାରମ୍ଭ କରିବା। ଜୟ ହିନ୍ଦ୍। ଜୟ ଭାରତ। ▶ପୃଷ୍ଠା-୭

# ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା

■ **ଭୁବନେଶ୍ୱର, ୨୫।୬ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବୁଧବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟପଟେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ଆହୁରି ୨ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯଦିଓ ଏହି ଲଘୁଚାପ ବିଶେଷ ଘନୀଭୂତ ହେବ ନାହିଁ ମାତ୍ର ଏହାଦ୍ୱାରା ଉତ୍ତର ଓଡ଼ିଶାର କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ। ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଭଳି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାସହିତ ବରଗଡ଼, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳରେ ମଧ୍ୟ ବର୍ଷାର ପ୍ରଭାବ ଅଧିକ ରହିପାରେ। ଏହା ବ୍ୟତୀତ ବାଲେଶ୍ୱର, କଟକ, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଗତ ୩୬ ଘଣ୍ଟା ମଧ୍ୟରେ ବଲାଙ୍ଗିରରେ ୪୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲି ୪୫, ବାଲେଶ୍ୱର ୪୦, ଭୁବନେଶ୍ୱର ୫୦, କେନ୍ଦୁଝର ୨୮, ଭବାନୀପାଟଣା ୨୦, କୋରାପୁଟ ୪୭, ଜଗତସିଂହପୁର ୩୨, ନବରଙ୍ଗପୁର ୩୬, ରାଉରକେଲାରେ ୨୦ ମିମି ବର୍ଷା ରେକର୍ଡ ହୋଇଛି।

# ବିଦ୍ୟୁତ୍ ବିଭାଗର ପାଚେରି ପଡ଼ି ଯୁବକ ମୃତ



■ **ବାଲେଶ୍ୱର, ୨୫।୬ (ସମିସ):** ବାଲେଶ୍ୱରରେ ଆଜି ଲଗାଣ ବର୍ଷା ଯୋଗୁଁ ବିଦ୍ୟୁତ୍ ବିଭାଗର ଦୁର୍ବଳ ପାଚେରି ଭାଙ୍ଗି ପଡ଼ିବା ଯୋଗୁ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗୁଡିପଦା ଅଞ୍ଚଳର କାଳିଆ ଟୁଡୁଙ୍କ ପୁଅ ସଦାନନ୍ଦ ଟୁଡୁ(୪୫)। ଲଗାଣ ବର୍ଷା ଫଳରେ ଗୁଡିପଦା ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ପାଣିକୁ ଦେଖିବା ପାଇଁ ସଦାନନ୍ଦ ଘର ବାହାରକୁ ଆସିଥିଲେ। ସେହି ସମୟରେ ବିଦ୍ୟୁତ୍ ବିଭାଗର ପାଚେରି ତାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସଦର ତହସିଲ ବିଭାଗର କର୍ମଚାରୀ ପହଁଚି ଘଟଣାର ତଦନ୍ତ କରିଛନ୍ତି।

# ୪ ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ

■ **ବାରିପଦା, ୨୫।୬ (ସମିସ):** ବୁଧବାର ମୟୂରଭଞ୍ଜ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପକ୍ସୋ କୋର୍ଟରେ ଦୁଇଟି ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଏହି ଦୁଇଟି ମାମଲାରେ ବିଚାରପତି ୪ ଜଣ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଓ ଦୌରାଜଜ୍ କୋର୍ଟ ବିଚାରପତି ସୁଦୀପ୍ତ ଆଚାର୍ଯ୍ୟ ଏହାର ବିଚାର କରି ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଲେଖାଏଁ କାରାଦଣ୍ଡ ନେଇ ଶୁଣାଣି କରିଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ୧ବର୍ଷର କାରାଦଣ୍ଡ ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ରାଜେଶ ଜେନା, ରାକେଶ ଜେନା, ଦିକ୍ଷିତ ଜେନା। ଅଭିଯୋଗ ଅନୁଯାୟୀ, ଗତ ୨୦୨୧ ମସିହାରେ ବୈଶିଙ୍ଗା ଥାନା ଅଞ୍ଚଳରେ ଗଣଦୁଷ୍କର୍ମ ଘଟିଥିଲା। ପୀଡିତା

**ଦୁଇଟି ମାମଲାର ରାୟ ପ୍ରକାଶ**

ଜଣକ ତାଙ୍କ ପୁଅ ସାଙ୍ଗ ସମେତ ଗାଡ଼ିରେ ଯାଉଥିଲେ। ବିଶ୍ରାମ ନେବାକୁ ରାସ୍ତା କଡରେ ଛିଡା ହୋଇଥିବାବେଳେ ଉକ୍ତ ୩ଜଣ ଅଭିଯୁକ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଣେ ପୁଅ ସାଙ୍ଗକୁ ଅଟକାଇ ଥିବାବେଳେ ଅନ୍ୟ ଦୁଇ ଜଣ ପୀଡିତା ଯୁବତୀଙ୍କୁ ନିକଟସ୍ଥ ଜଙ୍ଗଲକୁ ▶ପୃଷ୍ଠା-୭

# ବନ୍ଧୁକ ମୁନରେ ଗହଣା ଲୁଟିନେଲେ

■ **ଘଟଗାଁ, ୨୫।୬ (ସମିସ):** ବନ୍ଧୁକ ମୁନରେ ୨ରାଉଣ୍ଡ ବ୍ଲାଙ୍କ ଫାୟାର୍ କରି ଗହଣା ଦୋକାନରୁ ସୁନା ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ। ହରିଚନ୍ଦନପୁର ମୁଖ୍ୟ ବଜାର ନାରାୟଣୀ ଜୁଏଲାରୀ ରୁ ୨ଟି ବାଇକ୍‌ରେ ୪ ଜଣ ଦୁର୍ବୃତ୍ତ ଲୁଟି ନେଲେ ସୁନା ଅଳଙ୍କାର । ଦୁର୍ବୃତ୍ତଙ୍କ ପିଛା କରି ସେମାନଙ୍କୁ ଏକ ଜଙ୍ଗଲ ଚାରିପଟେ ଘେରିଛି ହରିଚନ୍ଦନପୁର ପୋଲିସ ।

# ଆଇସିୟୁରୁ କ୍ୟାବିନକୁ ଆସିଲେ ନବୀନ



**ସାକ୍ଷାତ କରି ଦ୍ରୁତ ଆରୋଗ୍ୟ କାମନା କଲେ ବିଜେଡି ନେତା**

**ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇବାକୁ ନବୀନଙ୍କ ପରାମର୍ଶ**

**ନବୀନଙ୍କ ସ୍ୱାସ୍ଥ୍ୟ ନେଇ ବଡ଼ଭାଇ ପ୍ରେମ ପଟ୍ଟନାୟକଙ୍କ ସହ ଆଲୋଚନା**

■ **ଭୁବନେଶ୍ୱର, ୨୫।୬ (ସମିସ):** ମୁମ୍ବାଇ ସ୍ଥିତ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦ୍ରୁତ ଆରୋଗ୍ୟଲାଭ କରୁଛନ୍ତି। ଗତ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା ଓ ପର୍ଯ୍ୟବେକ୍ଷଣ ନିମନ୍ତେ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ଆଜି ଡାକ୍ତରମାନେ ନବୀନଙ୍କୁ କ୍ୟାବିନ୍‌କୁ ସ୍ଥାନାନ୍ତର କରିଛନ୍ତି। କିଛି ଦିନ ମଧ୍ୟରେ ତାଙ୍କର ଷ୍ଟିଚ୍ ଖୋଲାଯିବା ପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ନେଇ ସୂଚନା ମିଳିଛି।

ଏହି ଅବସରରେ ଓଡ଼ିଶାର ବହୁ ବିଜେଡି ନେତା ନବୀନଙ୍କୁ ଡ଼ାକ୍ତରଖାନାରେ ଭେଟି ତାଙ୍କୁ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ଦଳ ନେତାମାନଙ୍କୁ ଡ଼ାକ୍ତରଖାନାରେ ଦେଖି ନବୀନ ଖୁସି ବ୍ୟକ୍ତ କରିବା ସହ ସେ ପୁରା ଠିକ୍ ଅଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇବାକୁ ବିଜେଡି ନେତାଙ୍କୁ ପରାମର୍ଶ ଦେଇଛନ୍ତି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

HOTEL MANAGEMENT PROGRAMMES
- BHMCT (Bachelor of Hotel Management and Catering Technology)
- MBA (Hospitality Management)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ମୋହନଙ୍କ 'ମନ୍ତ୍ରୀ ସୂତ୍ର'; ଦଳରେ ଅସହମତି

■ **ଭୁବନେଶ୍ୱର, ୨୫।୬ (ସମିସ):** ଆସନ୍ତା ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପରେ ଯେକୌଣସି ସମୟରେ ଦିନ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହୋଇପାରେ। ଏ ସମ୍ପର୍କରେ ଆପାତତଃ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି ଓ କେବଳ ତାରିଖ ଘୋଷଣା ବାକି ଅଛି । ମୁଖ୍ୟମନ୍ତ୍ରୀ ନିଜର ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି କରିଛନ୍ତି ଏବଂ ସମ୍ଭାବ୍ୟ ମନ୍ତ୍ରୀ ଓ ବିଭାଗର ନକ୍ସା ପ୍ରସ୍ତୁତ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତି ଲୋକସଭା କ୍ଷେତ୍ରକୁ ଗୋଟିଏ ମନ୍ତ୍ରୀ ବା ଅନୁରୂପ ପାହ୍ୟାର ପଦ ଦେବା ନିମନ୍ତେ ମୋହନ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଲେ ୨୦ ମନ୍ତ୍ରୀ, ବିଧାନସଭା ବାଚସ୍ପତି, ଉପବାଚସ୍ପତି, ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ପରି ମନ୍ତ୍ରୀ ପାହ୍ୟାଗୁଡ଼ିକୁ ସମାନୁପାତିକ ଭାବରେ ବଣ୍ଟନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ମୋହନଙ୍କ ଏହି ପ୍ରସ୍ତାବକୁ ଦଳର ଶୀର୍ଷ ନେତୃତ୍ୱ ମଧ୍ୟ ସବୁଜ ସଙ୍କେତ ଦେଇଛନ୍ତି। ତେବେ

**ପ୍ରତି ଲୋକସଭା କ୍ଷେତ୍ରକୁ ଗୋଟିଏ ମନ୍ତ୍ରୀ ବା ଅନୁରୂପ ପଦ**

ମୁଖ୍ୟମନ୍ତ୍ରୀଙ୍କ ଏହି 'ମନ୍ତ୍ରୀସୂତ୍ର'କୁ ଦଳର କିଛି ଛାମୁଆଁ ନେତା ପସନ୍ଦ କରୁନଥିବା ସୂଚନା ମିଳିଛି। ଏପରିକି ଗୋଟିଏ ସଂସଦୀୟ କ୍ଷେତ୍ରରୁ ରହିଥିବା ଏକାଧିକ ମନ୍ତ୍ରୀଙ୍କ ମଧ୍ୟରୁ କେହି ନା କେହି ବାଦ ପଡ଼ିବାର ଆଶଙ୍କା ଥିବାରୁ ଦଳରେ ଅସନ୍ତୋଷ ସୃଷ୍ଟି ହୋଇଛି।

ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ସର୍ବାଧିକ ୨୨। ରାଜ୍ୟ ବିଜେପିର ସାଂଗଠନିକ ସଂରଚନା, ଜିଲ୍ଲା ତଥା ସଂସଦୀୟ କ୍ଷେତ୍ରୱାରୀ ବିଚାରକୁ ନେଲେ ମୋହନ ସୂତ୍ର ଫିଟ ବସୁନାହିଁ। ଏମିତି ହେଲେ ବହୁ ଟାଣୁଆ ନେତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡ଼ିପାରେ। ଏହାକୁ ନେଇ ଦଳର ଏକ ବଡ଼ ଗୋଷ୍ଠୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ଶୀର୍ଷ ନେତୃତ୍ୱ ଏହି ଅସନ୍ତୋଷକୁ କିପରି ପ୍ରଶମିତ କରୁଛନ୍ତି, ସେନେଇ ଉତ୍କଣ୍ଠା ପ୍ରକାଶ ପାଇଛି।

ଗତବର୍ଷ ରଥଯାତ୍ରା ବେଳେ ବ୍ୟାପକ ଅବ୍ୟବସ୍ଥା, ବଡ଼ଠାକୁର ରଥ ଉପରେ ପଡ଼ିଯିବା ଭଳି ବଡ଼ ବିଭ୍ରାଟ ଏବଂ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଏଏସଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିବା ଘଟଣାରେ ଖୁବ୍ ବିବାଦୀୟ ହୋଇ ପଡ଼ିଥିଲେ ରାଜ୍ୟ ସରକାର। ତେଣୁ ଚଳିତ ରଥଯାତ୍ରା ସମୟରେ ରଥଯାତ୍ରାକୁ ଶୃଙ୍ଖଳିତ ଢଙ୍ଗରେ ଆୟୋଜିତ କରିବାକୁ ସରକାର ପୂରା ଜୋର୍ ଲଗାଇ ଦେଇଥିବା ବେଳେ ଘୋଷଯାତ୍ରା ମଝିରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରି ରିସ୍କ ନେବାକୁ ଚାହୁଁନାହାନ୍ତି। ଘୋଷଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବା ପରେ ହିଁ ମୁଖ୍ୟମନ୍ତ୍ରୀ ନିଜ ଟିମର ସମ୍ପ୍ରସାରଣ କରିବେ। ସମ୍ପ୍ରସାରଣ ପାଇଁ ଗତ ▶ପୃଷ୍ଠା-୭

# ଇରାନ ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ କଲେ ଆକ୍ରମଣ ହେବ



ୱାସିଂଟନ, ୨୫।୬(ଏଜେନ୍ସି): ଇରାନର ତିନିଟି ପରମାଣୁ କେନ୍ଦ୍ରକୁ ବୋମାମାଡ଼ ଆକ୍ରମଣ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଦିଆଯାଇଛି। ଏହାସତ୍ତ୍ୱେ ଇରାନ ପୁଣି ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ କଲେ ଆମେରିକା ଆକ୍ରମଣ କରିବାକୁ ପଛାଇବ ନାହିଁ। ଆଜି ଏଭଳି ଧମକ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ସେ କହିଛନ୍ତି ଯେ ଇରାନର ପରମାଣୁ କେନ୍ଦ୍ର ଏଭଳି କ୍ଷତିଗ୍ରସ୍ତ ହୋଇଛି ଯେ ନିକଟ ଭବିଷ୍ୟତରେ ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଏହା ସମର୍ଥ ହୋଇପାରିବ ନାହିଁ। ବୋମାମାଡ଼ରେ ଇରାନୀ ପରମାଣୁ କେନ୍ଦ୍ରର ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ ବୋଲି ଆମେରିକୀୟ ପ୍ରତିରକ୍ଷା ବିଭାଗର ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏହାକୁ ମିଛ କହିଛନ୍ତି ଟ୍ରମ୍ପ। ବିବିସି ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଆମେରିକାର ବୋମାମାଡ଼ ପରେ ସେହି ଦେଶର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ଏକ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତ କରିଛି। ଏହି ରିପୋର୍ଟ କେତେକ ଗଣମାଧ୍ୟମରେ ପ୍ରଘଟ ହୋଇଛି। ପେଣ୍ଟାଗନ ରିପୋର୍ଟରେ କୁହାଯାଇଛି ଯେ ଇରାନୀ ପରମାଣୁ କେନ୍ଦ୍ର ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ। ପେଣ୍ଟାଗନ ଏମିତି କୌଣସି ରିପୋର୍ଟ ପ୍ରସ୍ତୁତ କରିନାହିଁ ଏବଂ ଏହା ଫେକ୍ ନ୍ୟୁଜ୍ ବୋଲି ଉଲ୍ଲେଖ କହିଛନ୍ତି ଟ୍ରମ୍ପ। ବୋମାମାଡ଼ ପୂର୍ବରୁ ଇରାନ ଏହାର ପରମାଣୁ କେନ୍ଦ୍ରରୁ ୪୦୦ କିଲୋଗ୍ରାମ ଓଜନର ୟୁରାନିୟମ୍ ହଟାଇନେଇଥିଲା ବୋଲି ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହାକୁ ମଧ୍ୟ ମିଛ ବୋଲି କହିଛନ୍ତି ଟ୍ରମ୍ପ। ହ୍ୱାଇଟ୍ ହାଉସ୍ ପକ୍ଷରୁ ମଧ୍ୟ ବିବୃତି ଜାରି କରି କୁହାଯାଇଛି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଡୁଆରେ ପକାଇବା ଲାଗି ଏଭଳି ମିଛ ଖବର ପ୍ରକାଶ ପାଉଛି।

■ ମାନିଲା ଇରାନ, ପରମାଣୁ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି

■ ବିଶେଷ କ୍ଷତିଗ୍ରସ୍ତ ହୋଇନି: ପେଣ୍ଟାଗନ୍ ରିପୋର୍ଟ

ଗଣମାଧ୍ୟମ ସହିତ ଆଜି କଥାବାର୍ତ୍ତା ବେଳେ ଟ୍ରମ୍ପ କହିଲେ ଯେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବନ୍ଦ ରହିଛି। ସେମାନେ ଆଉ ଯୁଦ୍ଧ କରିବେ ନାହିଁ। ଏହି ଯୁଦ୍ଧ ବନ୍ଦ କରିବା ଲାଗି ଇରାନର ପରମାଣୁ କେନ୍ଦ୍ର ଉପରେ ସେ ବୋମାମାଡ଼ କରିଥିଲେ। ଏହି ବୋମାମାଡ଼କୁ ସେ ହିରୋସିମା ପରମାଣୁ ଆକ୍ରମଣ ସହ ତୁଳନା କରିଥିଲେ। ସେ କହିଥିଲେ ଯେ ଇରାନ ଓ ଇସ୍ରାଏଲ ସ୍କୁଲ ପିଲା ଭଳି ଲଢୁଥିଲେ। ସେମାନଙ୍କୁ ବନ୍ଦ କରିବା ଲାଗି ଏଭଳି ବୋମାମାଡ଼ କରାଯାଇଥିଲା। ଯୁଦ୍ଧବିରତି ଉଲ୍ଲଂଘନ ପରେ ସେ ଦେଇଥିବା ଅଶ୍ଳୀଳ ମନ୍ତବ୍ୟ ସଂପର୍କରେ ପ୍ରଶ୍ନ ହେବାରୁ ସେ କହିଲେ ଇରାନ ଓ ଇସ୍ରାଏଲ ସ୍କୁଲ ପିଲାଙ୍କ ପରି ଲଢୁଥିଲେ। ସେମାନଙ୍କୁ ରାସ୍ତାକୁ ଆଣିବା ଲାଗି ଏଭଳି ଭାଷା ଜରୁରି। ସେମାନେ ୧୨ ଦିନ ଧରି ଯୁଦ୍ଧ ଚଳାଇଥିଲେ ଏବଂ ଏଥିରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। ଆମେରିକା ବୋମାମାଡ଼ କରିନଥିଲେ ସେମାନେ ଏବେ ବି ଯୁଦ୍ଧ ଜାରି ରଖିଥାଆନ୍ତେ।

ଇତିମଧ୍ୟରେ ଇରାନ ପ୍ରଥମ ଥର ଲାଗି ସ୍ୱୀକାର କରିଛି ଯେ ଆମେରିକାର ବୋମାମାଡ଼ରେ ଏହାର ତିନିଟି ଯାକ ପରମାଣୁ କେନ୍ଦ୍ର ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଇରାନ ବିଦେଶ ବିଭାଗର ମୁଖପାତ୍ର କହିଛନ୍ତି, ଇରାନର ପରମାଣୁ କେନ୍ଦ୍ର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି, ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ଏସଂପର୍କରେ ସେ ଅଧିକ କିଛି ତଥ୍ୟ ଦେବାକୁ ମନା କରିଦେଇଛନ୍ତି। ଏହାପୂର୍ବରୁ ଇରାନ କହୁଥିଲା ଯେ ଆମେରିକାର ବୋମାମାଡ଼ରେ ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇନାହିଁ। ସୂଚନାଯୋଗ୍ୟ ଯେ ଜୁନ୍ ୨୨ ତାରିଖରେ ଆମେରିକାର ବି-୨ ବୋମାବର୍ଷୀ ବିମାନ ଇରାନ ନତାଞ୍ଜ, ଫରଦୋ ଏବଂ ଇସଫାହାନ ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ବୋମାମାଡ଼ କରି ଧ୍ୱସ୍ତ କରିଦେଇଥିଲା।

# ନାଟୋ ଶିଖର ସମ୍ମିଳନୀରେ ଟ୍ରମ୍ପଙ୍କ ଏଜେଣ୍ଡାକୁ ବିରୋଧ

ହେଗ୍, ୨୫।୬ (ଏଜେନ୍ସି): ନେଦରଲାଣ୍ଡର ହେଗ୍ ସହରରେ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ (ନାଟୋ ସମ୍ମିଳନୀ) ଚାଲିଛି। ଏହାର ଦ୍ୱିତୀୟ ଦିନରେ ବୁଧବାର ଅନେକ ପ୍ରମୁଖ ବୈଠକ ବସିଛି। ନାଟୋ ଇତିହାସରେ ଏହାକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୈଠକ କୁହାଯାଉଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଏହି ସମ୍ମିଳନୀ ଚାଲିଛି। ଏହି ବୈଠକରେ ବି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍କା ଲାଗିଛି। ଟ୍ରମ୍ପଙ୍କ ଦାବି ଅନୁଯାୟୀ ପ୍ରତିରକ୍ଷା ବ୍ୟୟରେ ୟୁରୋପୀୟ ଦେଶ ଗୁଡିକର ଅଂଶଧନ ବୃଦ୍ଧି କରିବାକୁ ଏଜେଣ୍ଡା ରଖା ଯାଇଛି। ସବୁ ସଦସ୍ୟ ରାଷ୍ଟ୍ର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା ଉପରେ ଖର୍ଚ୍ଚ କରନ୍ତୁ ବୋଲି ଟ୍ରମ୍ପ ଚାହୁଁଛନ୍ତି। କିନ୍ତୁ ଏବେ ୟୁରୋପୀୟ ରାଷ୍ଟ୍ରଗୁଡିକର ମୋଟ ଯୋଗଦାନ ମାତ୍ର ୩୦ ପ୍ରତିଶତ ରହିଛି। ଏହା ଜିଡିପିର କେବଳ ୨ ପ୍ରତିଶତ। ଆମେରିକା ନାଟୋକୁ ବହୁତ ଅର୍ଥ ଦେଉଛି, କିନ୍ତୁ ଅନ୍ୟ ଦେଶ ନିଜ ଦାୟିତ୍ୱ ଠିକ୍‌ରେ ନିର୍ବାହ କରୁନାହାନ୍ତି ବୋଲି ଟ୍ରମ୍ପ କହୁଛନ୍ତି। ମାତ୍ର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବାକୁ ସ୍ପେନ ସିଧା ମନା କରିଦେଇଛି। ସେହିପରି ଫ୍ରାନ୍ସ, ଇଟାଲୀ ଏବଂ କାନାଡ଼ା ମଧ୍ୟ ଟ୍ରମ୍ପଙ୍କ ସହ ସହମତ ନାହାନ୍ତି।

■ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ ମନାକଲା ସ୍ପେନ

■ ଫ୍ରାନ୍ସ, ଇଟାଲୀ, କାନାଡ଼ାର ବି ବିରୋଧ

■ ଆର୍ଟିକିଲ୍-୫କୁ ନେଇ ମତଭେଦ

ଏହା ପୂର୍ବରୁ ସଂଗଠରେ ମତଭେଦ ଥିବା ସାମ୍ନାକୁ ଆସିଥିଲା। ନାଟୋ ଦେଶଙ୍କ ପ୍ରତିରକ୍ଷା ଖର୍ଚ୍ଚକୁ ନେଇ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ମତଭେଦ ହୋଇଥିଲା। ନାଟୋ ମହାସଚିବ ମାର୍କ ରୁଟେ କହିଥିଲେ ଯେ ସଂଗଠନ ୟୁକ୍ରେନ ଭଳି ସମସ୍ୟାର ସମାଧାନ କରିପାରିବ। କିନ୍ତୁ ଟ୍ରମ୍ପ ନାଟୋର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଆର୍ଟିକିଲ୍-୫ (ପରସ୍ପରର ସୁରକ୍ଷା ପ୍ରତିଶ୍ରୁତି) ଉପରେ ପ୍ରତ୍ୟକ୍ଷ ସମର୍ଥନ ଦେବାକୁ ମନା କରିଦେଇଛନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ନେଇ ଦ୍ୱିତୀୟ ଦିନରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି ପ୍ରତିରକ୍ଷା ବଜେଟକୁ ନେଇ ଟ୍ରମ୍ପଙ୍କ ଆଭିମୁଖ୍ୟ ଉପରେ ମଧ୍ୟ ୟୁରୋପୀୟ ଦେଶଗୁଡିକ ଅନେକ ନିଷ୍ପତ୍ତି ନେଇପାରନ୍ତି। ନାଟୋରେ ମତଭେଦ ଥିବା ସମୟରେ ଟ୍ରମ୍ପଙ୍କୁ ଲକ୍ଷ୍ୟ ରଖି ରୁଟେ ଏକ ନୂଆ ପ୍ରସ୍ତାବ ରଖିଛନ୍ତି। ସେ ସଦସ୍ୟ ଦେଶଙ୍କୁ ଜିଡିପିର ୩.୫ ପ୍ରତିଶତ ସିଧାସଳଖ ସେନା ଏବଂ ଅସ୍ତ୍ରଶସ୍ତ୍ର ଉପରେ ଖର୍ଚ୍ଚ କରିବାକୁ କହିଛନ୍ତି। ଆଉ ୧.୫ ପ୍ରତିଶତ ପ୍ରତିରକ୍ଷା ସମ୍ବନ୍ଧିତ ଖର୍ଚ୍ଚ ଉପରେ କରିବାକୁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଏହି ଲକ୍ଷ୍ୟ ହାସଲ କରିବାକୁ ୟୁରୋପୀୟ ଦେଶଗୁଡିକ ପାଇଁ ଆହୁରି ୧୦ ବର୍ଷ ଲାଗିଯିବ। କିନ୍ତୁ ସ୍ପେନ ଏହାକୁ ବିରୋଧ କରିଛି।

## ଏମର୍ଜେନ୍ସିକୁ ୫୦ ବର୍ଷ: ମୌନ ପ୍ରାର୍ଥନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ଏମର୍ଜେନ୍ସିକୁ ବୁଧବାର ୫୦ ବର୍ଷ ପୂରଣ ହୋଇଛି। ୧୯୭୫ ଜୁନ୍ ୨୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ସ୍ଥିତି ଘୋଷଣା କରିଥିଲେ। ଏହା ୧୯୭୭ ମାର୍ଚ୍ଚ ୨୧ ଅର୍ଥାତ୍ ୨୧ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ବିଜେପି ଏହି ଦିନକୁ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରୁଛି। ଏମର୍ଜେନ୍ସିକୁ ନେଇ ଏବେ ରାଜନୀତି ଜୋର ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି କ୍ୟାବିନେଟ ବୈଠକ ବସିଛି। ଏଥିରେ ଏକ ପ୍ରସ୍ତାବ ପାରିତ କରାଯାଇଛି। ପୀଡ଼ିତଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ପାଇଁ ୨ ମିନିଟ୍‌ର ମୌନ ପ୍ରାର୍ଥନା କରାଯାଇଛି। ସେହିପରି କ୍ୟାବିନେଟ ବୈଠକରେ ତିନୋଟି ବଡ଼ ନିଷ୍ପତ୍ତି ନିଆଯାଇଛି। ପୁନେ ମେଟ୍ରୋର ସମ୍ପ୍ରସାରଣ ଲାଗି ୩୬୨୬ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ଝାଡ଼ଖଣ୍ଡର ଝରିଆ ଅଣ୍ଡରଗ୍ରାଉଣ୍ଡ ଫାୟର ଲାଗି ୫୯୪୦ କୋଟି ଟଙ୍କାର ସଂଶୋଧିତ ମାଷ୍ଟର ପ୍ଲାନକୁ ଅନୁମୋଦନ ଦିଆଯାଇଛି। ଆଗ୍ରାରେ ୧୧୧ କୋଟି ବ୍ୟୟରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି।



■ କଂଗ୍ରେସ ଗଣତନ୍ତ୍ରକୁ କଏଦ କରିଥିଲା: ମୋଦୀ

■ ମିଛ ଲୁଚାଇବାକୁ ନାଟକ କରୁଛନ୍ତି: ଖଡ଼୍‌ଗେ

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଜରୁରୀକାଳୀନ ସ୍ଥିତିକୁ ନେଇ କଂଗ୍ରେସକୁ ନିଶାଣ କରିଥିଲେ। ସେ ସାମାଜିକ ଗଣମାଧ୍ୟମରେ ଲେଖିଥିଲେ ଯେ ଆଜିର ଦିନରେ କଂଗ୍ରେସ ଗଣତନ୍ତ୍ରକୁ କଏଦ କରି ନେଇଥିଲା। ଗଣମାଧ୍ୟମର ସ୍ୱାଧୀନତାକୁ ଶେଷ କରି ଦେଇଥିଲା। ସଂସଦର ସ୍ୱରକୁ ଚପାଇ ଦିଆଯାଇଥିଲା। ଅଦାଲତକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରାଯାଇଥିଲା। ଏହା ଭାରତର ଗଣତାନ୍ତ୍ରିକ ଇତିହାସର ସବୁଠୁ କଳା ଅଧ୍ୟାୟ ଥିଲା। ଭାରତର ଗଣତାନ୍ତ୍ରିକ ସିଦ୍ଧାନ୍ତକୁ ରକ୍ଷା କରିବା ଆମର କର୍ତ୍ତବ୍ୟ। ସ୍ୱାଧୀନତା ସଂଗ୍ରାମୀଙ୍କ ସାମୂହିକ ଉଦ୍ୟମ ଲାଗି କଂଗ୍ରେସ ସରକାର ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା ସହିତ ନିର୍ବାଚନ କରାଇ ଥିଲେ। କିନ୍ତୁ ଏଥିରେ ଶୋଚନୀୟ ପରାଜୟବରଣ କରିଥିଲେ। ଏମର୍ଜେନ୍ସି ବିରୋଧରେ ଲଢିଥିବା ବ୍ୟକ୍ତିଙ୍କୁ ମୋଦୀ ସଲାମ କରିଛନ୍ତି।

ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନମନ୍ତ୍ରୀଙ୍କୁ ଜବାବ ଦେଇଛନ୍ତି। ଏମାନେ ନିଜ ଭୁଲ୍ ଛପାଇବା ପାଇଁ ନାଟକ କରୁଥିବା କହିଛନ୍ତି। ଦେଶର ସ୍ୱାଧୀନତା ଆନ୍ଦୋଳନ ଏବଂ ସମ୍ବିଧାନ ନିର୍ମାଣରେ ଯାହାର କୌଣସି ଯୋଗଦାନ ନାହିଁ ସେ ସବୁବେଳେ ସମ୍ବିଧାନ ବିରୋଧରେ ଆଲୋଚନା କରୁଛନ୍ତି। ଆମ୍ବେଦକର, ନେହେରୁ ଏବଂ ସମ୍ବିଧାନ ସଭା ଯେଉଁ ସମ୍ବିଧାନ ପ୍ରସ୍ତୁତ କରିଥିଲା ତାହାକୁ ସେମାନେ ରାମଲୀଳା ମୈଦାନରେ ଜଳାଇ ଥିଲେ। ଆମ୍ବେଦକର, ନେହେରୁ, ଗାନ୍ଧୀଙ୍କ ଫଟୋ ମଧ୍ୟ ଜଳାଇ ଥିଲେ। ସମ୍ବିଧାନରେ ମନୁସ୍ମୃତିର ଅଂଶ ନ ଥିବାରୁ ସେମାନେ ଏହାକୁ ମାନୁନାହାନ୍ତି।

ବିବାହକୁ ନେଇ ହୋଇଥିଲା ବିବାଦ

## ବୁର୍ଖା ପିନ୍ଧି ଘରେ ପଶିଲା; ଛାତରୁ ଠେଲି ଯୁବତୀଙ୍କୁ ମାରିଲା

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ଦିଲ୍ଲୀର ଅଶୋକ ନଗର ଅଞ୍ଚଳରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଜଣେ ଯୁବକ ବୁର୍ଖା ପିନ୍ଧି ଯୁବତୀଙ୍କ ଘରେ ପଶିଛି। ପରେ ଯୁବତୀଙ୍କୁ ୫ମ ମହଲାରୁ ଧକ୍କା ଦେଇ ହତ୍ୟା କରିଛି। ଛାତରୁ ପଡ଼ିବା ପରେ ପୀଡ଼ିତା ନେହା (୧୯)ଙ୍କୁ ଜିଟିବି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ସକାଳ ୮ଟା୩୦ରେ ଏହି ଘଟଣା ଘଟିଥିଲା ବେଳେ ବୁଧବାର ଏହା ସାମ୍ନାକୁ ଆସିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତ ତୌଫିକ (୨୬)କୁ ଗିରଫ କରିଛି। ସେ ଉତ୍ତର ପ୍ରଦେଶ ରାମପୁରର ବାସିନ୍ଦା। ଘଟଣା ଦିନଠାରୁ ସେ ଫେରାର ହୋଇ ଯାଇଥିଲା। ପୁଲିସ ସୂଚନା ଅନୁଯାୟୀ ପରିଚୟ ଲୁଚାଇବା ପାଇଁ ତୌଫିକ ବୁର୍ଖା ପିନ୍ଧି ନେହାଙ୍କ ଘରେ ପ୍ରବେଶ କରିଥିଲା। ସିସିଟିଭି ଫୁଟେଜରୁ ଜଣେ ବ୍ୟକ୍ତି ଘରେ ପଶୁଥିବା ଏବଂ ବାହାରୁଥିବା ଦେଖାଯାଉଛି। ଉଭୟେ କିଛି ଦିନ ହେଲା ପରସ୍ପରକୁ ଭଲ ପାଉଥିଲେ। ତୌଫିକର ବିବାହ ଆଉ ଜଣେ ଯୁବତୀଙ୍କ ସହ ହୋଇଥିବା ନେହା ଜାଣିବା ପରେ ୫ମ ମହଲାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ତୌଫିକ ତାଙ୍କୁ ଧକ୍କା ଦେଇଥିଲା। ନେହାଙ୍କ ପରିବାର ଲୋକ ଉଭୟଙ୍କ ମଧ୍ୟରେ ସମ୍ବନ୍ଧ ନ ଥିବା କହିଛନ୍ତି। ନେହା ତାକୁ ରାକ୍ଷୀ ବାନ୍ଧୁଥିଲା। କିନ୍ତୁ କିଛି ଦିନ ହେଲା ବିବାହ ପାଇଁ ନେହା ଉପରେ ତୌଫିକ ଚାପ ପକାଉ ଥିଲା।

## ରାସାୟନିକ କାରଖାନାରେ ନିଆଁ; ୪ ମୃତ

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ନୂଆଦିଲ୍ଲୀର ରିଠାଲା ଅଞ୍ଚଳର ମେଟ୍ରୋ ଷ୍ଟେସନ ନିକଟରେ ଥିବା ଏକ ରାସାୟନିକ କାରଖାନାରେ ବୁଧବାର ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଛି। କିଛି ଲୋକ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଏହାର ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଛି। ୧୬ଟି ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ଲାଗିଛି। ଏହା ନିକଟରେ ଏକ ଆବାସିକ ଅଞ୍ଚଳ ଅଛି। ଏଠାରେ ନିୟମ ପାଳନ ନ କରି ଅନେକ କାରଖାନା ଚାଲୁଅଛି। ଏଥିଯୋଗୁଁ ନିରୀହ ଲୋକମାନେ ପ୍ରବାହିତ ହେଉଛନ୍ତି। ସୂଚନା ଅନୁଯାୟୀ କାରଖାନାର କାନ୍ଥ ଭାଙ୍ଗିବା ପାଇଁ ଜେସିବି ମେସିନର ସାହାଯ୍ୟ ମଧ୍ୟ ନିଆଯାଉଛି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ବାଦଲଫଟା ବର୍ଷା; ଭାସିଗଲେ ୨୦ ଶ୍ରମିକ

ଧର୍ମଶାଳା, ୨୫।୬ (ଏଜେନ୍ସି): ହିମାଚଳ ପ୍ରଦେଶର ଧର୍ମଶାଳାରେ ବୁଧବାର ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ଖନିୟାରା ଅଞ୍ଚଳର ସୋକଣି ଦାକୋଟ ସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ହାଇଡ୍ରାଲ ପ୍ରୋଜେକ୍ଟରେ କାମ କରୁଥିବା ୧୫-୨୦ ଶ୍ରମିକ ମନୁଣୀ ଖଡ ନଦୀର ପ୍ରଖର ସୁଅରେ ଭାସି ଯାଇଛନ୍ତି। ଏ ପର୍ଯ୍ୟନ୍ତ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କ ସନ୍ଧାନ ଜାରି ରହିଛି। ଅନ୍ୟ ଦିନରେ ମନୁଣୀ ନଦୀ ଶୁଖି ଯାଇଥାଏ। କିନ୍ତୁ ବର୍ଷା ଯୋଗୁଁ ଅଚାନକ ବନ୍ୟା ଆସି ଯାଇଥିଲା। ନଦୀ କୂଳରେ ଅସ୍ଥାୟୀ ଘର ନିର୍ମାଣ କରି ଏହି ଶ୍ରମିକ ରହୁଥିଲେ। ତେଣୁ ବନ୍ୟା ସଂସ୍ପର୍ଶରେ ଆସି ଯାଇଥିଲେ। ସେହିପରି କୁଲୁ ଜିଲ୍ଲାର ଜିଭା ନଳାରେ ବାପା-ଝିଅ ସମେତ ୩ ଜଣ ଭାସି ଯାଇଛନ୍ତି। ସେହିପରି ବୁଧବାର ସକାଳେ ହଲଦ୍ୱାନୀରେ ଏକ କାର୍ କେନାଲରେ ଭାସି ଯାଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଛି।

# ପରକୀୟା ପ୍ରୀତି, ଋଣ, ଆଉ ହତ୍ୟା

ପ୍ରେମିକ ସହ ମିଶି ସ୍ୱାମୀକୁ ମାରିଲା ସ୍ତ୍ରୀ

ଅମରାବତୀ, ୨୫।୬ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ରାଜା ରଘୁବଂଶୀଙ୍କୁ ସିଲଂରେ ହତ୍ୟା କରିବା ମାମଲାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଛି। ଏଭଳି ସମୟରେ ଆନ୍ଧ୍ର ପ୍ରଦେଶରୁ ଏହାଠାରୁ ଜଘନ୍ୟ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ପ୍ରେମିକ ସହ ମିଶି ଗୁଣ୍ଡା ଲଗାଇ ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଛି। ପରେ ମୃତଦେହକୁ କେନାଲରେ ଫୋପଡ଼ା ଯାଇଛି। କେନାଲରୁ ମୃତଦେହ ଉଦ୍ଧାର ହେବାର ଦିନକ ପରେ ପୁଲିସ ମାମଲାର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ଅଭିଯୁକ୍ତ ସ୍ତ୍ରୀ, ଶାଶୁ ଏବଂ ତିନି ଗୁଣ୍ଡାଙ୍କ ସମେତ ୮ ଜଣଙ୍କୁ ପୁଲିସ ଗିରଫ କରିଛି। ପରକୀୟାପ୍ରୀତି, ପ୍ରେମ, ଋଣ ପାଇଁ ଆଉ ଜଣେ ନିରୀହଙ୍କ ଜୀବନ ଚାଲିଯାଇଛି।

ସୂଚନା ଅନୁଯାୟୀ ମେ' ୧୮ ତାରିଖରେ କୁର୍ଣ୍ଣୁଲର ଐଶ୍ୱର୍ଯ୍ୟା (୨୩) ତେଲଙ୍ଗାନା ଗଡ଼ୱାଲର ଭୂ-ସର୍ବେକ୍ଷକ ତଥା ନୃତ୍ୟଶିଳ୍ପୀ ତେଜେଶ୍ୱର (୨୬)ଙ୍କୁ ବିବାହ କରିଥିଲେ। ତେଜେଶ୍ୱରଙ୍କୁ ସେ ଭଲ ପାଉଥିବା ନେଇ ବୁଝାଇବାରେ ସଫଳ ହୋଇଥିଲେ। କିନ୍ତୁ ଏହାର ମାସକ ପରେ ସ୍ୱାମୀ ନିଖୋଜ ହୋଇ ଯାଇଥିଲେ। ଏହା ପରେ ପୁଲିସ ତଦନ୍ତ କରି ଐଶ୍ୱର୍ଯ୍ୟା ଏବଂ ତାଙ୍କ ମାଆଙ୍କୁ ଗିରଫ କରିଥିଲା। ପୁଲିସ ସୂଚନା ଅନୁଯାୟୀ ଏକ ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ କର୍ପୋରେସନ (ଏନବିଏଫସି)ରେ ବିବାହିତ ବ୍ୟାଙ୍କ ମ୍ୟାନେଜର ତିରୁମାଲା ରାଓଙ୍କ ସହ ଐଶ୍ୱର୍ଯ୍ୟାଙ୍କ ପରକୀୟାପ୍ରୀତି ଥିଲା। ସେ ତାଙ୍କ ସହ ମିଶି ସ୍ୱାମୀଙ୍କୁ ମାରିବା ପାଇଁ ତିନି ଜଣଙ୍କୁ ଠିକ୍ କରିଥିଲେ। ଏହି ତିନି ଜଣ ଋଣ ନେବାକୁ ବ୍ୟାଙ୍କକୁ ଆସିଥିଲେ। କିନ୍ତୁ ୨ ଲକ୍ଷ ଟଙ୍କା ଅଗ୍ରୀମ ଏବଂ ଋଣ ପ୍ରତିଶ୍ରୁତ ଦେଇ ତେଜେଶ୍ୱରଙ୍କୁ ମାରିବାକୁ କହିଥିଲେ। ଐଶ୍ୱର୍ଯ୍ୟାଙ୍କ ମାଆ ସୁଜାତା ମଧ୍ୟ ସେହି ବ୍ୟାଙ୍କରେ ଝାଡୁଦାର ଭାବେ କାମ କରୁଥିଲେ। ସୁଜାତାଙ୍କ ସହ ମଧ୍ୟ ବ୍ୟାଙ୍କ ମ୍ୟାନେଜରଙ୍କ ଅବୈଧ ସମ୍ପର୍କ ଥିଲା। ବିବାହ ପୂର୍ବରୁ ମାଆଙ୍କ ଅନୁପସ୍ଥିତିରେ ସେହି ବ୍ୟାଙ୍କକୁ କାମ କରିବାକୁ ଯାଉଥିଲେ। ସେଠାରେ ରାଓଙ୍କ ସହ ତାଙ୍କ ଚିହ୍ନା ପରିଚୟ ହୋଇଥିଲା। ଉଭୟେ ପରସ୍ପରକୁ ଭଲ ପାଇ ବସିଥିଲେ। ଐଶ୍ୱର୍ଯ୍ୟା ତାଙ୍କୁ ବାହା ହେବାକ ମଧ୍ୟ ଚାହୁଁଥିଲେ। କିନ୍ତୁ ଏଥିରେ ମାଆ ବାଧକ ସାଜିଥିଲେ। ପୂର୍ବରୁ ଫେବୃଆରୀ ୧୩ ତେଜେଶ୍ୱରଙ୍କ ସହ ତାଙ୍କ ବିବାହ ହୋଇଥାନ୍ତା। କିନ୍ତୁ ଝିଅ ନ ମଙ୍ଗିବାରୁ ବିବାହକୁ ମାଆ ଘୁଞ୍ଚାଇ ଦେଇଥିଲେ। ମାଆ ଯୌତୁକ ଦେବାକୁ ଅସମର୍ଥ କରି ତେଜେଶ୍ୱରକୁ ଐଶ୍ୱର୍ଯ୍ୟା ବୁଝାଇ ଥିଲେ। ଐଶ୍ୱର୍ଯ୍ୟାଙ୍କ ପରକୀୟାପ୍ରୀତି ବିଷୟରେ ଜାଣି ବି ସେ ବିନା ଯୌତୁକରେ ବାହାହେବାକୁ ରାଜି ହୋଇଥିଲେ। କିନ୍ତୁ ପରେ ସବୁ ବଦଳି ଗଲା।

୯ ବର୍ଷ ହେଲା ବାହା ହୋଇଥିବା ସତ୍ତ୍ୱେ ରାଓଙ୍କ କୌଣସି ପିଲାପିଲି ନ ଥିଲା। ତେଣୁ ସେ ଅନେକ ଥର ନିଜ ସ୍ତ୍ରୀକୁ ମାରିବାକୁ ମଧ୍ୟ ପ୍ରୟାସ କରିଥିଲେ। ଫେବୃଆରୀରୁ ଜୁନ୍ ମଧ୍ୟରେ ଐଶ୍ୱର୍ଯ୍ୟା ରାଓଙ୍କ ସହ ୨ ହଜାର ଥର କଥା ହୋଇଥିଲେ। ବୋହୁ ସବୁବେଳେ କଥା ହେଉଥିବା ଦେଖି ଶାଶୂ ଘର ଲୋକ ବିରୋଧ କରୁଥିଲେ। କିନ୍ତୁ ସେ ଏହାକୁ ନେଇ ଝଗଡା କରିଥିଲେ ଏବଂ ମା ସହ କଥା ହେଉଥିବା କହିଥିଲେ। ପରେ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଗତ ୧୮ ତାରିଖରେ ତେଜେଶ୍ୱର ନିଖୋଜ ହୋଇ ଯାଇଥିଲେ। ତାଙ୍କୁ ଗୁଣ୍ଡା ଜଣି ସର୍ବେକ୍ଷଣ ନାମରେ କାରରେ ନେଇ ତଣ୍ଟି କାଟି ଏବଂ ମୁଣ୍ଡକୁ ବାଡେଇ ହତ୍ୟା କରିଥିଲେ।



ଭିଡିଓ ଏବଂ ଫଟୋ ରାଓଙ୍କ ପାଖକୁ ପଠାଇ କେନାଲରେ ଫୋପାଡ଼ି ଦେଇଥିଲେ। ଏହା ପରେ ରାଓ ଐଶ୍ୱର୍ଯ୍ୟାଙ୍କ ସହ ଲଦାଖ ପଳାଇବାକୁ ଯୋଜନା କରିଥିଲେ। କିନ୍ତୁ ଆନ୍ଧ୍ର ଏବଂ ତେଲଙ୍ଗାନା ପୁଲିସ ମାମଲାର ପର୍ଦ୍ଦାଫାସ କରିଥିଲା।

## ପୂର୍ବତନ ମନ୍ତ୍ରୀ ମଜାଠିଆ ଗିରଫ

ଅମୃତସର, ୨୫।୬ (ଏଜେନ୍ସି): ପଞ୍ଜାବର ପୂର୍ବତନ ମନ୍ତ୍ରୀ ବିକ୍ରମ ମଜାଠିଆଙ୍କୁ ବୁଧବାର ରାଜ୍ୟ ଭିଜିଲାନ୍ସ ଗିରଫ କରିଛି। ଆୟରୁ ଅଧିକ ସମ୍ପତ୍ତି ଠୁଳ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅମୃତସରରୁ ଗିରଫ କରି ତାଙ୍କୁ ମୋହାଲି ନିଆଯାଇଛି। ସେଠାରେ ତାଙ୍କୁ କୋର୍ଟରେ ଉପସ୍ଥାପନ କରାଯିବ। ତେବେ ଏହା ପୂର୍ବରୁ ଅକାଳି ଦଳର ସମର୍ଥକ କୋର୍ଟ ବାହାରେ ପହଞ୍ଚି ଗିରଫ ଏବଂ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ସୂଚନା ଅନୁଯାୟୀ ବୁଧବାର ସକାଳେ ଭିଜିଲାନ୍ସ ଟିମ ମଜାଠିଆଙ୍କ ଅମୃତସରର ଗ୍ରୀନ ଆଭିନ୍ୟୁ ସ୍ଥିତ ଘରେ ପହଞ୍ଚି ଥିଲା। ଏଠାରେ ଭିଜାଲାନ୍ସ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଚଢଉ ହୋଇଥିଲା। ବିକ୍ରମଙ୍କ ଘରୁ ୨୯ଟି ମୋବାଇଲ ଫୋନ, ୪ଟି ଲ୍ୟାପଟପ୍, ୨ଟି ଆଇପ୍ୟାଡ, ୮ ଡାଏରୀ ଏବଂ ଅନ୍ୟ କାଗଜପତ୍ର ଜବତ କରାଯାଇଛି। ରାଜନୈତିକ ଆକ୍ରୋଶ ରଖି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ମଜାଠିଆ କହିଛନ୍ତି।

## ବାସନ ମାଜିବାକୁ କହିବାରୁ ମା'କୁ ହତ୍ୟା

କାନପୁର, ୨୫।୬ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁରରୁ ଜଘନ୍ୟ ମାମଲା ସାମ୍ନାକୁ ଆସିଛି। ବାସନ ମାଜିବାକୁ କହିବାରୁ ଦ୍ୱାଦଶ ଶ୍ରେଣୀର ପଢୁଥିବା ପୁଅ ଉତ୍‌କ୍ଷିପ୍ତ ହୋଇ ଯାଇଛି। ସେ ରାଗି ଯାଇ ଓଢଣୀରେ ତଣ୍ଟି ଚିପି ମାଆକୁ ହତ୍ୟା କରିଛି। ମୃତଦେହକୁ ଖଟ ତଳେ ଥିବା



ବାକ୍ସରେ ଭର୍ତ୍ତି କରିଦେଇଛି। ଏହାର କିଛି ସମୟ ପରେ ସାନ ପୁଅ ବିଦ୍ୟାଳୟରୁ ଫେରିଥିଲା। ମାଆ କୁଆଡେ ଯାଇଛି ବୋଲି ବଡ଼ ଭାଇକୁ ପଚାରି ଥିଲା। କିନ୍ତୁ ବଡ଼ ଭାଇ କିଛି କହି ନ ଥିଲା। ସେ ଅନେକ ସମୟ ପର୍ଯ୍ୟନ୍ତ ମାଆକୁ ଖୋଜିଥିଲା। ଶେଷରେ ଘର ଭିତରେ ଥିବା ଖଟରେ ମା'ଙ୍କ ଓଢଣୀ ବାହାରକୁ ବାହାରିଥିବା ଦେଖିବାକୁ ପାଇଥିଲା। ବେଡ୍ ଖୋଲିବାରୁ ମା' ଚେତାଶୂନ୍ୟ ଥିବା ଦେଖିବାକୁ ପାଇଥିଲା। ପରେ ସାନ ପୁଅ ମାମୁଁଙ୍କୁ ଏବଂ ପୁଲିସକୁ ଏ ବିଷୟରେ ସୂଚନା ଦେଇଥିଲା। ପୁଲିସ ପହଞ୍ଚିବା ସମୟରେ ମା'ଙ୍କ ଶ୍ୱାସକ୍ରିୟା ଚାଲୁଥିଲା। ଏହା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ଏହି ଘଟଣା ଘଟିଥିଲା। ଏବେ ପୁଲିସ ଅଭିଯୁକ୍ତ ବଡ଼ ପୁଅକୁ ଗିରଫ କରିଛି।

## ଅଭିନନ୍ଦନଙ୍କୁ ଧରିଥିବା ପାକ୍ ମେଜରଙ୍କୁ ହତ୍ୟା

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ବାଲାକୋଟ ଏୟାର ଷ୍ଟ୍ରାଇକ (୨୦୧୯) ପରେ ଭାରତର ଲଢୁଆ ବିମାନ ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ଧରିବା ନେଇ ଦାବି କରୁଥିବା ପାକିସ୍ତାନ ମେଜର ସୈଦ ମୁଇଜଙ୍କୁ ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି) ହତ୍ୟା କରିଛି। ଏହି ଯବାନ ପାକିସ୍ତାନର ସ୍ୱତନ୍ତ୍ର ସର୍ଭିସ ଗ୍ରୁପର ଷଷ୍ଠ ପାକିସ୍ତାନ ଖୈବରପଖତୁନଖ୍ୱା ପ୍ରଦେଶରେ ଚାଲିଥିବା ଆତଙ୍କବାଦୀ ବିରୋଧୀ ଲଢେଇରେ ସେ ପ୍ରାଣ ହରାଇଛନ୍ତି। ଟିଟିପି ପକ୍ଷରୁ ମଧ୍ୟ ଏହି ଦାବି କରାଯାଇଛି। ୨୦୧୯ ଫେବୃଆରୀ ପୁରୁଣା ଲଢୁଆ ବିମାନ ମିଗ୍-୨୧ରୁ ଉଡ଼ାଣ କରି ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନକୁ ଧ୍ୱଂସ କରିବା ପରେ ୱିଙ୍ଗ କମାଣ୍ଡର ତଥା ଗ୍ରୁପ୍ କ୍ୟାପ୍ଟେନ ଅଭିନନ୍ଦନ ବର୍ଥମାନ ହିରୋ ପାଲଟି ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସଂଘର୍ଷ ସମୟରେ ତାଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ପାକିସ୍ତାନରେ ପଡ଼ିଥିଲା। ଏହା ପୂର୍ବରୁ ସେ ପାରାଚୁଟ ମାଧ୍ୟମରେ ବିମାନରୁ ସୁରକ୍ଷିତ ଭାବେ ପାକିସ୍ତାନରେ ଅବତରଣ କରିଥିଲେ। ପରେ ପାକିସ୍ତାନ ଯବାନ ତାଙ୍କୁ ଧରି ନେଇଥିଲେ। ଭାରତ ଚାପ ଯୋଗୁଁ ୫୮ ଘଣ୍ଟା ପରେ ପାକିସ୍ତାନ ତାଙ୍କୁ ଛାଡିଥିଲା।

## ଦିବ୍ୟାଙ୍ଗଙ୍କୁ ମାରି ଟ୍ରଙ୍କରେ ଲୁଚାଇଲେ ଦମ୍ପତି



ରାୟପୁର, ୨୫।୬ (ଏଜେନ୍ସି): ଯେଉଁ ଦିବ୍ୟାଙ୍ଗଙ୍କ ଯତ୍ନ ନେଉଥିଲେ ତାଙ୍କୁ ସମ୍ପତ୍ତି ଲୋଭରେ ହତ୍ୟା କରିଛନ୍ତି। ଆଉ ମୃତଦେହକୁ ଷ୍ଟିଲ ଟ୍ରଙ୍କରେ ଭର୍ତ୍ତି କରି ସିମେଣ୍ଟ ଦେଇ ନିବୁଜ କରିଦେଇଥିଲେ। ପ୍ରମାଣ ନଷ୍ଟ କରିବାକୁ କଲୋନୀରେ ଥିବା ଏକ ଶୂନଶାନ ସ୍ଥାନରେ ଏହାକୁ ଫୋପାଡ଼ି ଦେଇଥିଲେ। ପରେ ଘର ଭଡ଼ା ଦେଇ ଫେରାର ହୋଇଯାଇଥିଲେ। ଛତିଶଗଡ଼ ରାୟପୁରରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ଦମ୍ପତିଙ୍କୁ ପୁଲିସ ଦିଲ୍ଲୀ ବିମାବନ୍ଦରରୁ ଗିରଫ କରି ବୁଧବାର ରାୟପୁର ଆଣିଛି। ସୂଚନା ଅନୁଯାୟୀ ଅଙ୍କିତ ଉପାଧ୍ୟାୟ ଏବଂ ତାଙ୍କ ପତ୍ନୀ ଶିବାନୀ ଶର୍ମା ଦିବ୍ୟାଙ୍ଗ କିଶୋର ପାଇକରା (୪୫)ଙ୍କ ଯତ୍ନ ନେଉଥିଲେ। ନିଜ ନାମରେ ଥିବା ଏକ ଜମିକୁ କିଶୋର ୫୦ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ମାତ୍ର ଏଥିରେ ସମ୍ପୃକ୍ତ ଥିବା ଦମ୍ପତି ତାଙ୍କୁ ୩୦ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା କହିଥିଲେ। କିଶୋର ଏହା ଜାଣିବା ପରେ ବାକି ୨୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଏଥିପାଇଁ ଦମ୍ପତି ତାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଷଡ଼ଯନ୍ତ୍ର କରିଥିଲେ। ଗତ ୨୩ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। କିନ୍ତୁ ଦମ୍ପତିଙ୍କ କାର୍ଯ୍ୟକଳାପ ସିସିଟିଭିରେ କଏଦ ହୋଇ ଯାଇଥିଲା।

■ ରଥଖଳାରୁ...

# ତିନିରଥ ନିର୍ମାଣ ଶେଷ



ପୁରୀ,୨୫।୬(ସମିସ): ଦିନକ ପରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରଥଖଳାରେ ତିନିରଥ ନିର୍ମାଣ ଶେଷ ହୋଇଛି। ବୁଧବାର ତିନିରଥର ଠେକରାବାଡ଼ ବୁଲିବା ସହ ସଖୀଙ୍କୁ ସ୍ଥାପନ କରାଯାଇଛି। ସେହିପରି ନାଟଗୋଡ଼ ପାଖରେ ଦ୍ୱାରପାଳଙ୍କୁ ରଖାଯାଇଛି। ତିନିରଥର କନକମୁଣ୍ଡିରେ ପିତ୍ତଳ ସାମଗ୍ରୀ ଖଞ୍ଜାଯାଇ କନା ପକାଯାଇଛି। ଚିତ୍ରକର ସେବକମାନେ ତିନିରଥର ପ୍ରଭାରେ ରଙ୍ଗ କାମ ଶେଷ କରିଛନ୍ତି। ଏହାପରେ ପ୍ରଭା ଉଠିବ। ଭୋଇ ସେବକ ଏବଂ ମହାରଣା ସେବକ ମିଳିତ ଭାବେ ରଥ ଉପରକୁ ପ୍ରଭା ଉଠାଇବେ। ତିନିରଥର ବ୍ରେକ୍ କାମ ସରିବା ପରେ ସେଥିରେ ରଙ୍ଗ ମଧ୍ୟ ସରିଛି। କୋଠ ସୁଆଁସିଆ ସେବକମାନେ ରଥଗୁଡ଼ିକରେ କନା ପକାଇଛନ୍ତି। ଦରଜୀ ସେବକମାନେ ସାରଥି ପୋଷାକ, ବିଜେ ଚକା ପାଇଁ ବନାରସି ଜରି କନା ଖୋଳ ଏବଂ ଠାକୁରଙ୍କ ପିଠି, ମସ୍ତକ ପଶ୍ଚାତ ଭାଗ ପାଇଁ ଅପସର ତକିଆ ନିର୍ମାଣ କରିଛନ୍ତି।

# ୨୮ ରୁ ରତ୍ନଭଣ୍ଡାର ମରାମତି

ପୁରୀ,୨୫।୬(ସମିସ): ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ମୁଖ୍ୟ ପ୍ରଶାସକଙ୍କ ସହ ଏଏସ୍ଆଇର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ, ରତ୍ନଭଣ୍ଡାର ମରାମତି ଏବଂ ବାର୍ଷିକ ଯାଞ୍ଚ ବୈଠକର ମୁଖ୍ୟ ପ୍ରସଙ୍ଗ ରହିଥିଲା। ତେବେ ୨୭ ତାରିଖରେ ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଆଡ଼ପମଣ୍ଡପକୁ ଯାତ୍ରା କରିବେ। ତେଣୁ ୨୮ ତାରିଖରେ ଏଏସ୍ଆଇର ଉଚ୍ଚସ୍ତରୀୟ ଯୁଗ୍ମ କମିଟି ଶ୍ରୀମନ୍ଦିରର ବାର୍ଷିକ ଯାଞ୍ଚ କରିବ। ୨୮ରୁ ଜୁଲାଇ ୬ ତାରିଖ ମଧ୍ୟରେ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଭିତର ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟତଃ ଶେଷ ହୋଇଯାଇଛି। ଏଏସ୍ଆଇ ସଂରକ୍ଷକ ଚିତ୍ତରଞ୍ଜନ ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାର ସହ ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ଯାଞ୍ଚ ହେବ। ଆସନ୍ତା ୨୮ରୁ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଭିତର ରତ୍ନଭଣ୍ଡାରର ବାକି ଥିବା ସମସ୍ତ ମରାମତି କାର୍ଯ୍ୟ ଶେଷ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ବାକି ରହିଥିବା ଚଟାଣ କାର୍ଯ୍ୟ କରାଯିବା ସହ ବାହାର ରତ୍ନଭଣ୍ଡାରରେ ଷ୍ଟେନ୍‌ଲେସ୍ ବିମ୍ ଲଗାଯିବ। ଏଥିସହ ନଷ୍ଟ ହୋଇଥିବା ସମସ୍ତ ପଥର ମଧ୍ୟ ପରିବର୍ତ୍ତନ କରାଯିବ। ପୂର୍ବରୁ ଭିତର ରତ୍ନଭଣ୍ଡାରରେ ୯ଟି ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିମ୍ ଲାଗି ସାରିଥିବାବେଳେ ମୋଟ୍ ୨୭୭ ପଥର ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୧୪୮ଟି ପଥର ଭିତର ରତ୍ନଭଣ୍ଡାରରେ ଲାଗିଛି। ସୂଚନାଥାଉ କି, ୨୦୨୪ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୪ ମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ୫ ମିନିଟ୍ କାର୍ଯ୍ୟ କରାଯାଇଛି।

# ଛାତ୍ରୀ, ମହିଳା ଅସୁରକ୍ଷିତ; ଗର୍ଜିଲା ଯୁବ ଓ ଛାତ୍ର ବିଜେଡି




■ କଲେଜ ଓ ବିଶ୍ୱ ବିଦ୍ୟାଳୟ ଆଗରେ ବିକ୍ଷୋଭ, ପ୍ଲାକାର୍ଡ ପ୍ରଦର୍ଶନ
■ ରାଜ୍ୟରେ ମହିଳା ଅସୁରକ୍ଷିତ, ସରକାର ଉତ୍ସବ ପାଳିବାରେ ବ୍ୟସ୍ତ
■ ଶାସନ ଗାଦିରେ ରହିବାର ନୈତିକ ଅଧିକାର ବିଜେପି ସରକାର ହରାଇ ବସିଛି
■ ସଫଳ ଆନ୍ଦୋଳନ ପାଇଁ ଧନ୍ୟବାଦ ଜଣାଇଲା ଯୁବ ଓ ଛାତ୍ର ସଂଗଠନ

ଭୁବନେଶ୍ୱର,୨୫।୬(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ନାରୀ ନିର୍ଯାତନା, ଦୁଷ୍କର୍ମ, ଅତ୍ୟାଚାର ଘଟଣା ବୃଦ୍ଧିକୁ ନେଇ ଆଜି ରାଜ୍ୟବ୍ୟାପୀ ଯୁବ ଓ ଛାତ୍ର ବିଜୁ ଜନତା ଦଳ ବ୍ୟାପକ ପ୍ରଦର୍ଶନ କରିଛି। ଉପକୂଳରୁ ଉପାନ୍ତ, ମାଲକାନଗିରିରୁ ମୟୂରଭଞ୍ଜ ଯାଏଁ ଯୁବ, ଛାତ୍ର ବିଜେଡିର କର୍ମକର୍ତ୍ତା ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି, ପ୍ଲାକାର୍ଡ ପ୍ରଦର୍ଶନ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାରୁ ଛାତ୍ରୀ ଓ ମହିଳାମାନେ ନିଜ ସୁରକ୍ଷିତ ମଣୁନାହାନ୍ତି। ଆଜି ଜଣେ ମହିଳା ଦିନ ଦ୍ୱିପ୍ରହରରେ ରାଜ୍ୟର କୌଣସି ସ୍ଥାନକୁ ନିର୍ଭୟରେ ଯିବାକୁ ଭୟ କରୁଛି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ୩୦୫୪ରୁ ଉର୍ଦ୍ଧ୍ୱ ନାରୀ ନିର୍ଯାତନା ମାମଲା ରୁଜୁ ହେବା ଓ ପ୍ରତିଦିନ ୧୫ ଜଣ ମହିଳା ଧର୍ଷଣ ଶିକାର ହେବା ବିଜେପି ସରକାରର ପାରିବା ପଣିଆକୁ ପଦାରେ ପକାଉଛି ବୋଲି ବିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି।

ପୂର୍ବ ଘୋଷଣା ଅନୁଯାୟୀ ବୁଧବାର ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରେ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇଥିଲେ। ଛାତ୍ର ବିଜେଡିର କର୍ମକର୍ତ୍ତା ଏବଂ ସମର୍ଥକମାନେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ନିଜର ପ୍ରତିବାଦ କରିଥିଲେ। ମୋହନ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ସେମାନେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ମଧ୍ୟ ଦାହ କରିଥିଲେ। ଛାତ୍ର ବିଜେଡି ନେତାଙ୍କ କ୍ଷୋଭ ଅନୁଯାୟୀ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ଆଜି ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହେଉଛି। ନିକଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡଭାଇଜରୀରେ ଓଡ଼ିଶା ସମେତ ଭାରତର ୬ଟି ରାଜ୍ୟକୁ ଯିବାକୁ ସେମାନଙ୍କ ନାଗରିକଙ୍କୁ ବାରଣ କରାଯାଇଛି। ଏହି ରାଜ୍ୟ ଗୁଡ଼ିକରେ ଅଧିକ ସଂଖ୍ୟାରେ ମହିଳାମାନେ ଦୁଷ୍କର୍ମର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଆମ ରାଜ୍ୟ ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ଓଡ଼ିଶାରେ ଦୈନିକ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଥିବା ବେଳେ ସଦ୍ୟସଦ୍ୟ ଗୋପାଳପୁରରେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଏବଂ ବ୍ରହ୍ମପୁରରେ ଜଣେ ପୂର୍ବତନ ବିଜେପି ନଗର ସଭାପତିଙ୍କ ଦ୍ୱାରା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାକୁ ନିଶା ଦେଇ ଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଲଜ୍ଜା ଆଣିଛି। ମାତ୍ର ରାଜ୍ୟ ସରକାର ମହିଳା ସୁରକ୍ଷାକୁ ସୁନିଶ୍ଚିତ ନକରି ମିଛ ଉତ୍ସବରେ ମାତିଛନ୍ତି। ଏ ସରକାର ଶାସନ ଗାଦିରେ ରହିବାର ସମସ୍ତ ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ଛାତ୍ର ଓ ଯୁବ ବିଜେଡିର ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷେ ଆନ୍ଦୋଳନକୁ ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନଙ୍କ ସମର୍ଥନ ଓ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲାର କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମରେ ସଫଳ ହୋଇଥିବାରୁ ସମସ୍ତଙ୍କୁ ରାଜ୍ୟ ଯୁବ ବିଜୁ ଜନତା ଦଳ ସଭାପତି ବ୍ୟୋମକେଶ ରାୟ ଓ ରାଜ୍ୟ ଛାତ୍ର ବିଜୁ ଜନତା ଦଳର ସଭାପତି ଦେବୀ ରଂଜନ ତ୍ରିପାଠୀ ଧନ୍ୟବାଦ ଜଣାଇଛନ୍ତି।

# ସଡ଼କ ଦୁର୍ଘଟଣାରେ କାକା-ପୁତୁରାଙ୍କ ମୃତ୍ୟୁ

ନୀଳଗିରି, ୨୫।୬ (ସମିସ): ସଡ଼କ ଦୁର୍ଘଟଣାରେ ଚାଲିଗଲା କାକା ପୁତୁରାଙ୍କ ଜୀବନ। ନୀଳଗିରି ଥାନା ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ହରେକୃଷ୍ଣ ମହାଳିକ (୩୨)ଙ୍କ ଆସନ୍ତା ଶୁକ୍ରବାର ବାହାଘର ହୋଇଥାନ୍ତା। ତେଣୁ ବୁଧବାର ଭୋର ପ୍ରାୟ ୪ଟା ୩୦ରେ ପୁତୁରା ଜ୍ୟୋତିଶଙ୍କର ମହାଳିକ (୨୦)ଙ୍କ ସହିତ ହରେକୃଷ୍ଣ ଏକ କାର୍‌ରେ ଶେରଗଡ଼ ଅଞ୍ଚଳରୁ ତାଙ୍କ ବନ୍ଧୁଙ୍କୁ ଆଣିବାକୁ ଯାଉଥିଲେ। ଶେରଗଡ଼ ନୀଳଗିରି ଝରଣାଘାଟି ଦେଇ ମୟୂରଭଞ୍ଜକୁ ସଂଯୋଗ କରୁଥିବା ୧୯ନଂ ରାଜ୍ୟ ରାଜପଥ ରାସ୍ତାର ନୀଳଗିରି ଏନ୍ଏସି ବାଲିଗୋହିରୀ ଛକ ନିକଟରେ ଶେରଗଡ଼ରୁ ନୀଳଗିରି ଅଭିମୁଖେ ଆସୁଥିବା ଏକ ଡମ୍ପର କାର୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହରେକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜ୍ୟୋତିଶଙ୍କର ମହାଳିକଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ନେଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇ ଯାଇଛି। ଦୁର୍ଘଟଣା ଘଟିବା ସ୍ଥାନରେ ଉତ୍ତେଜନା ଦେଖା ଦେଇଥିଲା। ମୃତକଙ୍କ ପରିବାର ଓ ଗ୍ରାମବାସୀ ଶେରଗଡ଼-ନୀଳଗିରି- ଝରଣାଘାଟି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ନୀଳଗିରି ତହସିଲଦାର ସୋନମ୍ ଦାସ, ନୀଳଗିରି ଏସଡିପିଓ ପ୍ରମୋଦ ମଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପହଞ୍ଚି କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ନୀଳଗିରି ପୁଲିସ ଦୁର୍ଘଟଣାଗ୍ରସ୍ତ ଡମ୍ପର ଓ କାର୍‌କୁ ଜବତ କରିଛି।

ବ୍ରହ୍ମପୁର ନାବାଳିକା ଦୁଷ୍କର୍ମ ଘଟଣା

# ବିଜେପି ନେତାଙ୍କ କୁତ୍ସିତ ଚେହେରା ପଦାକୁ ଆସିଲା: ବିଜେଡି

ଭୁବନେଶ୍ୱର,୨୫।୬(ସମିସ): ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ଏହି ସମୟରେ ବ୍ରହ୍ମପୁରରେ ଜଣେ ବିଜେପି ନେତା ତଥା ପୂର୍ବତନ ବିଜେପି ନଗର ସଭାପତି ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାକୁ ନିଶା ଦେଇ ଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଲଜ୍ଜା ଆଣିଛି। ଏପରି ଘଟଣା ବିଜେପି ନେତାଙ୍କ କୁତ୍ସିତ ଚେହେରା ପଦାକୁ ଆଣିଛି ବୋଲି ବିଜେଡି କହିଛି।

ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ନାରୀ ସୁରକ୍ଷା ସ୍ଲୋଗାନ ଦେଇ ବିଜେପି ସରକାରକୁ ଆସିଲା ପରେ ରାଜ୍ୟର ମହିଳା ସମାଜ ଆଜି ସବୁଠୁ ଅଧିକ ଅସୁରକ୍ଷିତ । ଦଳର ଜଣେ ଆଗ ଧାଡ଼ିର ନେତାଙ୍କ ଦ୍ୱାରା ଏଭଳି ଏକ ଘୃଣ୍ୟ କାମ ପଦାକୁ ଆସିବା ପରେ ବିଜେପିର ଅସଲ ମୁଖା ଖୋଲି ଯାଇଛି। ନକଲି ଡ଼ାକ୍ତର ଭବାନୀ ପ୍ରସାଦ ଦାସ ବ୍ରହ୍ମପୁର ସହରରେ ବାଜପେୟୀ କ୍ଲିନିକ ନାମରେ ଏକ ନର୍ସିଙ୍ଗ ହୋମ ଚଳାଇ ଆସୁଥିଲେ। ପୂର୍ବରୁ ବିଜେପିର ବ୍ରହ୍ମପୁର ନଗର ସଭାପତି ଓ ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବର୍ତ୍ତମାନ ସେ ବିଜେପିର ଶ୍ରମିକ ସାମ୍ମୁଖ୍ୟର ଜିଲ୍ଲା ସଭାପତି ଅଛନ୍ତି। ନେତାଜଣଙ୍କ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକାକୁ ନର୍ସିଙ୍ଗ ଟ୍ରେନିଂ କରାଇ ତାକୁ ନର୍ସ ଭାବେ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ତାକୁ ଆଣି ନିଜ ନର୍ସିଙ୍ଗ ହୋମରେ ରଖିଥିଲେ। ରାତିରେ ସେହି ନାବାଳିକାକୁ ନିଶା ଦେଇ ଦୁଷ୍କର୍ମ କରିଥିଲେ। ନାବାଳିକାଙ୍କ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ତାକୁ ଚପାଇ ଦେବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ଭବାନୀ ପ୍ରସାଦ ଦାସ ବିଜେପିର ଜଣେ ଆଗଧାଡ଼ିର



କର୍ମକର୍ତ୍ତା ଅଟନ୍ତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଅଭିଯୁକ୍ତଙ୍କ ଫଟୋ ମଧ୍ୟ ରହିଛି। ଜିଲ୍ଲାର ଦୁଇ ଜଣ ମନ୍ତ୍ରୀ ଯଥା ଖଣି ମନ୍ତ୍ରୀ ବିଭୁତି ଜେନା ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହିତ ଅଭିଯୁକ୍ତଙ୍କ ଘନିଷ୍ଠତା ରହିଛି। ଅଭିଯୁକ୍ତ ଜଣକ ବହୁଦିନ ଧରି କ୍ଲିନିକ ଚଳାଇ ଆସୁଥିବାରୁ ପୂର୍ବରୁ ଅନେକ ଝିଅ ମାନଙ୍କ ସହିତ ମଧ୍ୟ ଏପରି କରିଥାଇ ପାରନ୍ତି ବୋଲି ସନ୍ଦେହ ଉପୁଜିଛି। ଏହାଛଡା ଏହି କ୍ଲିନିକ ମାଧ୍ୟମରେ ମହିଳା ଟ୍ରାଫିକିଙ୍ଗ ଓ ଅର୍ଗାନ ଟ୍ରାଫିକିଙ୍ଗ ହେଉଥିବାର ସନ୍ଦେହ ସୃଷ୍ଟି ହୋଇଛି। ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ସହିତ ଏ ଦିଗରେ ଅନୁସନ୍ଧାନ ପାଇଁ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ସେ କହିଛନ୍ତି ।

ସେ ପୁଣି କହିଛନ୍ତି ରାଜ୍ୟରେ ଦୁଷ୍କର୍ମ ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ଯୋଗୁ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ବିଜେଡି ପକ୍ଷରୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟ ସାଜି ବସି ରହିଛନ୍ତି ଓ ଉତ୍ସବରେ ମାତିଛନ୍ତି। ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣା ଲୋକଲୋଚନଙ୍କୁ ଆସିବାରେ ଲାଗିଛି। ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟକୁ ଶନି ଓ ରାହୁ ଗ୍ରାସିଛନ୍ତି। ଗୋଟିଏ ଦାୟିତ୍ୱ ସଂପର୍ଣ୍ଣ ବିରୋଧୀ ଦଳ ଭାବେ ଆମେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଉଛୁ, ମହିଳା ମାନଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ଉପଯୁକ୍ତ ପଦକ୍ଷେପ ନିଅ, ନଚେତ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ରାଜ୍ୟ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ବକ୍ସିପାତ୍ର ଉପସ୍ଥିତ ଥିଲେ।

■ ଦଳିତ ଓ ମହିଳା ନିର୍ଯାତନା ବୃଦ୍ଧି

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ




ଭୁବନେଶ୍ୱର,୨୫।୬(ସମିସ): ରାଜ୍ୟରେ ଦଳିତଙ୍କ ଉପରେ ଅମାନୁଷିକ ଆକ୍ରମଣ, ମହିଳା ନିର୍ଯାତନା ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଓଡ଼ିଆ ଅସ୍ମିତାର ଦୂରାବସ୍ଥା ଦର୍ଶାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଘେରାଉ କରିଛି ରାଜ୍ୟ ଯୁବ କଂଗ୍ରେସ। ଯୁବ କଂଗ୍ରେସକର୍ମୀ ମାନେ ରାଜମହଲ ଛକରୁ ଏକ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଲାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୋଲିସ ସମସ୍ତ ଯୁବ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ ଯୋଗେ ଉଠାଇନେଇଥିଲା। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ଭାବରେ ଭୁଷୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ସମ୍ପ୍ରଦାୟର କିନ୍ତୁ ଆଜିର ଦିନରେ ରାଜ୍ୟରେ ଦଳିତ ଏବଂ ଆଦିବାସୀମାନେ ସଂପୂର୍ଣ୍ଣ ଭାବରେ ଅସୁରକ୍ଷିତ। ଗୋପାଳପୁର ଠାରେ ଯେଉଁଭଳି ଭାବରେ ଗଣଦୁଷ୍କର୍ମ ଘଟିଲା ଏହା ରାଜ୍ୟର ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା କେନ୍ଦୁଝରରେ ଦୁଷ୍କର୍ମକରି ଜଣେ ମହିଳାଙ୍କୁ ଗଛରେ ଟାଙ୍ଗି ଦିଆଗଲା। ଯଦି ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ନାରୀମାନେ ଅସୁରକ୍ଷିତ ତାହାଲେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାର ନାମକରଣ କ'ଣ ପାଇଁ କରିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଗଞ୍ଜାମ ଜିଲ୍ଲାର ଧରାକୋଟ ଥାନା ଅନ୍ତର୍ଗତ ସିଙ୍ଗପୁର ଗ୍ରାମରେ ଦଳିତ ବ୍ୟକ୍ତିମାନଙ୍କୁ ଯେଉଁଭଳି ଭାବରେ ଅମାନୁଷିକ ଭାବେ ନିର୍ଯାତନା ଦେଇ ସେମାନଙ୍କୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଆଣ୍ଠେଇକି ଯିବାକୁ ବାଧ କରାଗଲା ଏହା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କଥାକଥିତ ଗୋରକ୍ଷକ ସଂଗଠନ ସେମାନଙ୍କୁ ଗୋଚାଲାଣକାରୀ ଆଖ୍ୟା ଦେଇ ବଟି ମାଗିଦେଇଥିଲେ। ସେମାନେ ବଟି ଦେବାପାଇଁ ମନା କରିଦେବାରୁ ସେମାନଙ୍କୁ କଥାକଥିତ ଗୋ ରକ୍ଷକ ସଂଗଠନର ସଭ୍ୟମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ସେହି ନିର୍ଯ୍ୟାତିତ ଦଳିତ ପରିବାର ପାଖକୁ ଯାଇନାହାନ୍ତି। ସୁତରାଂ ମୋହନ ସରକାର ଏକ ଦଳିତ ବିରୋଧି ସରକାର ବୋଲି ପ୍ରମାଣିତ ହୋଇଥିବା ଶ୍ରୀ ପାତ୍ର କହିଛନ୍ତି। ଦିଲ୍ଲୀରୁ ରିମୋଟକ୍ରଣ୍ଟୋଲରେ ଏ ସରକାର ଚାଲିଛି। ଏଥିରୁ ସ୍ପଷ୍ଟ ଯେ ବିଜେପିର ଓଡ଼ିଆ ଅସ୍ମିତାର ଆହ୍ୱାନ ଏକ ପ୍ରହସନରେ ପରିଣତ ହୋଇଛି। ଗୃହ ବିଭାଗକୁ ଚଳାଇବାପାଇଁ ଅକ୍ଷମ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଯୁବ କଂଗ୍ରେସ ଦାବି କରିଛି।

# 'ଷ୍ଟପ୍ ଡାଇରିଆ'ରେ ଫୁଲ୍‌ଷ୍ଟପ୍

■ ରାଜ୍ୟବାସୀଙ୍କୁ ପୁଣି ଡରାଇଲାଣି ଝାଡ଼ାବାନ୍ତି
■ ସଚେତନତା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ଫୁରସତ୍ ନାହିଁ
■ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ଅନିୟମିତତା

ଭୁବନେଶ୍ୱର, ୨୫।୬(ସମିସ): ଜୁନ୍ ପ୍ରଥମ ସପ୍ତାହରେ ଯାଜପୁରରେ ଝାଡ଼ାବାନ୍ତି ବ୍ୟାପିଲା। ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲିପଣ ଓ ଅଦୂରଦର୍ଶିତା ଯୋଗୁଁ ଦିନ କେଇଟା ଭିତରେ ଅଧା ଓଡ଼ିଶାକୁ ମାଡ଼ିଗଲା। ଅତିକମ୍‌ରେ ୨୩ ଜଣଙ୍କ ଜୀବନ ନେଲା ଝାଡ଼ାବାନ୍ତି। ଏଥିରେ ଶହ ଶହ ଲୋକ ଆକ୍ରାନ୍ତ ହେଲେ। ହେଲେ ବର୍ଷପୂର୍ତ୍ତି ଉତ୍ସବରେ ରାଜ୍ୟ ସରକାର ଏମିତି ମାତିଲେ ଯେ ଏହାକୁ ବିଶେଷ ଗୁରୁତ୍ୱ ଦେଲେନାହିଁ। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଚେଇଁଲେ ସରକାର। ଝାଡ଼ାବାନ୍ତି କାହିଁକି ବ୍ୟାପୁଛି? ସଂକ୍ରମଣ କାରଣ ଖୋଜିବାକୁ ଲାଗିଲେ, କିନ୍ତୁ ପାଇଲେନି। ଶେଷରେ କେନ୍ଦ୍ରରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଦଳ ଆସି ଅନୁଧ୍ୟାନ କଲେ। ଦୂଷିତ ପାଣି ଓ ବିଷାକ୍ତ ଖାଦ୍ୟରୁ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡ଼ିଲା। ଏଥିପାଇଁ ଜନସଚେତନତା ସୃଷ୍ଟି କରିବା ପାଇଁ ଗତ ଜୁନ୍ ୧୬ ତାରିଖରେ ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ 'ଷ୍ଟପ୍ ଡାଇରିଆ' ଅଭିଯାନ ଆରମ୍ଭ କରିଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ତୃଣମୂଳସ୍ତରରୁ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା। ମାତ୍ର ଏହାକୁ ଯେଉଁଳି ଢଙ୍ଗରେ କାର୍ଯ୍ୟକାରୀ କରାଯିବା କଥା, ସେତିକି କରାଯାଉନି। ଫଳରେ ପୁଣି ଡରାଇଲାଣି ଝାଡ଼ାବାନ୍ତି।

ଝାଡ଼ାବାନ୍ତି ପରିସ୍ଥିତିରୁ ରାଜ୍ୟ ସରକାର କିଛି ଶିଖିଲେ ନାହିଁ। ଅଙ୍ଗନବାଡ଼ି, ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରିଦେଇ ସ୍ୱାସ୍ଥ୍ୟ ବିଭାଗ ଚୁପ୍ ବସିଯାଇଛି। ହେଲେ ଏମାନେ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ଥିବାରୁ ଲୋକଙ୍କୁ ସଚେତନତା କରିପାରୁ ନ ଥିବା ପରୋକ୍ଷରେ ସ୍ୱୀକାର କରିଛନ୍ତି। ତେଣୁ ପୁନର୍ବାର ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା ସୃଷ୍ଟି ହେଉଛି। ସେହିଭଳି ଜଳ ଉତ୍ସ ଗୁଡ଼ିକୁ ପରିଷ୍କାର କରିବା ଦିଗରେ ମଧ୍ୟ ଅବହେଳା କରାଯାଉଛି। ଦୁର୍ଗାପୂଜା ପର୍ଯ୍ୟନ୍ତ ଡାଇରିଆ ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ ହେଁ ଏବେଠାରୁ ଢିଲାପଣ ଆଗକୁ ଆହୁରି ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି।

ହାତ ଧୋଇବା, ପରିଚ୍ଛନ୍ନତା ନିୟମ ପାଳନ କରିବା, ସୁଷମ ଖାଦ୍ୟ ଖାଇବା, ନିରାପଦ ପାଣି ପିଇବା, ଜଳ ଉତ୍ସକୁ ବିଶୋଧିତ ରଖିବା ବାହାରେ ମଳତ୍ୟାଗ ନ କରିବା ଆଦି ଅଭ୍ୟାସ ଦ୍ୱାରା ଡାଇରିଆ ରୋଗର ପ୍ରତିରୋଧ ହୋଇପାରିବା। ତୃଣମୂଳସ୍ତରରେ ଏସବୁ ଦିଗକୁ ଧ୍ୟାନ ଦେଇ ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, କମ୍ୟୁନିଟି ସେଣ୍ଟର ଓ ଆରୋଗ୍ୟ ମନ୍ଦିରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ, ଜିଙ୍କ୍ ଟାବଲେଟ୍ ଓ ଔଷଧ ମହଜୁଦ ରଖାଯାଇଥିବା କୁହାଯାଉଛି। ମାତ୍ର ଏହା ଲୋକଙ୍କ ପାଖରେ ପହଞ୍ଚିପାରୁନି। ସହରାଞ୍ଚଳ ନିକଟରେ ଥିବା କିଛି ସ୍ଥାନରେ ଏସବୁ ଠିକ୍ ଭାବେ ପହଞ୍ଚୁଥିବା ବେଳେ ରାଜ୍ୟର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଏସବୁ ସାମଗ୍ରୀ ପହଞ୍ଚିପାରୁନଥିବା ଅଭିଯୋଗ ହେଉଛି। ସହରାଞ୍ଚଳରେ କାର୍ଯ୍ୟରତ ସମସ୍ତ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଏଏନ୍ଏମ୍, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟ କରୁଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହେଉଛି। ବିଶେଷକରି ଆରମ୍ଭରୁ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ କୁହାଯାଇଥିଲା। ମାତ୍ର ତାହା କରିବା ସମ୍ଭବପର ନୁହେଁ ବୋଲି ସ୍ୱାସ୍ଥ୍ୟକର୍ମୀମାନେ କହିଛନ୍ତି। ସେମାନଙ୍କ କହିବାନୁସାରେ, ଟିକାକରଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ କାମରେ ଆମକୁ ନିୟୋଜିତ କରାଯାଉଛି। ତେଣୁ ପ୍ରତ୍ୟେକ ଅଞ୍ଚଳକୁ ଯିବା ଆମ ପାଇଁ ସମ୍ଭବ ହେଉନି। ତା'ପରେ ଲୋକମାନଙ୍କୁ ନିରାକରଣ ନେଇ ବୁଝାଇବା ପାଇଁ ସମୟର ଆବଶ୍ୟକତା ରହିଛି। ହେଲେ ଆମ ପାଖରେ ଅନ୍ୟାନ୍ୟ କାମ ଥିବାରୁ ଏହା ସମ୍ଭବ ହେଉନି ବୋଲି ସ୍ୱାସ୍ଥ୍ୟ କର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଉଲ୍ଲେଖଥାଉ କି, ଓଡ଼ିଶାରେ ଡାଇରିଆ ଇତିହାସ ବେଶ୍ ପୁରୁଣା। ଏହି ଜଳବାହିତ ରୋଗ ଅତୀତରେ ରାଜ୍ୟରେ ମହାମାରୀ ଭଳି ପରିସ୍ଥିତି ସୃଷ୍ଟି କରୁଥିଲା। ମାତ୍ର ପୂର୍ବ ସରକାରଙ୍କ ତୃଣମୂଳସ୍ତରରେ ସଚେତନତା ହିଁ ଏହାକୁ ରୋକିପାରିଥିଲା। ଏଥିସହ ପୂର୍ବ ସରକାର ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ବିଶେଷ ଗୁରୁତ୍ୱ ଦେଉଥିଲେ। ତେଣୁ ଗ୍ରାମାଞ୍ଚଳ ଗୁଡ଼ିକରେ ଏକାଧିକ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରିଥିଲେ। ହେଲେ ନୂଆ ସରକାର ଆସିବା ପରେ ଏହି ପ୍ରକଳ୍ପ କାର୍ଯ୍ୟକୁ ଏକପ୍ରକାର ବନ୍ଦ କରି ଦେଇଛନ୍ତି। ଫଳସ୍ୱରୂପ ଲୋକମାନଙ୍କ ପାଖରେ ସ୍ୱଚ୍ଛ ପିଇବା ପାଣି ପହଞ୍ଚିପାରୁନି। କେବଳ ନଳକୂପ ଓ କୁଅରେ ବ୍ଲିଚିଂ ଆଦି ପକାଇ ଦେଇ ସରକାର ନିଜର ଦାୟିତ୍ୱ ସାରି ଦେଉଛନ୍ତି। ସ୍ଥାୟୀଭାବେ ସୁଦ୍ଧା ଜଳଯୋଗାଣ ଉପରେ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ତରଫରୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ବେଗରେ ଶେଷ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ବର୍ଷକୁ ୨ଥର ହେବ ସିବିଏସ୍ଇ ଦଶମ ପରୀକ୍ଷା

■ ପ୍ରଥମ ପରୀକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ
■ ଅଧିକ ନମ୍ବର ଲାଗି ଦ୍ୱିତୀୟଟି ହେବ ଇଚ୍ଛାଧୀନ

**ଭୁବନେଶ୍ୱର,୨୫।୬(ସମିସ):** ବର୍ଷକୁ ଦୁଇଥର ହେବ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ପରିଚାଳିତ ଦଶମ ପରୀକ୍ଷା। ଚଳିତ ଶିକ୍ଷାବର୍ଷରୁ ଏହା ଲାଗୁ ହେବ। ଫେବୃଆରୀରେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ହେବ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ମଇ ମାସରେ କରାଯିବ। ସିବିଏସ୍ଇ ପରୀକ୍ଷା ନିୟନ୍ତ୍ରକ ସ୍ୱୟମ୍ ଭରଦ୍ୱାଜ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସିବିଏସ୍ଇ ପକ୍ଷରୁ କୁହାଯାଇଛି ଯେ ପିଲାଙ୍କ ମୁଣ୍ଡରୁ ପରୀକ୍ଷା ଚାପ ହ୍ରାସ କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଫେବୃଆରୀ ମଧ୍ୟଭାଗରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପରୀକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଓ ଏହାର ଫଳ ଏପ୍ରିଲରେ ପ୍ରକାଶ ପାଇବ। ଯେଉଁ ପିଲାଙ୍କ ମାର୍କ କମ୍ ରହିଥିବ, ସେମାନେ ନମ୍ବର ସୁଧାର ପାଇଁ ମେ' ମାସରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେଇ ପାରିବେ। ଏହାର ପରୀକ୍ଷା ଫଳ ଜୁନ୍ ରେ ବାହାରିବ। ଯେଉଁ ପରୀକ୍ଷାରେ ଅଧିକ ନମ୍ବର ରହିବ, ତାକୁ ଚୂଡାନ୍ତ ମାର୍କ ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ ଇଣ୍ଟରନାଲ୍ ପରୀକ୍ଷା କେବଳ ଥରେ ଓ ପ୍ରଥମ ପରୀକ୍ଷା ପୂର୍ବରୁ ହେବ ବୋଲି ସ୍ପଷ୍ଟ କରାଯାଇଛି।

ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ନୂତନ ପଦକ୍ଷେପ ପିଲାଙ୍କୁ ଚାପମୁକ୍ତ କରିବ। କୌଣସି କାରଣରୁ ପରୀକ୍ଷା ଖରାପ ହେଲେ ପୂର୍ବରୁ ପିଲାମାନଙ୍କୁ ବର୍ଷଟିଏ ଅପେକ୍ଷା କରିବାକୁ ପଡୁଥିଲା। ମାତ୍ର ଦ୍ୱରିତ ପରୀକ୍ଷା ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାବର୍ଷ ନଷ୍ଟ ହେବ ନାହିଁ। ଏହି ସଂଶୋଧନ ପାଇଁ ଗତ ଫେବୃଆରୀ ମାସରେ ଡ୍ରାଫ୍ଟ ନୋଟ୍ ଜାରି କରାଯାଇ ସମସ୍ତଙ୍କ ମତାମତ ଲୋଡ଼ାଯାଇଥିଲା। ବହୁ ମତକୁ ଅନୁଶୀଳନ କଲାପରେ ନୂତନ ନିଷ୍ପତ୍ତିକୁ ଅନୁମୋଦନ କରାଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ଶ୍ରୀ ଭରଦ୍ୱାଜ କହିଛନ୍ତି।

## ବିଜୁ ଯୁବ ଓ ଛାତ୍ର ଜନତାର ଆନ୍ଦୋଳନ




**ବାରିପଦା, ୨୫ ।୬(ସମିସ):** ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ଯୁବ ଓ ଛାତ୍ର ନେତାଙ୍କ ଦ୍ୱାରା ଭଞ୍ଜପୁର ବାରିପଦା ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଗତ ବର୍ଷକ ମଧ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡିଛି । ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ସମେତ ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଉଛି । ଏହାକୁ ରୋକିବାରେ ବିଜେପି ସରକାର ସଂପୂର୍ଣ୍ଣ ବିଫଳ ହୋଇଛି । ମହିଳା ଅସୁରକ୍ଷିତ ମଣୁ ଥିବା ବେଳେ ରାଜ୍ୟ ସରକାର ଲଭର୍ସ ପଏଣ୍ଟ ସୁରକ୍ଷା ଦେବାକୁ କହୁଛନ୍ତି । ରାଜ୍ୟର ଉପ ମୁଖ୍ୟମନ୍ତ୍ରୀଙ୍କ ଏହିପରି ମନ୍ତବ୍ୟ ପ୍ରତି ଓଡ଼ିଆକୁ ବ୍ୟଥିତ କରୁଛି । ଯାହାକୁ ନେଇ ରାଜ୍ୟ ବ୍ୟାପି ସମେତ ବାରିପଦା ଠାରେ ଯୁବ ଓ ଛାତ୍ରମାନେ ଆନ୍ଦୋଳନ କରିଛନ୍ତି । ଶତାଧିକ ଯୁବ ଓ ଛାତ୍ର ଯୋଗଦେଇ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ନାରୀ ଏଠି କେହିବି ସୁରକ୍ଷିତ ନାହାନ୍ତି । ସରକାର ସଜାଗ ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି । ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଜୋନାଲ ଛାତ୍ର ସଭାପତି ଅବଦୁଲ ହବିବ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ, ଜିଲ୍ଲା ଛାତ୍ର ସଭାପତି ସୁନିଲ କୁମାର ନାୟକ, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ ସମେତ ଅନ୍ୟାନ୍ୟ ବିଜେଡି ଯୁବ ଓ ଛାତ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଖୋଲିଲା ସିଂହଦ୍ୱାର; ନେତ୍ର ମଣ୍ଡପକୁ ବିଜେହେଲେ ତିନିଦିଅଁ

# ଆଜି ନେତ୍ରୋତ୍ସବ ଓ ସୁନାବେଶ; ଝଲସୁଛି ବଡ଼ଦାଣ୍ଡ

**ବାରିପଦା, ୨୫ ।୬ (ସମିସ):** ଦ୍ୱିତୀୟଶ୍ରୀକ୍ଷେତ୍ର ବାରିପଦା ଶ୍ରୀଶ୍ରୀ ହରିବଳଦେବ ଜୀଉ ଜଗନ୍ନାଥ ମନ୍ଦିରରେ ଗୁରୁବାର ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପାଇଁ ବୁଧବାର ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଛି । ୧୫ଦିନ ଧରି ଅଣସରରେ ଥିବା ଜୀଉମାନେ ସୁସ୍ଥ ହେବାପରେ ସନ୍ଧ୍ୟାରେ ନାଟମନ୍ଦିରକୁ ବିଜେ କରିଛନ୍ତି । ସନ୍ଧ୍ୟା ପ୍ରାୟ ୬ଟା୩୦ମିନିଟ ସମୟରେ ନାଗରା ବାଜିବା ପରେ ସିଂହଦ୍ୱାର ଖୋଲା ଯାଇଥିଲା । ମନ୍ଦିରର ପରିଚ୍ଛା, ପୁରୋହିତ, ପୂଜକ ଓ ସମସ୍ତ ସେବାୟତମାନେ ସିଂହଦ୍ୱାର ଓ ଗରୁଡ଼ଙ୍କୁ ପ୍ରଣାମ କରି ମନ୍ଦିରକୁ ପ୍ରବେଶ କରିଥିଲେ । ଜୟବିଜୟା ଓ ଗଙ୍ଗା ଯମୁନା କବାଟ ଖୋଲାଯିବା ପରେ ସମସ୍ତେ ଦଅଁଙ୍କୁ ଦର୍ଶନ କରିଥିଲେ । ଏହାପରେ ଘଣ୍ଟଘଣ୍ଟା, ଶଙ୍ଖ, କାହାଳୀ ଓ ବାଦ୍ୟ ସହିତ ଗୋଟି ପହଣ୍ଡିରେ ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଓ ଜଗନ୍ନାଥ ମହାପ୍ରଭୁ କ୍ରମାନ୍ୱୟରେ ସନ୍ଧ୍ୟା ୭ଟା ୩୦ମିନିଟ ସମୟରେ ବିଜେ ହୋଇଥିଲେ ନାଟ ବା ନେତ୍ର ମଣ୍ଡପକୁ । ଏହାପରେ ମନ୍ଦିରର ନୀତି ଅନୁଯାୟୀ ଅଧିବାସ ପୂଜା ନୀତି ସମ୍ପନ୍ନ ହୋଇଥିଲା । ଭକ୍ତମାନେ ଠାକୁରଙ୍କୁ ଦର୍ଶନ ପରେ ଭୋଗଲାଗି ହୋଇ ମହାପ୍ରଭୁ ମାନଙ୍କର ପୋହଡ଼ ନୀତି ସମ୍ପନ୍ନ ହୋଇଥିଲା । ସେହିପରି ଗୁରୁବାର ନେତ୍ରୋତ୍ସବ ପାଇଁ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି । ସକାଳ ୭ଟା ୪୦ମିନିଟରେ ଚିତ୍ରଶିଳ୍ପୀ ମହାପାତ୍ରଙ୍କ ଦ୍ୱାରା ଚକ୍ଷୁଦାନ ସମ୍ପନ୍ନ ହେବ । ତିନି ଚିତ୍ରଶିଳ୍ପୀ ମହାପାତ୍ର ସେମାନଙ୍କର ନେତ୍ରନୀତି ସମ୍ପନ୍ନ ପରେ ମନ୍ଦିରର ପରିଚ୍ଛା, ପୁରୋହିତ ଓ ପୂଜକଙ୍କ ଉପସ୍ଥିତିରେ ସେବାୟତଗଣ ଶଙ୍ଖ, ଘଣ୍ଟ, ଘଣ୍ଟା ଓ କାହାଳୀ ଧ୍ୱନିରେ ନୀତି ତୁଲାଇବାର କାର୍ଯ୍ୟକ୍ରମ ରହିଛି । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ମଧ୍ୟରେ ଠାକୁରଙ୍କ ପ୍ରତିଷ୍ଠା ଓ ନେତ୍ରଉତ୍ସବ ପୂଜାନୀତି ସାଙ୍ଗକୁ ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅବକାଶ ନୀତି ଶେଷ ହେବ । ଏହାପରେ ପରିଚ୍ଛା ଦୁର୍ଗାଚରଣ ଜିତବାବୁ ଜଗନ୍ନାଥ ମହାପ୍ରଭୁଙ୍କ ପାଖରୁ ଆଜ୍ଞାମାଳ ଆଣି ମନ୍ଦିର ପୁରୋହିତଙ୍କୁ ଦେବାପରେ ସେ ଜଗନ୍ନାଥଙ୍କ ପାଖରୁ ଉତ୍ତରା ନେତ ନେଇ ଦେଉଳଉଠାଙ୍କ ହାତକୁ ବଢ଼ାଇବେ । ସୁବାସିତ ଚନ୍ଦନଜଳ ଛିଞ୍ଚନ କରାଯାଇ ନେତକୁ ଦକ୍ଷିଣଦ୍ୱାରରେ ନେଇ ମନ୍ଦିରର ନୀଳଚକ୍ର ଓ ଜଗମୋହନ ମନ୍ଦିରର ଶିଖରରେ ବାନ୍ଧି ପୂର୍ଣ୍ଣ ମନ୍ଦିର ଓ ବେଢ଼ା ପରିକ୍ରମା କରି ମହାପ୍ରଭୁଙ୍କୁ ପ୍ରଣତି ଜଣାଇବା ପରେ ନୀତି ସମ୍ପନ୍ନ ହେବ । ସନ୍ଧ୍ୟା ୭ଟା୩୦ରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ତିନିଦିଅଁ ଫୁଲ ତୁଳସୀ ଓ ସୁନାବେଶରେ ଭକ୍ତଙ୍କୁ ଦର୍ଶନଦେବେ ବୋଲି ଜଣାପଡ଼ିଛି । ସେହିପରି ରଥ ପଡିଆରେ ତିନି ରଥକାର୍ଯ୍ୟ ଜୋରସୋରରେ ଚାଲିଛି । ରଥରେ ପିତୁଳାଙ୍କୁ ସେମାନଙ୍କ ସ୍ଥାନରେ ଲଗା ଯାଇଥିବା ବେଳେ ସିଂହାସନ କାର୍ଯ୍ୟ ଶେଷ ହୋଇଛି । ରଥରେ କନା ବା ଚାନ୍ଦୁଆ ଲାଗି ଆରମ୍ଭ ହୋଇଛି । ବିଭିନ୍ନ ରଙ୍ଗରେ ଚିତ୍ର ମାଧ୍ୟମରେ ଚିତ୍ରକର ଆକର୍ଷଣୀୟ ରୂପ ପ୍ରଦାନ ପରେ ବଡ଼ଦାଣ୍ଡ ଝଲସୁଛି । ଅପରପକ୍ଷରେ ରଥଯାତ୍ରା ଅବ୍ୟହତି ପୂର୍ବରୁ ବାରିପଦା ସହରକୁ ଜନସମାଗମ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ବ୍ୟବସାୟୀ ମାନେ ସେମାନଙ୍କର ପସରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ବରିଷ୍ଠ ଅଭିଜ୍ଞ ପୁଲିସ ଅଧିକାରୀଙ୍କ ସହିତ ବୈଠକ ପରେ ଟ୍ରାଫିକ ନିୟନ୍ତ୍ରଣ ଓ ପୁଲିସ ମୁତୟନ ପ୍ରସ୍ତୁତି ଶେଷ କରିଛନ୍ତି ।



**ରଥ ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ**

## ସରପଞ୍ଚଙ୍କୁ ଧମକ ଅଭିଯୋଗ

**ବଡସାହି,୨୫।୬(ସମିସ):** ବଡସାହି ବ୍ଲକ୍ ପଟିସାରୀ ପଂଚାୟତର ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଏକ ହାଟକୁ ନେଇ ଚାଲିଥବା ବିବାଦ ଶେଷରେ ଥାନା ପର୍ଯ୍ୟନ୍ତ ଯାଇଛି । ଏହି ବିବାଦର ସମାଧାନ କରିବାକୁ ଗତ ୨ଦିନ ତଳେ ବ୍ଲକ୍ ସଭାଗୃହରେ ଏପିଡି, ତହସିଲଦାର, ଏବିଡିଓ ଓ ଥାନା ଅଧିକାରିଣୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲା । ମାତ୍ର ତାହା ତାହା ସଫଳ ହୋଇ ନାହିଁ । ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ରହିବାରୁ ପଂଚାୟତରେ ଗ୍ରାମସଭା କରାଯାଇ ସମସ୍ୟାର ସମାଧାନ କରାଯିବାକୁ ଅଧିକାରୀମାନେ ନିଷ୍ପତ୍ତି ନେଇଥିଲେ । ମାତ୍ର ଏହି ନିଷ୍ପତ୍ତି ପରେ ତେନ୍ତୁଳିମୁଣ୍ଡା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଦୀର୍ଘ ସମୟ ଧରି ବ୍ଲକ୍ ସମ୍ମୁଖରେ ବସି ରହିଥିଲେ । ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସରପଞ୍ଚଙ୍କୁ ଦୁର୍ବ୍ୟବହାର କରି ତାଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହିତ ମାଡ ମାରିବାକୁ ଉଦ୍ୟମ କରିବା ଏବଂ ତାଙ୍କୁ ଓ ତାଙ୍କ ପରିବାରକୁ ଜୀବନରୁ ମାରି ଦେବାର ଧମକ ଦେଇଥିବାର ଅଭିଯୋଗରୁ ଜଣାଯାଇଛି । ଏପରିକି ସେମାନେ ଏକ କାଗଜ ଓ ଫର୍ମରେ ତାଙ୍କ ଠାରୁ ଜୋର ଜବରଦସ୍ତ ଦସ୍ତଖତ ମଧ୍ୟ ନେଇ ଯାଇଥିବାର ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ତଦନ୍ତ କରୁଥିବାବେଳେ ଉଭୟ ପକ୍ଷଙ୍କୁ ନେଇ ୧୦୭ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍

**ବାରିପଦା, ୨୫ ।୬(ସମିସ):** ବାରିପଦା ଅତିରିକ୍ତ ଜିଲ୍ଲା ବିଚାରପତି-୨ ଏକ ଚେକ ବାଉନସ ମାମଲାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ରାୟକୁ କାଏମ ରଖିଛନ୍ତି । ବିଚାରପତି ସୁମନ କୁମାର ମିଶ୍ର ଏହାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୬ମାସର କାରାଦଣ୍ଡ ଭୋଗିବାର ଆଦେଶ ପ୍ରଦାନ କରିଛନ୍ତି । ଏହା ସହିତ ୨ଲକ୍ଷ ୧୩ ହଜାର ୧୪ ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସାମୀ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର କଲ୍ୟାଣି ଗୋସ୍ୱାମୀ । ସୂଚନା ଯୋଗ୍ୟ ଯେ, ସେ ବ୍ୟବସାୟୀ ନିମନ୍ତେ ବାରିପଦା ସ୍ଥିତ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ମହିଳା ଶାଖାରୁ ୨ଲକ୍ଷ ଟଙ୍କା ଋଣ ନେଇଥିଲେ । ଋଣ ପରିଶୋଧ ନିମନ୍ତେ ଏକ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ । ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନଥିବାରୁ ଚେକ ବାଉନସ ହୋଇଯାଇଥିଲା । ତେବେ ଏହାକୁ ନେଇ ପରିଚାଳନା ନିର୍ଦ୍ଦେଶକ ଏସଡିଜେଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା । ତେବେ ପରେ ଉକ୍ତ ମାମଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ ଯାଇଥିଲା । ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଶୁଣାଣି କରିଥିଲେ । ଯାହାକୁ ନେଇ ଜିଲ୍ଲା ଦୌରା ଜଜ କୋର୍ଟରେ ଅପିଲ କରିଥିଲେ; ଯାହାକୁ ନେଇ ଆଜି ଶୁଣାଣି ହୋଇଛି । ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ ।

## ହାଟ ବିବାଦକୁ ନେଇ ମାଣତ୍ରୀ-ଉଦଳା ରାସ୍ତା ଅବରୋଧ

**ବଡସାହି, ୨୫।୬(ସମିସ):** ବଡସାହି ବ୍ଲକ୍ ପଟିସାରୀ ପଂଚାୟତର ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଏକ ହାଟକୁ ନେଇ ଚାଲିଥିବା ବିବାଦ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । ବୁଧୁବାର ତେନ୍ତୁଳିମୁଣ୍ଡା ଗ୍ରାମବାସୀ ଏହି ବିବାଦକୁ ନେଇ ମାଣତ୍ରୀ- ଉଦଳା ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରିଛନ୍ତି । ଫଳରେ କିଛି ସମୟ ଧରି ଏହି ରାସ୍ତାରେ ଯାତାୟତ ଠପ୍ ହୋଇଥିଲା । ବର୍ଷା ଲାଗି ରହିଥିବାରୁ ବହୁ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଖବର ପାଇ ଅପରାହ୍ନରେ ତହସିଲଦାର, ଏବିଡିଓ, ଥାନା ଅଧିକାରିଣୀ, ଜିପିଓ ଓ ଭୀମଦା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛନ୍ତି । ମାତ୍ର ସମାଧାନର ସୂତ୍ର କିଛି ବାହାରି ପାରିନାହିଁ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ଅବରୋଧ ଚାଲୁ ରହିଛି । ଗତ ୨ଦିନ ତଳେ ବ୍ଲକ୍ ସଭାଗୃହରେ ଏପିଡି, ତହସିଲଦାର, ଏବିଡିଓ ଓ ଥାନା ଅଧିକାରିଣୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସଫଳ ହୋଇ ନାହିଁ । ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବା ବେଳେ ଉତେଜନା ପ୍ରକାଶ ପାଇଥିଲା । ଏହାପରେ ପଂଚାୟତରେ ଗ୍ରାମସଭା କରାଯାଇ ସମସ୍ୟାର ସମାଧାନ କରାଯିବାକୁ ଅଧିକାରୀମାନେ ନିଷ୍ପତି ନେଇଥିଲେ । ମାତ୍ର ଏଥିରେ ତେନ୍ତୁଳିମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ଅସନ୍ତୋଷକୁ ନେଇ ରାସ୍ତା ଅବରୋଧ ଘଟିଥିବାର ଜଣାଯାଇଛି । ଉଭୟ ପକ୍ଷଙ୍କ ପକ୍ଷରୁ ଆରୋପ ପ୍ରତ୍ୟାରୋପ ଓ ଆକ୍ଷେପ ଲାଗି ରହିଛି । ଏହି ସମସ୍ୟାର ସମାଧାନର ସୂତ୍ର ବାହାରି ପାରୁ ନାହିଁ । ଅଧିକାରମାନେ ମଧ୍ୟ ଏହି ନିଷ୍ପତ୍ତି ଉପରେ ଅସହାୟତା ପ୍ରକାଶ କରୁଥିବାର ଅନୁମେୟ । ତେଣୁ ଏ ବିବାଦ କମିବା ପରିବର୍ତ୍ତେ ଆହୁରି ଆଗକୁ ବଢିବ ବୋଲି ଅନୁମାନ କରାଯାଉଛି । ଏହି ହାଟଟି ତେନ୍ତୁଳିମୁଣ୍ଡାରେ ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ହାଟ ହେଉଥିଲା । ଏହା ମଧ୍ୟ ପଂଚାୟତ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲା ବେଳେ ଚଳିତ ବର୍ଷ ୭୬ ହଜାର ଟଙ୍କାରେ ନିଲାମ ହୋଇଛି । ଏହି ନିଲାମ ଗ୍ରାମ କମିଟି ଜରିଆରେ ଜଣେ ମହିଳାଙ୍କ ନାମରେ ନିଆଯାଇଥିବାର ଜଣାଯାଇଛି । ମାତ୍ର ମହାସୁଲ ଆଦାୟକୁ ନେଇ ବିବାଦ ଦେଖା ଦେଇଥିବାରୁ, ଗତ କିଛି ଦିନ ଧରି ଏହି ହାଟକୁ ବେପାରିମାନେ ନ ଆସି ନିକଟସ୍ଥ ବେଗୁନିଆବଣୀ ନିକଟରେ ବସିବାରୁ ବିବାଦର ସୂତ୍ରପାତ ହୋଇଛି । ଏହାର ଫାଇଦା ନେଇ ବେଗୁନିଆବଣୀ ଗ୍ରାମବାସୀ ତାଙ୍କ ଗ୍ରାମରେ ଏକ ନୂତନ ହାଟ ସ୍ଥାପନ ପାଇଁ ଅଣ୍ଟା ଭିଡିଛନ୍ତି ।



## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

**କରଞ୍ଜିଆ, ୨୫।୬(ସମିସ):** କରଞ୍ଜିଆ ଥାନା କୁଇତା ଢ଼ାବାଠାରେ ମଙ୍ଗଳବାର ରାତିରେ କିଛି ଦୁର୍ବୃତ୍ତ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି । ପୀଡିତାଙ୍କ ଅଭିଯୋଗ ଅନୁସାରେ ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ ଅଟକ ରଖି ତଦନ୍ତ କରୁଛି । ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି । ପ୍ରକାଶ ଯେ ଜନୈକ ଯୁବତୀ ଜଣକ କରଞ୍ଜିଆ ଥାନାର ହଳଦିଆପୋଷି ଗ୍ରାମର ମାମୁ ଘରକୁ ବୁଲିବାକୁ ଆସିଥିବାବେଳେ ମଙ୍ଗଳବାର ନାଧାଗାଡିଆ ଗ୍ରାମର ହନୁମାନ ମନ୍ଦିରକୁ ଆସିଥିଲେ । ପୂଜାସାରି ନିଜ ମାମୁଁଘର ଗ୍ରାମକୁ ଫେରୁଥିବାବେଳେ ବାଟରେ ଏକ କାଜୁ ଜଙ୍ଗଲ ନିକଟରେ କିଛି ଦୁର୍ବୃତ୍ତ ସେଠାରେ ଉପସ୍ଥିତ ଥିଲେ, ଯୁବତୀଙ୍କୁ ଏକୁଟିଆ ପାଇଁ ବାଇକରେ ଜାତୀୟ ରାଜପଥ କୋଇତା ଢାବାକୁ ନେଇଯାଇ ସେଠାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ । ଯୁବତୀ ଜଣକ ବହୁ କଷ୍ଟରେ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ତାଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତ ବିକାଶ କୁମାର ପାତ୍ରକୁ ଗିରଫ କରିଛି ।

## ରଥଯାତ୍ରା ପାଇଁ ଲାଗିଲା ସିସି କ୍ୟାମେରା

**ରାଇରଙ୍ଗପୁର,୨୫ ।୬(ସମିସ):** ଚଳିତ ବର୍ଷ ରଥଯାତ୍ରା ଅବସରରେ ରାଇରଙ୍ଗପୁରରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଉଛି । ଯଦ୍ୱାରା ପୁଲିସ ଅପରାଧିକ ଗତିବିଧି ବା ଦୁର୍ବୃତ୍ତଙ୍କ ଉପରେ କଡା ନଜର ରଖିବ । ବର୍ତ୍ତମାନ ରଥଯାତ୍ରାକୁ ଦୃଷ୍ଟିରେ ରଖି ସହରରେ ୯ଟି ୱାଇଫାଇ କ୍ୟାମେରା ଲଗାଯାଇଛି । ସେଗୁଡିକ ମଧ୍ୟରେ ଜଗନ୍ନାଥ ମାର୍କେଟ ଅଞ୍ଚଳରେ ଦୁଇ, ଗୋଲାଇ ଛକରେ ୩, ରଘୁନାଥ ମୁର୍ମୁ ଛକରେ ୧ ଓ ଗୋରୁମହିଷାଣି ଛକରେ ଗୋଟିଏ ସିସି କ୍ୟାମେରା ଲଗାଯାଇଛି । କ୍ୟାମେରା ଗୁଡିକ ପରିଚାଳନା ଓ ନିୟନ୍ତ୍ରଣ ଉପଖଣ୍ଡ ପୁଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ କରାଯିବ ବୋଲି ସୂଚନା ମିଳିଛି ।

## ଛତୁ ଖାଇ ୪ ଗୁରୁତର



**ମହୁଲଡିହା,୨୫।୬(ସମିସ):** ଠାକୁରମୁଣ୍ଡା ବ୍ଲକ ଶାଳଚୁଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଲିଡିହା ଗ୍ରାମରେ ଜଙ୍ଗଲି ଛତୁ ଖାଇ ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ, ବର୍ଷା ଦିନରେ ବହୁଳ ମାତ୍ରାରେ ଉଠୁଥିବା ଜଙ୍ଗଲୀ ଛତୁ ଆଣି ଅଧିକ ମାତ୍ରାରେ ଖାଇଥିବା ହେତୁ ଝାଡାବାନ୍ତିର ଶିକାର ହୋଇଥିଲେ । ପରିବାରର ନୀତି ବୁଳିଉଲି (୫୨), ରାମଚନ୍ଦ୍ର ଦେଓଗାମ (୩୬), ବୁଧୁନି ଦେଓଗାମ (୨୮) ଓ ନାଗି ଦେଓଗାମ (୬୦)ଙ୍କ ସ୍ୱାସ୍ଥ୍ୟା ଅବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଗତକାଲି ମଙ୍ଗଳବାର ଭର୍ତ୍ତି କରିଥିଲେ । ଆଜି ସମସ୍ତଙ୍କର ଚିକିତ୍ସା ଚାଲିଛି ଓ କ୍ରମଶଃ ସୁସ୍ଥ ହେଉଥିବା ଖବର ମିଳିଛି ।

## ଫାଇନାନ୍ସ କର୍ମଚାରୀଙ୍କୁ ବନ୍ଧୁକ ମୁନରେ ୪୮ ହଜାର ଲୁଟ୍

**ବହଳଦା, ୨୫।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଝରାଡିହି ଫାଣ୍ଡି ଅନ୍ତର୍ଗତ ବହଳଦା ଝରାଡିହି ମୁଖ୍ୟରାସ୍ତାର ଗିଦିଘାଟୀ ନିକଟରେ ଜନୈକ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ବନ୍ଧୁକ ମୁନରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ସତ୍ୟଜିତ ଦାସ ଗତକାଲି ଝରାଡ଼ିହି ଅଞ୍ଚଳରୁ ଋଣ ବାବଦରେ ସଂଗ୍ରହ କରିଥିବା ୪୮ ହଜାର ଟଙ୍କା ଫାଇନାନ୍ସ କିସ୍ତି ଧରି ବାଇକ୍‌ରେ ରାଇରଙ୍ଗପୁର ଫେରୁଥିଲେ । ତେବେ ଝରାଡ଼ିହି ଫାଣ୍ଡି ଅନ୍ତର୍ଗତ ଗିଧିଘାଟିଁ ନିକଟରେ ଏକ କଳା ପଲସର୍‌ରେ ୨ ଜଣ ଯୁବକ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇ ୪୮ ହଜାର କିସ୍ତି ଟଙ୍କା ସହିତ ମୋବାଇ ଫୋନ ଲୁଟି ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ଘଟଣା ସମ୍ପର୍କରେ ଫାଇନାନ୍ସ କର୍ମଚାରୀଙ୍କ ପକ୍ଷରୁ ଝରାଡିହି ଫାଣ୍ଡିରେ ଅଭିଯୋଗ କରାଯାଇଥିଲା । ଏ ନେଇ ତିରିଂ ଥାନାରେ ମାମଲା ରୁଜୁ କରାଯାଇ ତିରିଂ ଥାନା ପୁଲିସ୍ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରଖାଯାଇଥିବା ବେଳେ ଲୁଟେରାଙ୍କ କୌଣସି ପତ୍ତା ମିଳିପାରିନାହିଁ ।

### ବାରିପଦା ସହର ବାଇପାସ୍‌ରେ ନିର୍ମାଣ ହେବ ନୂତନ ରେଳଷ୍ଟେସନ

# ଜାମଶୋଳ-କୁଚେଇ ଷ୍ଟେସନ ମଧ୍ୟରେ ୨୩ କିମି ପ୍ରସ୍ତାବିତ ରେଳପଥ

**ବାରିପଦା, ୨୫ ।୬(ସମିସ)**

ମୟୂରଭଞ୍ଜ ଜିଲ୍ଲାର ବହୁ ପ୍ରତୀକ୍ଷିତ ତିନୋଟି ନୂତନ ରେଳପଥ ବାଦାମପାହଡ-କେନ୍ଦୁଝର, ଗୋରୁମହିଷାଣୀ-ବାଙ୍ଗିରିପୋଷି ଓ ବୁଢାମରା-ଚକୁଳିଆ ରେଳପଥ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ପରେ ଦକ୍ଷିଣ ପୂର୍ବ ରେଳବାଇ ଡିଭିଜନ ପକ୍ଷରୁ ରୁପସା-ବାଙ୍ଗିରିପୋଷି ରେଳପଥ ଦୋହରୀକରଣ ଆବଶ୍ୟକ ରହିଛି । ସିଙ୍ଗଲ ବା ଗୋଟିଏ ଲାଇନରେ ଏତେ ସଂଖ୍ୟକ ଟ୍ରେନ ଚଳପ୍ରଚଳ ସମସ୍ୟା ଆଣିବ । ସେହିପରି ବାରିପଦା ସହର ବାଇପାସ ରେଳପଥ ନିର୍ମାଣ ଜରୁରୀ । ଏହାକୁ ଦୃଷ୍ଟିରେ ରଖି ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୨୨ ଅକ୍ଟୋବର ମାସରେ ଦକ୍ଷିଣ-ପୂର୍ବ ରେଳ କର୍ତ୍ତୃପକ୍ଷ ବାରିପଦା ସହର ବାଇପାସରେ ନିର୍ମାଣ ହେବ ନୂତନ ରେଳପଥ ଓ ଷ୍ଟେସନ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ । ଯାହା ପୁଣି ପରିବର୍ତ୍ତିତ ହୋଇଛି । ରୂପସା-ବାଙ୍ଗିରିପୋଷି ରେଳରୁଟର ଜାମଶୋଳ-କୁଚେଇ ଷ୍ଟେସନ ମଧ୍ୟରେ ପ୍ରାୟ ୨୩ କିମି ଲମ୍ବର ଏହି ନୂତନ ବାଇପାସ ଲାଇନ ନେଇ ଡିପିଆର ପ୍ରସ୍ତୁତ ପରେ ରେଲଓ୍ୱେ ବୋର୍ଡ ସିସିଇଏ ଅନୁମୋଦନକୁ ଅପେକ୍ଷା କରିଛି । ପ୍ରସ୍ତାବିତ ଡିପିଆରରେ ରଘୁନାଥପୁର ନିକଟରେ ନିଉ ବାରିପଦା ଓ ଦାମଦୋରପୁର ନିକଟରେ ନିଉ ଭଞ୍ଜପୁର ନାମରେ ୨ଟି ପୃଥକ ରେଳ ଷ୍ଟେସନ ନିର୍ମାଣ ଲକ୍ଷ୍ୟ ରହିଛି । ଏହା ପରେ ପ୍ରସ୍ତାବିତ ବାଇପାସ ରେଳ ଲାଇନ ଓ ଦୁଇଟି ରେଳ ଷ୍ଟେସନର ରୂପରେଖ, ପ୍ରୋଜେକ୍ଟ ରିପୋର୍ଟ, ଫାଇନାଲ ଲୋକେସନ ସର୍ଭେ, ମୃତ୍ତିକା ପରୀକ୍ଷା, ୟାର୍ଡ ପ୍ଲାନ ପ୍ରସ୍ତୁତି, ବିଭିନ୍ନ ଡିଜାଇନ ଓ ଡ୍ରଇଂ ପ୍ରସ୍ତୁତି ପାଇଁ ଟେଣ୍ଡର ଆହ୍ୱାନ କରାଯିବ । ରୁପ୍ସା-ବାଙ୍ଗିରିପୋଷି ରେଳରୁଟ ବ୍ରଡ଼ଗଜରେ ରୂପାନ୍ତରିତ ହେବା ପରେ ବର୍ତ୍ତମାନ ବିଦ୍ୟୁତିକରଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି ରୁଟରେ ଦୈନିକ ମେମୁ ଟ୍ରେନ ରୁପସା/ବାଲେଶ୍ୱର ପର୍ଯ୍ୟନ୍ତ ୬ଥର ଚଳାଚଳ କରୁଥିବା ବେଳେ ପ୍ରତିଦିନ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ, ସାପ୍ତାହିକ ସାଲିମାର-ଭଞ୍ଜପୁର ଓ ଭଞ୍ଜପୁର-ପୁରୀ ଟ୍ରେନ ଚଳାଚଳ କରୁଛି । ସହରରେ ରାଜାରାଜୁଡା ଅମଳରୁ ବାରିପଦା ଓ ଭଞ୍ଜପୁର ରେଳ ଷ୍ଟେସନ ଥିବା ବେଳେ ଏହି ଦୁଇଟି ଷ୍ଟେସନ ମଧ୍ୟରେ ଓ ପୂର୍ବରୁ ସହରର ପ୍ରମୁଖ ରାସ୍ତାରେ ଏକାଧିକ ଲେବଲ କ୍ରସିଂ ରହିଛି । ଷ୍ଟେସନ ବଜାର ନିକଟରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ୪୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ପ୍ରତିବାଦ କରିବାରୁ ତାହା ବନ୍ଦ ହୋଇଛି । ବୁଢାମରା-ଚାକୁଳିଆ, ବାଙ୍ଗିରିପୋଷି-ଗୋରୁମହିଷାଣୀ ଓ ବାଦାମପାହାଡ-କେନ୍ଦୁଝର ସହିତ ସଂଯୋଗୀକରଣ ହେଲେ ଏହି ରୁଟରେ ଦ୍ରୁତଗାମୀ ଯାତ୍ରୀବାହୀ ଟ୍ରେନ ସହିତ ମାଲବାହୀ ଟ୍ରେନ ଚଳାଚଳ କରିବ । ଏପରି ସ୍ଥଳରେ ସହର ମଧ୍ୟରେ ଥିବା ଏକାଧିକ ରେଳ ଲେବଲ କ୍ରସିଂ ବାଧକ ସାଜିବା ସହିତ ରେଳଧାରଣା ସନ୍ନିକଟ ଜନସାଧାରଣଙ୍କ ବାସଗୃହ ପ୍ରତି ବିପଦ ଦେବାଖା ଦେବ ତତସହିତ ଦୋହରୀକରଣ ରେଳପଥ ନିର୍ମାଣ ସହର ମଧ୍ୟରେ ଅସମ୍ଭବ ଦର୍ଶାଇ ଦୋକାନୀ ଗଣ ପୂର୍ବରୁ ପ୍ରସ୍ତାବିତ ବାଇପାସ ଲାଇନର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ପ୍ରସ୍ତାବକୁ ରେଳ ମନ୍ତ୍ରଣାଳୟ ଗ୍ରହଣ କରି ପୂର୍ବରୁ ଏକ ଟେଣ୍ଡର ଆହ୍‌ୱାନ ପରେ ବାରିପଦା ସହର ବାଇପାସ ଲାଇନ ଆଶା ଉଜ୍ଜୀବିତ ହୋଇଥିଲା । ପରନ୍ତୁ ପରବର୍ତ୍ତୀ ସମୟରେ ପୁଣିଥରେ ନୂତନ ପ୍ରସ୍ତାବ ଅନୁଯାୟୀ ଉପରୋକ୍ତ ଅଗ୍ରଗତି ହୋଇଛି । ଏହାର ପ୍ରସ୍ତାବିତ ଡାଇଭର୍ସନ ରେଳପଥର ଏକ ନକସା ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବାରେ ଲାଗିଥିଲା । ପାଖାପାଖି ୨୩କିମିର ବାଇପାସ ରେଳରୁଟଟି ବାରିପଦା ସହରର ପୂର୍ବଦିଗରେ ଥିବା ଜାମଶୋଳ ରେଳଷ୍ଟେସନରୁ ସହରର ପଶ୍ଚିମରେ ଥିବା କୁଚେଇ ରେଳଷ୍ଟେସନ ମଧ୍ୟରେ ନିର୍ମାଣ ହେବ । ଯାହାକି ଦେବେନ୍ଦ୍ରପୁର, ତକତପୁର, ରଘୁନାଥପୁର, ବରଜୁପୁର ଓ ଦାମଦୋରପୁର ହୋଇ ଯିବ । ଏହା ହେଲେ ଦ୍ରୁତଗାମୀ ଟ୍ରେନ ସହର ଭିତରକୁ ଆସିବେ ନାହିଁ । ନୂତନ ରୁଟରେ ଦୁଇଟି ନୂତନ ଷ୍ଟେସନ କାର୍ଯ୍ୟକାରୀ ହେବା ଦ୍ୱାରା ବାରିପଦା ସହରର ଜାତୀୟ ରାଜପଥ ୧୮ ନଂ ଉତ୍ତରପାଶ୍ୱର୍ ଦ୍ରୁତ ଉନ୍ନତି ହେବାର ସମ୍ଭାବନା ସୃଷ୍ଟି ହୋଇଛି । ବର୍ତ୍ତମାନ ଏହି ଅଞ୍ଚଳରେ ପିଆରଏମ ମେଡିକାଲ କଲେଜ ନୂତନ କ୍ୟାମ୍ପସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ, ଶିକ୍ଷା ଓ ଶିକ୍ଷକ ମହାବିଦ୍ୟାଳୟ, ସରକାରୀ ଆଇଟିଆଇ, ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନସି, ମୟୂରଭଞ୍ଜ ଇଞ୍ଜିନିୟରିଂ କଲେଜ, କେନ୍ଦ୍ରୀୟ ବିଦ୍ୟାଳୟ୧ ଓ ୨ କାର୍ଯ୍ୟ କରୁଛି । କ୍ରମବର୍ଦ୍ଧିଷ୍ଣୁ ସହରକୁ ଆଖିରେ ରଖି ରେଳ ମନ୍ତ୍ରଣାଳୟର ପ୍ରସ୍ତାବକୁ ସବୁ ମହଲରେ ସ୍ୱାଗତ କରାଯାଇଥିଲା । ତେବେ ନୂତନ ବାଇପାସ ରେଳଲାଇନ ନିର୍ମାଣ ହେଲେ ବାରିପଦା ସହର ମଧ୍ୟରେ ଅଧିକ ରେଳ ଚଳାଚଳ ବନ୍ଦ ହେବ ନାହିଁ । ବର୍ତ୍ତମାନ ଚାଲୁଥିବା ଟ୍ରେନ ପୂର୍ବଭଳି ଚଳାଚଳ କରିବ ଏବଂ ବାରିପଦା ଓ ଭଞ୍ଜପୁର ରେଳଷ୍ଟେସନ ଉଚ୍ଛେଦ ହେବ ନାହିଁ ବୋଲି କୁହାଯାଇଛି । ବାଇପାସ୍ ରେଳପଥ ନିର୍ମାଣକୁ ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ସ୍ୱାଗତ କରୁଛି ବୋଲି ଅଭିଜିତ୍ ରାମ କହିଛନ୍ତି ।




**ଡିପିଆର ପ୍ରସ୍ତୁତ ପରେ ସିସିଇଏ ଅନୁମୋଦନକୁ ଅପେକ୍ଷା**

## ବାରିପଦା ଡିଗ୍ରୀ କଲେଜରେ ଆଲୋଚନାଚକ୍ର

**ବାରିପଦା, ୨୬ ।୬(ସମିସ):** ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଡସାହି ପଞ୍ଚାୟତ ସମିତି କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ଡ଼ଃ ଜୀବନ କୁମାର ପଣ୍ଡିତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଲୋଚନାର ବିଷୟ ବସ୍ତୁ 'ଏଣ୍ଡୋକ୍ରାଇନ ଡିସଓଡର' ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ । ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରବୋଧ କୁମାର ଦେ ମୁଖ୍ୟ ଅତିଥି ଯୋଗ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ରଶ୍ମି ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିସହିତ ଦ୍ୱତୀୟ ବର୍ଷର ଛାତ୍ର ଦେବାଶିଷ ସେଠି ଏବଂ ସୌମ୍ୟରଞ୍ଜନ ନାଥ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ ।

## ସମ୍ବିଧାନ ସୁରକ୍ଷା ଦିବସ ପାଳିତ

**ବାରିପଦା, ୨୫ ।୬(ସମିସ):** ବାରିପଦା ଡିଗ୍ରୀ କଲେଜ ଅଧକ୍ଷ ଡ଼ଃ ପ୍ରବୋଧ କୁମାର ଦେଙ୍କ ପୌରହିତ୍ୟରେ ସମ୍ବିଧାନ ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ଏଥିରେ ଅଧକ୍ଷ ଦିବସ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହା ପରେ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ଓ ଜ୍ୟୋସ୍ନାରାଣୀ ଦତ୍ତ, ଯୁବ ରେଡକ୍ରସ ଅଧିକାରୀ ସଂଜୀବ କୁମାର, ଅଧାପିକା ଜସ୍ମିନ ବାରିକ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟ କର୍ମଚାରୀଙ୍କ ସହଯୋଗରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା ।



## ଉଚ୍ଛେଦ ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ

# ତହସିଲଦାରଙ୍କୁ ଠେଲାପେଲା କଲେ ଆନ୍ଦୋଳନକାରୀ



## ସୁଦାମଙ୍କ ହସ୍ତକ୍ଷେପ ପରେ ସ୍ଥଗିତ ହେଲା ଅବରୋଧ

ବାରିପଦା/କୁଳିଅଣା, ୨୫।୬(ସମିସ): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ତହସିଲ ଅଞ୍ଚଳରେ ଉଚ୍ଛେଦକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଏଥିସହିତ ସ୍ଥାନୀୟ ତହସିଲଦାରଙ୍କୁ ଉତ୍ତେଜିତ ଲୋକେ ଠେଲାପେଲା ସହିତ ଆକ୍ରମଣ ଉଦ୍ୟମ କରିଛନ୍ତି। ତେବେ ପୁଲିସ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛି। ଘଟଣାରୁ ପ୍ରକାଶ ଯେ ଅନୁସାରେ କୁଳିଅଣା ତହସିଲ ଅଞ୍ଚଳରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ୩ଏକର ଜମିର ଆବଶ୍ୟକ ଥିବାରୁ ପ୍ରଶାସନ ପକ୍ଷରୁ ସରକାରୀ ଜମି ଚିହ୍ନଟ କରାଯାଇଥିଲା। ତିତିରି ଓ ତାଳପଦା ଅଞ୍ଚଳରେ ୨୦ ଏକର ସରକାରୀ ଜମି ଲୋକ ମାନଙ୍କ ଦଖଲରେ ଥିବାରୁ ସେଠାରୁ ଉଚ୍ଛେଦ ପାଇଁ ୧୩୦ ପରିବାରକୁ ତହସିଲ କାର୍ଯ୍ୟାଳୟରୁ ରାଜସ୍ୱ ନୀରିକ୍ଷକଙ୍କ ଜରିଆରେ ଏକମାସ ପୂର୍ବରୁ ନୋଟିସ ଦିଆଯାଇଥିଲା। ତେବେ ଉଚ୍ଛେଦ ହେବାକୁ ଥିବା ପରିବାରର ମହିଳା ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକଙ୍କୁ ସାକ୍ଷାତ କରି ବର୍ଷାଦିନ ପାଇଁ ଗୋଟିଏ ମାସ ପରେ ଉଚ୍ଛେଦ ପାଇଁ ଅନୁରୋଧ କରି ନିଜ ଘରକୁ ଫେରିଥିଲେ। ପରନ୍ତୁ ବୁଧବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏହାକୁ ବିରୋଧ କରି ଗ୍ରାମର ଶତାଧିକ ପୁରୁଷ ଓ ମହିଳା କୁଳିଅଣା ତହସିଲଦାର ଦୁର୍ଗା ଚରଣ ମୁର୍ମୁଙ୍କୁ କାକୁତି ମିନତି ହୋଇ ବର୍ଷା ଦିନ ପାଇଁ ସ୍ଥଗିତ ରଖିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସେ କୌଣସି କଥା ନ ଶୁଣି ପୁଲିସ ଫୋର୍ସ ଉପସ୍ଥିତିରେ ଜେସିବି ସାହାଯ୍ୟରେ କାହ୍ନୁଚରଣ ଦାସ, ଭୋଳାନାଥ ଦାସ, ସାବିତ୍ରୀ ବେହେରା ଓ ଶଙ୍କର୍ଷଣ ବେହେରା ପ୍ରମୁଖଙ୍କ ଘର ଭାଙ୍ଗି ଦେଇଥିଲେ। ଏ ନେଇ ଗ୍ରାମବାସୀ ବିରୋଧ ପୂର୍ବକ ୧୮ ନଂ ଜାତୀୟ ରାଜପଥରେ ନିଆଁ ଜାଳି ଓ ବାଉଁଶ ବାନ୍ଧି ଅବରୋଧ କରିଥିଲେ। ଘଟଣା ସ୍ଥଳରେ କୁଳିଅଣା ପୁଲିସ ଓ ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। କିଛି ଉତ୍ତେଜିତ ଲୋକେ ରାଗି ଯାଇ ପୁଲିସ ଉପସ୍ଥିତିରେ ତହସିଲଦାରଙ୍କୁ ଠେଲାପେଲା ସହିତ ଆକ୍ରମଣ ଉଦ୍ୟମ କରିଥିଲେ। ତେବେ ଦୁଇଟି ପରିବାର ଉଚ୍ଛେଦ ବିରୋଧରେ ଉଚ୍ଚନ୍ୟାୟାଳୟରୁ ରହିଦାଦେଶ ପାଇଥିବାରୁ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ପାଇଁ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି ଓକିଲଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ଭେଟି ପ୍ରଶାସନ ଏଭଳି ନିଷ୍ପତ୍ତି ନେଇ ବିରୋଧ ଜଣାଇଥିଲେ। ଏହାପରେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କ ସହିତ ଆଲୋଚନା କରିବାରୁ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ଶ୍ରୀ ମାର୍ଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି ଓ ସମାଜ ସେବୀ ରବୀନ୍ଦ୍ର କର ଘଟଣା ସ୍ଥଳରେ ପହଞ୍ଚି ତହସିଲଦାରଙ୍କ ସହ ଆଲୋଚନା ପରେ ଏକ ମାସ ପର୍ଯ୍ୟନ୍ତ ମହଲତ ଦେଇଛନ୍ତି। ଫଳରେ ଉତ୍ତେଜନା ପ୍ରଶମିତ ହେବା ସହିତ ଜାତୀୟ ରାଜପଥ ଅବରୋଧ ହଟିଥିଲା। କୁଳିଅଣା ଥାନା ପୁଲିସ ତହସିଲଦାରଙ୍କୁ ଠେଲାପେଲା ଓ ରାସ୍ତା ଅବରୋଧ ନେଇ ତଦନ୍ତ କରୁଛି।

## ଆଠଜଣ କୃତୀ ମେଧାବୀଙ୍କୁ ସମ୍ବର୍ଦ୍ଧନା



ମହୁଲଡିହା, ୨୫।୬(ସମିସ): ଠାକୁରମୁଣ୍ଡା ବ୍ଲକ ସ୍ତରରେ ବିଗତ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ମୋଟ ୮ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା ଯୋଗଦେଇ ଏ-୧ରେ ପାଶ କରିଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଚମ୍ପାଝରର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରତିକାନ୍ତ ବୈଦ୍ୟ, ସମ୍ମାନିତ ଅତିଥି ଏବିଇଓ ସନ୍ତୋଷ କୁମାର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସରପଞ୍ଚ ସୁଜିତ ଲୁଗୁନ, ପ୍ରେସ୍ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଏବଂ ଠାକୁରମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମସ୍ତେ ପିଲାମାନେ ଭବିଷ୍ୟତରେ ଭଲ ମଣିଷ ହେବା, ନମ୍ର ଏବଂ ଅହଂକାର ଶୂନ୍ୟ ଉଦାର ବ୍ୟକ୍ତିତ୍ୱ ହେବା ପାଇଁ ପରାମର୍ଶ ଦେଇଥିଲେ। ଠାକୁରମୁଣ୍ଡା ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ନିଖିଲ ବେଙ୍ଗ୍ରା (୫୬୭)ଙ୍କ ସହିତ ଶୁଭମ ଘଣା (୫୫୯), ହେମନ୍ତ କୁମାର ମହାନ୍ତ (୫୫୧), ଦେବାଶିଷ ମହାନ୍ତ(୫୫୧), ମନୋଜ ମହାନ୍ତ (୫୪୭), ଦିବ୍ୟଜ୍ୟୋତି ଗିରି (୫୪୧) ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଜିଆଣୀର ଛାତ୍ର ଥିବା ବେଳେ ୨ ଜଣ ରତ୍ନପର୍ଣ୍ଣା ମହାନ୍ତ (୫୬୦) ଓ ସୁଭଦ୍ରା ମହାନ୍ତ (୫୫୮) ଦ୍ରୌପଦୀ ଗାର୍ଲସ ହାଇସ୍କୁଲ ନିଶାପୋଷିର ଛାତ୍ରୀ ଅଟନ୍ତି। ସମସ୍ତଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଛନ୍ତି। ଗୋଷ୍ଠୀ ଶିକ୍ଷା ଆଧିକାରୀଙ୍କ ଦ୍ୱାରା ଆୟୋଜିତ ସଭାକୁ ଶିକ୍ଷକ ସାର୍ଦ୍ଦିକ ପଣ୍ଡା ପରିଚାଳନା କରିଥିବା ବେଳେ ଶିକ୍ଷକ ତରଣୀସେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ


# ନାହାନ୍ତି ଗଣିତ ଶିକ୍ଷକ; ପାଠପଢ଼ା ବ୍ୟାଘାତ

ଶରତ, ୨୫।୬(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତଠାରେ ୧୯୯୨ ମସିହାରୁ ପ୍ରତିଷ୍ଠିତ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ ଉପାନ୍ତ ଅଞ୍ଚଳରେ ଗରିବ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରୀଙ୍କୁ ଶିକ୍ଷାର ଆଲୋକ ବାଣ୍ଟୁଛି। ବିଜେଡି ସରକାରଙ୍କ ଅମଳରେ ଉକ୍ତ ବିଦ୍ୟାଳୟକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବିଦ୍ୟାଳୟର ଭିତ୍ତିଭୂମିକୁ ଉନ୍ନତିକରଣ କରାଯାଇଛି। ଚଳିତ ବର୍ଷ ୨୦୨୫ ମସିହା ମେ ୩୧ ତାରିଖରେ ଉକ୍ତ ବିଦ୍ୟାଳୟର ଗଣିତ ଶିକ୍ଷକ ଯତୀନ୍ଦ୍ର ପ୍ରଧାନ ଚାକିରିରୁ ଅବସର ଗ୍ରହଣ କରିବା ପରେ ଏବେ ବିଦ୍ୟାଳୟରେ ଗଣିତ ପାଠ ପଢ଼ା ଏକ ପ୍ରକାର ବନ୍ଦ ହୋଇଯାଇଛି। ତେବେ ଛାତ୍ରୀମାନେ ଗଣିତ ପାଠ ନ ପଢ଼ି କେମିତି ମାଟ୍ରିକ ପରୀକ୍ଷା ଦେବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ବିଦ୍ୟାଳୟରେ ନବମ ଶ୍ରେଣୀରେ ୬୭ ଜଣ ଏବଂ ଦଶମ ଶ୍ରେଣୀରେ ୬୨ ଜଣ ପିଲା ସର୍ବମୋଟ ୧୨୯ ଛାତ୍ରୀ ଅଧ୍ୟୟନରତ। ବିଦ୍ୟାଳୟର ସମସ୍ତ ଛାତ୍ରୀ ହିନ୍ଦୀ ଭାଷା ତୃତୀୟ ଭାଷା ହିସାବରେ ନେଇ ପାଠ ପଢୁଥିବା ବେଳେ ହିନ୍ଦୀ ଭାଷା ଶିକ୍ଷକ/ଶିକ୍ଷୟିତ୍ରୀ ମଧ୍ୟ ନିଯୁକ୍ତି ହୋଇ ନାହାଁନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା (କଟକ)ଙ୍କ ଦ୍ୱାରା ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେଉଛି ଏବଂ ପରୀକ୍ଷାରେ ମାଟ୍ରିକ ପରୀକ୍ଷାର୍ଥୀମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ୟାମେରା ନଜରରେ ପରୀକ୍ଷା ଦେଉଛନ୍ତି। ତେବେ ବିନା ଗଣିତ ପାଠ ଏବଂ ହିନ୍ଦୀ ପାଠ ନ ପଢ଼ି ପିଲାମାନେ କେମିତି ମାଟ୍ରିକ ପରୀକ୍ଷା ଦେବେ ଏ ନେଇ ସେମାନେ ଦ୍ୱନ୍ଦରେ ରହିଛନ୍ତି। ଗ୍ରୀଷ୍ମ କାଳୀନ ଛୁଟି ପରେ ଜୁନ ମାସ ୨୦ ତାରିଖରେ ରାଜ୍ୟରେ ବିଦ୍ୟାଳୟ ଗୁଡ଼ିକ ଖୋଲିଥିବା ବେଳେ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟରେ ଗଣିତ ଏବଂ ହିନ୍ଦୀ ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ପାଠ ପଢ଼ା ବାଧାପ୍ରାପ୍ତ ହୋଇଛି। ବିଜ୍ଞାନ ଏବଂ ଅନ୍ୟ ବିଷୟରେ ପାଠ ପଢ଼ାଇବା ନିମନ୍ତେ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ତେବେ ଏହି ଆବଶ୍ୟକତା ପୂରଣ କରିବା ଦିଗରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯତ୍ନବାନ ହେବା ନିମନ୍ତେ ଅଭିଭାବକ ମହଲରେ ଦାବି ହେଉଛି। ଏଥିସହିତ ଉକ୍ତ ବ୍ଲକଗ୍ରାଣ୍ଟ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ କରଣ କରିବା ନିମନ୍ତେ ଶରତ ବିକାଶ ମଞ୍ଚ ତରଫରୁ ନିବେଦନ କରାଯାଇଛି।




# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସୁଧାରିବାକୁ ଜେଏମ୍ଏମ୍‌ର ଦାବି

ବାରିପଦା, ୨୫।୬(ସମିସ): ଏକଦା ଶାନ୍ତିପୂର୍ଣ୍ଣ ଜିଲ୍ଲା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମୟୂରଭଞ୍ଜ ଜିଲ୍ଲା ପ୍ରସିଦ୍ଧି ଲାଭ କରିଥିବା ବେଳେ ପୁଲିସ ବିଭାଗର ନିଷ୍କ୍ରିୟତା ପାଇଁ ବର୍ତ୍ତମାନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପାଲଟିଲାଣି; ଯାହାର ପ୍ରତିବାଦରେ ଜେଏମଏମ ଦଳ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ବୁଧବାର ଏନେଇ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଟେଲିଫୋନ ମାଧ୍ୟମରେ ଅବଗତ କରାଇବା ସଙ୍ଗେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝୀଙ୍କୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ବାସୀଙ୍କ ମନରେ କୋକୁଆଭୟ ଏବଂ ଅସୁରକ୍ଷିତ ଅନୁଭବ କରୁଛନ୍ତି। ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଦିବାସୀ ଶକ୍ତି ମେଳା ପାଇଁ ୧୮ ତାରିଖ ମୁଖ୍ୟମନ୍ତ୍ରୀ ବାରିପଦାକୁ ଆସିବାର ଠିକ ଦୁଇ ଦିନ ପୂର୍ବେ ରାଜବସା ଠାରେ ବିବାହିତାଙ୍କୁ ଦୁଷ୍କର୍ମ, ସୋମବାର ଜାତୀୟ ରାଜପଥ ନଂ ୧୮ ର ବାଇଗଣବାଡିଆ ଠାରେ ସ୍ୱଷ୍ଟ ଦିବାଲୋକରେ ଜାତୀୟ ରାଜପଥରେ ଡକାୟତି ଜନିତ ଗୁଳିକାଣ୍ଡ ଘଟଣା, ମଙ୍ଗଳବାର ପୁଣି କୁଳିଅଣା ବ୍ଲକର କୁଚେଇ ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ୮ ଲକ୍ଷରୁ ଊଖା ଟଙ୍କା ଡକାୟତି ଏବଂ ବାରିପଦା ଟାଉନ ଥାନା ସ୍ଥିତ କାଳିକାପୁର ଠାରେ ଗୋଷ୍ଠୀ ସଂଘର୍ଷ ଯୋଗୁଁ ଖଣ୍ଡାରେ ହାଣିବା ସଙ୍ଗେ ଗୁଳି ମାରି ହତ୍ୟା କରିବା ମୟୂରଭଞ୍ଜ ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ବିଜେପିର 'ବର୍ଷ ଏକ, ଉପଲବ୍ଧି ଅନେକର ନାରା ଓଡ଼ିଶା ସାରା ଦେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଏହାର ବିପରୀତ ହୋଇ 'ବର୍ଷ ଏକ ଅପରାଧ ଅନେକ' ହୋଇଛି। ସ୍ୱଳ୍ପ ଦିନ ମଧ୍ୟରେ ଏ ଭଳିଆ ଅପରାଧକୁ ଦୃଷ୍ଟିରେ ରଖି ଜେଏମଏମ ଜିଲ୍ଲା ସଭାପତି ଶ୍ରୀ ଦାସ କ୍ଷୋଭ ପ୍ରକାଶ କରି ଉଦବେଗ ପ୍ରକାଶ କରିଛନ୍ତି। ଯାହାର ପ୍ରତିକାର ପାଇଁ ଦଳ ପକ୍ଷରୁ ଉପରୋକ୍ତ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପ-ସଭାପତି ରାଜା ହେମ୍ବ୍ରମ, ରାଜ୍ୟ ପରିଷଦ ସଭ୍ୟ ସନାତନ ମୁର୍ମୁ, କେନ୍ଦ୍ରୀୟ ସଦସ୍ୟ ଦିବାକର ସୋରେନ, ତରେନ କୁମାର ସେନାପତି, ସୁଜିତ କୁମାର ବେହେରା, ହେମନ୍ତ କୁମାର ମହାନ୍ତ, ପାରାନ ସୋରେନ, ସାଅନା ସୋରେନ, ମଧୁ ବିନ୍ଧାଣି ଓ ସୁନୀଲ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।



## ବେତନଟୀରେ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି ଶିବିର

# ରେକର୍ଡ ସଂଖ୍ୟକ ୯୫୫ଟି ଅଭିଯୋଗ

ବାରିପଦା/ବେତନଟୀ, ୨୫।୬(ସମିସ): ବୁଧବାର ବେତନଟୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବଡସାହି ବିଧାୟକ ସନାତନ ବିଜୁଳିଙ୍କ ଅଧକ୍ଷତାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରେକର୍ଡ ସଂଖ୍ୟକ ୯୫୫ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସମସ୍ତ ଅଭିଯୋଗ ଗୁଡିକର ଆବଶ୍ୟକ ସମାଧାନ ପାଇଁ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡିକର ତୁରନ୍ତ କାର୍ଯ୍ୟକାରିତା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବଡସାହି ନିର୍ବାଚନ ମଣ୍ଡଳୀ ଗଠନ ପରଠାରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନଶୁଣାଣି ଶିବିର ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ବେଳେ ବିଧାୟକ ଶ୍ରୀ ବିଜୁଳିଙ୍କ ୬ ବର୍ଷ ଦାୟିତ୍ୱ ମଧ୍ୟରେ ମଧ ପ୍ରଥମ ଅଟେ। ବଡସାହି ନିର୍ବାଚନ ମଣ୍ଡଳୀ ବଡସାହି ବ୍ଲକର ୨୧ଟି ଓ ବେତନଟୀ ବ୍ଲକର ୨୪ଟି ପଞ୍ଚାୟତକୁ ମିଶାଇ ମୋଟ ୪୫ଟି ପଞ୍ଚାୟତକୁ ନେଇ ଗଠିତ। ତେବେ ଏତେ ସଂଖ୍ୟକ ଅଭିଯୋଗ ନିର୍ବାଚନ ମଣ୍ଡଳୀର ପ୍ରଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ବିଧାୟକ ବିଜୁଳିଙ୍କ ବାସଭବନ ନିର୍ବାଚନ ମଣ୍ଡଳୀର ଉପାନ୍ତ କଳମା ପଞ୍ଚାୟତରେ ଥିବା ବେଳେ ସେ ପରିବାର ସହିତ ବାଲେଶ୍ୱର ଭଡ଼ାଘରେ ରହନ୍ତି। ବଡସାହି ଓ ବେତନଟୀ ମୁଖ୍ୟାଳୟରେ ୬ବର୍ଷ ମଧ୍ୟରେ ଦଳୀୟ କାର୍ଯ୍ୟାଳୟକୁ ଛାଡିଦେଲେ ନିଜସ୍ୱ କାର୍ଯ୍ୟାଳୟ ନାହିଁ କିମ୍ବା ସେ ଦୀର୍ଘ ସମୟ ରହୁ ନଥିବାରୁ ଜନସାଧାରଣଙ୍କ ନିଜ ସମସ୍ୟା ଜଣାଇବାର ସୁଯୋଗ ବା ସୌଭାଗ୍ୟ ପାଇନଥାନ୍ତି। ଏପରି ସ୍ଥଳରେ ସେ ପ୍ରଥମ ଥର ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ ଆସିବା ଖବର ଜାଣି ଦୂରଦୂରାନ୍ତରୁ ବସ୍, ଭଡା ଅଟୋରେ ପ୍ରତିକୂଳ ପାଗ ସତ୍ତ୍ୱେ ୯୫୫ ଜନସାଧାରଣ ପହଞ୍ଚିଥିଲେ। ଯାହା ବିଧାୟକଙ୍କ ନିର୍ବାଚନ ମଣ୍ଡଳରେ ଅନୁପସ୍ଥିତ ଓ ପ୍ରଶାସନିକ ନିଷ୍କ୍ରିୟତାକୁ ପ୍ରମାଣିତ କରିଛି। କାରଣ ପ୍ରତିମାସ ଉପଖଣ୍ଡ ସ୍ତରୀୟ ଜନଶୁଣାଣି ଶିବିରରେ ୧୦୦ରୁ ୧୧୫ମଧ୍ୟରେ ଅଭିଯୋଗ ଆସିଥାଏ। ଏହି ଜନଅଭିଯୋଗ ଶୁଣାଣି ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ଏସ୍‌ଡିପିଓ ମିନତୀ ବିଶ୍ୱାଳ ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗୀୟଅଧିକାରୀ ଓ ବ୍ଲକସ୍ତରୀୟଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗପତ୍ର ଗୁଡିକ ଗ୍ରହଣ କରିଥିଲେ। ଅଭିଯୋଗମାନଙ୍କ ମଧ୍ୟରେ ମୁଖ୍ୟତଃ ସରକାରୀ ଅନୁଦାନ ପ୍ରାପ୍ତ ଗୃହ ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଜମି ପଟ୍ଟା, ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ଓ ପରିମଳ, ଉଠାଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜମି ସୀମାଙ୍କନ, ନିର୍ମାଣ ଶ୍ରମିକ ସହାୟତା, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ, ଶିକ୍ଷା, ଆଇନ ଶୃଙ୍ଖଳା ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଭତ୍ତା, ରାସନ କାର୍ଡ, ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ବିଭିନ୍ନ ସହାୟତା, କୃଷକ ସହାୟତା, ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଗୃହ ଯୋଜନା ବାସଗୃହ ଜନିତ ଇତ୍ୟାଦି ସମସ୍ୟା ଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ରେଡ୍‌କ୍ରସ ରିଲିଫ ପାଣ୍ଠିରୁ ୨ଜଣଙ୍କୁ ୫୦୦୦ହଜାର ଲେଖାଏଁ ଟଙ୍କା ଓ ଜଣଙ୍କୁ ୨୦୦୦ ଟଙ୍କା ସହାୟତା ରାଶି ଏବଂ ଅନ୍ୟ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫୦୦୦ ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଛି। ଜନଶୁଣାଣି ଶିବିର ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ତ୍ୱରିତ ସମାଧାନ ପାଇଁ ବିଧାୟକଙ୍କ ନିର୍ଦ୍ଦେଶ



# ଥାନା ପରିସରରେ ଆମ ପୁଲିସ ସମିତି ବୈଠକ

ବହଳଦା/ତିରିଂ, ୨୫।୬(ସମିସ): ତିରିଂ ଥାନା ପରିସରରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ଅଧକ୍ଷତାରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରଶାନ୍ତ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତିରିଂ ବ୍ଲକ ୨୦ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ତିରିଂ ବ୍ଲକ ଅଧକ୍ଷ ପରମେଶ୍ୱର ସାମାଡ, ବରିଷ୍ଠ କଂଗ୍ରେସ ନେତା ଭାଗୀରଥି ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷା ଜେମାମଣୀ ସୁଣ୍ଡି, ବଳଦେବ ହେମ୍ବ୍ରମ ପ୍ରମୁଖଙ୍କ ସହିତ ତିରିଂ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖଙ୍କ ସହିତ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ବୈଠକରେ ଇନ୍ସପେକ୍ଟର ଜେନା ଆଇନ ଶୃଙ୍ଖଳା ବ୍ୟବସ୍ଥାରେ ସାଧାରଣ ଜନତାଙ୍କ ସହଯୋଗ ଆବଶ୍ୟକ ରହିଥିବାବେଳେ ବର୍ତ୍ତମାନ ସମୟରେ ଘଟୁଥିବା ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ସୋସିଆଲ ମିଡିଆ ବ୍ୟବହାର, ଅନଲାଇନ୍ ସୋପିଂ, ଅନଲାଇନ୍ ଆର୍ଥିକ କାରବାର, ଇଣ୍ଟରନେଟ ବ୍ୟବହାର ବେଳେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ଚାକିରି ଠକେଇ, ଲୋନ ଆପ ଠକେଇ, ମାଟ୍ରିମୋନିଆଲ, ଉପହାର ଠକେର, ଟାଓ୍ୱାର ବସାଇବା ଠକେଇ ଏବଂ ଅଜ୍ଞାତ ଫୋନ କଲ୍ ଠକେଇ ପ୍ରତି ସାବଧାନ ରହିବା ସହିତ ସଚେତନତା ଅବଲମ୍ବନ କରିବାର ଆବଶ୍ୟକତା ରହିଛ ବୋଲି କହିଥିଲେ। ସେହିପରି ତିରିଂ ଜିଲ୍ଲା ପରିଷଦ ପରେଶ ମୁଣ୍ଡା ଆପସ ବୁଝାମଣାରେ ସମାଧାନ ହୋଇ ପାରିବା ଭଳି ମାମଲା ଗୁଡିକରେ ପୁଲିସ୍ ବିଭାଗ ପକ୍ଷରୁ ଆପସରେ ସମାଧାନ କରାଯାଇ ମାମଲା ସ୍ଥଗିତ ରଖାଯିବାର ପ୍ରୟାସ କରାଯିବା ଉଚିତ ବୋଲି କହିଥିଲେ। ଏହା ଯୋଗୁଁ ସାମାନ୍ୟ ମାମଲାରେ ମଧ୍ୟ କୋର୍ଟ କଚେରୀ ମାମଲାରୁ ବର୍ତ୍ତିବା ସହିତ ଜଣେ ଅପରାଧ ମୁହାଁ ନ ହୋଇ ସାମାନ୍ୟ ଜୀବନ ଅତିବାହିତ କରିପାରିବାର ସୁଯୋଗ ପାଇ ପାରିବ ବୋଲି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଭାଗୀରଥି ପାତ୍ର ତାଙ୍କ ବକ୍ତବ୍ୟରେ ମଟର ସାଇକଲର ସାଇଲେନ୍ସର ଖଲି କଦର୍ଯ୍ୟ ଶବ୍ଦ କରି ଦ୍ରୁତ ଗତିରେ ଚଳାଉଥିବା ବାଇକ ଚାଳକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଦାବି ଜଣାଇଥିଲେ ଏବଂ ତିରିଂ ଥାନା ଅଞ୍ଚଳର ଝାରଖଣ୍ଡ ସୀମାନ୍ତ ପଣ୍ଡୁପାଣି ଠାରେ ୭୦/୮୦ ମସିହାରେ କାର୍ଯ୍ୟକ୍ଷମ ଥିବା ଫାଣ୍ଡି କାର୍ଯ୍ୟାଳୟକୁ ପୁଣିଥରେ କାର୍ଯ୍ୟକ୍ଷମ କରାଯିବା ନେଇ ଦାବି ଜଣାଇଥିଲେ।

# ନାରୀ ନିର୍ଯ୍ୟାତନା ବିରୋଧରେ ବିଜେଡିର ବିକ୍ଷୋଭ

ମୋରଡ଼ା, ୨୫।୬(ସମିସ): ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ପ୍ରତି ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ବଢ଼ିଥିବା ଅଭିଯୋଗ କରି ମୋରଡ଼ା ବ୍ଲକ ଚିତ୍ରଡା ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ଯୁବ ଓ ଛାତ୍ର ବିଜେଡି। ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ବିଜେଡ଼ି ନେତ୍ରୀ ପ୍ରୀତିନନ୍ଦା କାନୁନଗୋ, ଜିଲ୍ଲା ପରିଷଦ ସଦସ୍ୟ ଝରଣା ମୁର୍ମୁ, ଅଭିରାମ ଭୋଇ, ହଳଦୀପାଳ ସମିତି ସଭ୍ୟ ତନୟ ଦାସ, ସେକ ଇଦ୍ରୀସ, ରାମାଇ ମାରାଣ୍ଡି, ଅମ୍ବୁଜ ମହାନ୍ତ, ଜୟନ୍ତ ବେହେରା ଏବଂ ଅନ୍ୟ କର୍ମୀ ମାନେ ଯୋଗ ଦେଇଥିଲେ। ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଦୁଃଖ ଓ ପରିତାପର ବିଷୟ, ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ, ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ।




**କରଞ୍ଜିଆ:** ରାଜ୍ୟରେ ମହିଳା ଅସୁରକ୍ଷିତ ଥିବା ନେଇ ସରକାରଙ୍କୁ ଟାର୍ଗେଟ କରିଛି ବିଜେଡି। ଗୋପାଳପୁର ଛାତ୍ରୀ ଗଣ ଦୁଷ୍କର୍ମ ଓ ନିର୍ଯ୍ୟାତନାର ଶିକାର ହେଉଥିବା ଅଭିଯୋଗ କରି କରଞ୍ଜିଆ ଛାତ୍ର ବିଜେଡି ପକ୍ଷରୁ ଆଜି ସ୍ୱୟଂଶାସିତ ମହାବିଦ୍ୟାଳୟର ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପୂର୍ବତନ ବିଜେଡି ଜିଲ୍ଲା ଛାତ୍ର ସଭାପତି ଅନିଶ ମାନ୍ନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଛି ଛାତ୍ରଛାତ୍ରୀଙ୍କ ସହିତ ଅଣଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ରୋହିତ ପୃଷ୍ଟି, ବରିଷ୍ଠ ନେତା ଗୌରୀଶଙ୍କର ସିହ୍ନା, କାଉନ ସିଲର ଭାବଗ୍ରାହୀ ମହାନ୍ତ, ବ୍ଲକ ଛାତ୍ର ସଭାପତି ବିକି ମହାନ୍ତ, ଛାତ୍ର ନେତା ସୀତାଂଶୁ ମହାନ୍ତ, ଜିଲ୍ଲା ବିଜେଡି ସମ୍ପାଦକ ମହେଶ୍ୱର ନାଏକ, ଚନ୍ଦ୍ରମୋହନ ଦାସ, ରାଜେଶ ଘଣା, ସୁରେନ ଖାଟୁଆ, ଚନ୍ଦ୍ରମୋହନ ନାଏକ, ସଞ୍ଜୟ ଘଣ୍ଟିଆଳି, ରସାନନ୍ଦ ବାରିକ ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ।




**ସାରସକଣା:** ସାରସକଣା ବ୍ଲକ ସୀମାନ୍ତ ମହାବିଦ୍ୟାଳୟଠାରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଇଛି। ଆଜି ବିଜୁ ଜନତା ଦଳର ପୂର୍ବତନ ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡ.ଦେବାଶିଷ ମାରାଣ୍ଡି, ବରିଷ୍ଠ ନେତା ଅମରେନ୍ଦ୍ର କର, ସାରସକଣା ନିର୍ବାଚନ ମଣ୍ଡଳୀର ଯୁବ ଛାତ୍ର ସଭାପତି ମଣିଶଙ୍କର ବାରିକ, ଚନ୍ଦ୍ରଶେଖର ସାହୁ, ସୂର୍ଯ୍ୟକାନ୍ତ ମୁର୍ମୁ ଓ ବିଜୁ ଜନତା ଦଳର କର୍ମୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ଦୁଷ୍କର୍ମର ଶିକାର ହେଉଥିବା ବେଳେ ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ବୋଲି ଆନ୍ଦୋଳନକାରୀମାନେ କହିଥିଲେ।



## ଯୁବ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କଲେ ଜିଲ୍ଲାପାଳ



ବାରିପଦା, ୨୫।୬(ସମିସ): ତାମିଲନାଡୁ ଠାରେ ଆୟୋଜିତ ଉପ କନିଷ୍ଠ ବର୍ଗ ଜାତୀୟ ଉସୁଖେଳରେ ତାଭଲୁ ଇଭେଣ୍ଟରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଥିବା ସଫଳ କ୍ରୀଡାବିତଙ୍କୁ ଉତ୍ସାହିତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଆଗ୍ରିଆ ଗ୍ରାମର ପ୍ରିୟବ୍ରତ ପରିଡ଼ାଙ୍କୁ ଜିଲ୍ଲାପାଳ ହେମକାନ୍ତ ସଏ ନିଜ କାର୍ଯ୍ୟାଳୟରେ ଶୁଭେଚ୍ଛା ଜଣାଇବା ସହିତ ଉତ୍ତମ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଜିଲ୍ଲା ଉସୁ ସଂଘର ସାଧାରଣ ସମ୍ପାଦକ ଇଶ୍ୱର ମହାନ୍ତଙ୍କୁ ଉସୁ ଖେଳାଳି ମାନଙ୍କ ପାଇଁ ଆବଶ୍ୟକୀୟ ଖେଳ ଉପକରଣ ଯୋଗାଇ ଦେବାର ବ୍ୟବସ୍ଥା କରିବେ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ଉସୁ ସଂଘର ସମସ୍ତ କାର୍ଯ୍ୟକାରି ସଦସ୍ୟ ଓ ସଦସ୍ୟା ମାନେ ଏଥିପାଇଁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



କୃତ୍ରିମ ବୁଦ୍ଧିମତ୍ତାର ସମ୍ପୂର୍ଣ୍ଣ ବିକାଶ ଘଟିଲେ ମଣିଷ-ମଣିଷ ମଧ୍ୟରେ ପ୍ରତିଯୋଗିତାର ଅନ୍ତ ହେବ।
-ଷ୍ଟିଫେନ୍ ହକିଙ୍ଗ

## ଅସୁରକ୍ଷିତ ମହିଳା

ଭାରତ ଆସୁଥିବା ଆମେରିକାର ପର୍ଯ୍ୟଟକଙ୍କୁ ତାଙ୍କ ଦେଶର ବୈଦେଶିକ ମନ୍ତ୍ରଣାଳୟ ଯଥାସମ୍ଭବ ସତର୍କ ରହିବାକୁ ଚେତାବନୀ ଦେଇଛି। ଭାରତକୁ ହଠାତ କାହିଁକି ଅସୁରକ୍ଷିତ ରାଷ୍ଟ୍ର ରୂପେ ପରିଗଣିତ କରାଗଲା ତାହା ଯେକୌଣସି ଭାରତୀୟଙ୍କ ସକାଶେ ଚିନ୍ତା ଓ ଉଦ୍‌ବେଗର ବିଷୟ। ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟ ପ୍ରତି ବିଶେଷ ସତର୍କ ରହିବାକୁ ସେହି ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି। ଆମ ଦେଶରେ ଓଡ଼ିଶା ଅପେକ୍ଷାକୃତ ଅଧିକ ଶାନ୍ତିପ୍ରିୟ ରାଜ୍ୟ ଓ ଭାଇଚାରା ସମ୍ପର୍କରେ ବିଶ୍ୱାସୀ। ସେଥିରେ ଆମେରିକା ହଠାତ୍ କଳଙ୍କ ଲେପିଲା କାହିଁକି? ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦେବା ସକାଶେ ରାଜ୍ୟବାସୀ ୨୪ ବର୍ଷର ଲୋକପ୍ରିୟ ସରକାରରେ ପରିବର୍ତ୍ତନ ଘଟାଇଥିଲେ ବୋଲି ବ୍ୟାଖ୍ୟାନ ସୃଷ୍ଟି କରାଯାଉଛି। ଯେଉଁ ସତର୍କତା ଚେତାବନୀ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଛି ତାହା କ'ଣ ଆମ ଅସ୍ମିତାର ପରିପନ୍ଥୀ ନୁହେଁ?

ଏତେ ସବୁ କାହିଁକି ମଧ୍ୟରେ ଏବେ ଆସିବା ଅସଲ କଥାକୁ। ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଅଛି ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ। ରାଜ୍ୟବାସୀଙ୍କ ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ସେ ନିଜେ ସମ୍ଭାଳୁଛନ୍ତି। ତେଣୁ ବିଦେଶୀ ପର୍ଯ୍ୟଟକଙ୍କ ଯାତାୟତ ଓ ରହଣିରେ ସ୍ୱାଭାବିକ ଭାବେ କିଛି ଅସୁବିଧା ବା ପ୍ରତିବନ୍ଧକ ରହିବା କଥା ନୁହେଁ। ଆମେରିକା ସରକାରଙ୍କ ଦ୍ୱାରା ସେମାନଙ୍କ ନାଗରିକଙ୍କ ସକାଶେ ଜାରି ପର୍ଯ୍ୟଟନ ଚେତାବନୀରେ ଦର୍ଶାଯାଇଛି ଯେ ଭାରତରେ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରେ ଦୁଷ୍କର୍ମ ସ୍ଥାନ ସର୍ବାଗ୍ରେ। ପର୍ଯ୍ୟଟନ ସ୍ଥଳୀ ଓ ତାହାର ଆଖପାଖ ଅଞ୍ଚଳରେ ଯୌନ ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧ ବଢ଼ୁଛି। ଏଭଳି ଅସୁରକ୍ଷିତ ପରିବେଶରେ ଯଥେଷ୍ଟ ସାବଧାନତା ଅବଲମ୍ବନ ନ କଲେ ପ୍ରତିକୂଳ ପରିସ୍ଥିତିର ଶିକାର ହେବା ଆଶଙ୍କା ଅଧିକ। ଅନ୍ୟ ଏକ ବିପଦର କାରଣ ହେଲା ଆତଙ୍କବାଦୀ ବିନା ଚେତାବନୀରେ କେବଳ ବିଦେଶୀ ପର୍ଯ୍ୟଟକ ନୁହନ୍ତି ସ୍ଥାନୀୟ ଅଧିବାସୀଙ୍କ ଉପରେ ମଧ୍ୟ ଆକ୍ରମଣ କରିଥା'ନ୍ତି। ସେମାନଙ୍କ ଟାର୍ଗେଟ୍‌ରେ ଅଛି - ପର୍ଯ୍ୟଟନସ୍ଥଳ, ପରିବହନ କେନ୍ଦ୍ର ଓ ସପିଙ୍ଗ ମଲ୍। ବିଦେଶାଗତଙ୍କୁ ଏ ସବୁ ସ୍ଥାନକୁ ତ ଯିବା ସକାଶେ ବାରଣ କରାଯାଇପାରିବନି। ଯଦି ବା ବାରଣ କରାଯାଏ ତେବେ ସେମାନେ ଭାରତ ଆସିବେ କହିଁକି? ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା ମହିଳାଙ୍କ ଏକୁଟିଆ ଯାତ୍ରା ନ କରିବାକୁ ବାରଣ କରାଯାଇଛି। ଏଥିରୁ ସ୍ପଷ୍ଟ ଯେ ନାରୀଜନିତ ଅପରାଧ ଭାରତରେ ସବୁଠାରୁ ଦ୍ରୁତିଗତିରେ ବୃଦ୍ଧି ପାଇଛି। ଦୁଷ୍କର୍ମ ଓ ଯୌନ ନିର୍ଯାତନା ସୀମା ଅତିକ୍ରମ କରିଛି।

ଏ ସବୁ ଯେ କେବଳ ସହରାଞ୍ଚଳରେ ସୀମିତ ଅଛି ଏକଥା ନୁହେଁ। ଗ୍ରାମାଞ୍ଚଳ ମଧ୍ୟ ଅପରାଧୀଙ୍କ ଚରାଭୂଇଁ ପାଲଟୁଥିବାର ନିର୍ଦ୍ଦେଶାବଳୀର ନିର୍ଯାସରୁ ସ୍ପଷ୍ଟ ହେଉଛି। ବିଶେଷ ଭାବେ ଗ୍ରାମାଞ୍ଚଳ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କାରଣ ସେହି ଅଞ୍ଚଳରେ ଜରୁରୀକାଳୀନ ସେବା ଯୋଗାଇ ଦେବାରେ ଆମେରିକାର ସୀମିତ କ୍ଷମତା ରହିଛି। ପୂର୍ବ ମହାରାଷ୍ଟ୍ର ଓ ଉତ୍ତର ତେଲଙ୍ଗାନାଠାରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଏହି ବିପଦପୂର୍ଣ୍ଣ ଅଞ୍ଚଳ ପରିବ୍ୟାପ୍ତ। ଭାରତରେ କାର୍ଯ୍ୟରତ ଆମେରିକୀୟ କର୍ମଚାରୀ ବିନା ସ୍ୱତନ୍ତ୍ର ଅନୁମତିରେ ସହାୟତା ଯୋଗାଇବାକୁ ସେଠାରେ ପହଞ୍ଚି ପାରିବେ ନାହିଁ। ଜାମ୍ମୁ-କାଶ୍ମୀର ଓ ଭାରତ-ପାକିସ୍ତାନ ସୀମାର ସମ୍ବେଦନଶୀଳ ଅଞ୍ଚଳ ସବୁଠାରୁ ଅଧିକ ବିପଦପୂର୍ଣ୍ଣ ହୋଇଥିବା ବେଳେ ବିନା ଅନୁମତିରେ ଯାତ୍ରା କରିବାକୁ ବାରଣ କରାଯାଇଛି। ଏହି ଅନୁମତି ସାପେକ୍ଷ ରାଜ୍ୟ ମଧ୍ୟରେ ଅଛି ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ମେଘାଳୟ। ସତର୍କ ଓ ଚେତବାନୀର ଯେଉଁ କାରଣ ଆମେ ଆଗରୁ ଦର୍ଶାଇଛୁ ତାହା ଏହି ରାଜ୍ୟଗୁଡ଼ିକ କ୍ଷେତ୍ରରେ ପ୍ରଯୁଜ୍ୟ।

ଆମ ରାଜ୍ୟରେ ଦୁଷ୍କର୍ମ ଓ ଯୌନ ନିର୍ଯାତନା କ୍ରମାଗତ ବଢ଼ି ଚାଲିଥିବା ଗଣମାଧ୍ୟମରେ ପ୍ରକାଶ ପାଉଥିବା ରିପୋର୍ଟରୁ ସ୍ପଷ୍ଟ। ତେବେ ସରକାରୀ ରିପୋର୍ଟରେ ଏହା ହ୍ରାସ ଘଟିଥିବା ଦର୍ଶାଯାଇଛି। ଗତ ବିଧାନସଭା ଅଧିବେଶନରେ ବିରୋଧୀ ଦଳ ପକ୍ଷରୁ ଏହି ପ୍ରସଙ୍ଗ ଉପସ୍ଥାପନା କରି ଗୃହ କମିଟି ମାଧ୍ୟମରେ ବ୍ୟବସ୍ଥା ଓ କାର୍ଯ୍ୟଧାରାରେ ସଂଶୋଧନ ଆଣିବାକୁ ପରାମର୍ଶ ଦିଆଯାଇଥିଲା। ଗତ ମାର୍ଚ୍ଚ ୭ ତାରିଖରେ କଂଗ୍ରେସ ଦର୍ଶାଇଥିଲା ଯେ ୮ ମାସ ମଧ୍ୟରେ ୫୪ଟି ଗଣଦୁଷ୍କର୍ମ ମାମଲା ରାଜ୍ୟରେ ହୋଇଥିଲେ ହେଁ ଡବଲ୍ ଇଞ୍ଜିନ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। କିନ୍ତୁ ବିଧାନସଭାରେ ବିରୋଧୀ ଦଳର ଆକ୍ଷେପ ଓ କଟୁକ୍ତିର ଉତ୍ତର ଦେଇ ସରକାର ଦର୍ଶାଇଥିଲେ ଯେ ୨୦୨୪ ଜୁନ୍ ୧୨ରେ ବିଜେପି ସରକାର ରାଜ୍ୟରେ କ୍ଷମାସୀନ ହୋଇଥିଲେ। ଗତ ଜୁନ୍‌ରୁ ଚଳିତ ବର୍ଷ ଫେବୃଆରୀ ମାସ ମଧ୍ୟରେ ନାରୀଜନିତ ଅପରାଧ ସଂଖ୍ୟା ୨୨, ୯୪୧ ହୋଇଥିବା ବେଳେ ପୂର୍ବବର୍ଷ ଏହି ସମୟରେ ଅନୁରୂପ ଅପରାଧ ସଂଖ୍ୟା ଥିଲା ୨୩, ୯୪୪। ତେଣୁ ଅପରାଧ ସଂଖ୍ୟା ୪.୧ ପ୍ରତିଶତ ହ୍ରାସ ପାଇଛି। ତେବେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ ଯେ ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡିତ କରାଯିବା କ୍ଷେତ୍ରରେ ପରିଲକ୍ଷିତ ଶୀଥିଳତା ଚିନ୍ତାଜନକ। ପରିସଂଖ୍ୟାନର କୁହୁକ ଯାହା ହେଉନା କାହିଁକି ସାମାଜିକ ଓ ପାରିବାରିକ ଜୀବନରେ ଶୃଙ୍ଖଳା ଫେରିବା ଜରୁରୀ। ଉପୁଜିଥିବା ପରିସ୍ଥିତିର ପ୍ରତିବାଦରେ ଉଭୟ ବିଜେପି ଓ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଶୋଭାଯାତ୍ରା ଆୟୋଜନ କରାଯାଇଥିବାର ପରିଲକ୍ଷିତ ହୋଇଛି।

ଆମେରିକୀୟ ପ୍ରଶାସନ ଏହି ଚେତାବନୀ ସମ୍ପର୍କରେ ଉଲ୍ଲେଖ କଲା ବେଳେ ଟ୍ରମ୍ପଙ୍କ ଦୋମୁହାଁ ନୀତି ଓ ଭାରତ ବିରୋଧ କୂଟନୈତିକ ଗୋଟିଚାଳନା ସ୍ୱତନ୍ତ୍ର ଆଲେଚନା ଦାବି କରେ। ପହଲ୍‌ଗାମରେ ପାକ୍ ପ୍ରାୟୋଜିତ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଘଟଣାରେ ବିଶ୍ୱ ସମୁଦାୟର ଦୁଃଖ ଓ କ୍ଷୋଭ ପ୍ରକାଶ ଆମେରିକାକୁ ବିଚଳିତ କରିପାରିଲାନି। ପାକ୍ ଆତଙ୍କବାଦୀ ବିରୋଧରେ ଭାରତର 'ଅପରେସନ୍ ସିନ୍ଦୂର' ଏକ ନିର୍ଣ୍ଣାୟକ ସ୍ଥିତିରେ ଥିବା ବେଳେ ପାକିସ୍ତାନକୁ ଆନ୍ତର୍ଜାତିକ ସ୍ତରରେ ସହାୟତା ଓ ସମର୍ଥନ ଦେଇଛି ଟ୍ରମ୍ପ ପ୍ରଶାସନ। ସେହି ପ୍ରଶାସନ ପକ୍ଷରୁ ଘୋଷିତ ନିର୍ଦ୍ଦେଶାବଳୀରେ ଭାରତରେ ଆତଙ୍କବାଦୀ ପ୍ରତି ସତର୍କ ରହିବାକୁ ଆମେରିକାର ପର୍ଯ୍ୟଟକଙ୍କୁ ତେବାବଦୀ ନିଆଯାଇଛି। ଆମକୁ ଏଠାରେ ପ୍ରଶ୍ନ କରିବାକୁ ପଡ଼ୁଛି ଯେ ଆତଙ୍କବାଦୀ କିଏ ଓ କାହା ପ୍ରରୋଚନରେ ଭାରତରେ ସେ କାର୍ଯ୍ୟକଳାପ ଜାରି ରଖିଛନ୍ତି? ଏ ପ୍ରକାର ଦୋ ମୁହାଁ ନୀତି ବିରୋଧରେ ଭାରତ ମଧ୍ୟ ଆନ୍ତର୍ଜାତିକ ଫୋରମ୍‌ରେ ଆମେରିକାର ମୁଖା ଖୋଲିବା ଉଚିତ।

ଏହା ସତ୍ତ୍ୱେ ମହିଳାଙ୍କୁ ମର୍ଯ୍ୟାଦାଜନକ ଜୀବନ ଜିଇଁବାକୁ ଦିଆଯିବା ଉଚିତ। ସେମାନଙ୍କ ଉପରେ ହେଉଥିବା ନିର୍ଯାତନା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହାକୁ କେନ୍ଦ୍ର କରି ରାଜନୀତି କରିବା ଅପେକ୍ଷା ମାନବୀୟ ମୂଲ୍ୟାବୋଧକୁ ସୁରକ୍ଷା ଦେବା ଦିଗରେ ଦଳମତ ନିର୍ବିଶେଷର କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ମଧ୍ୟ ଜରୁରୀ। ମାତୃଜାତିର ସୁରକ୍ଷା ଓ ସମ୍ମାନ ପାଇଁ କେବଳ ସୁଭଦ୍ରା ଯୋଜନା ନୁହେଁ, ଅନୁରୂପ ଭାବେ ସାମାଜିକ ନିରାପତ୍ତା ବଳୟ ସୃଷ୍ଟି କରିବା ଉଚିତ।

## ଉଦ୍ଭିଦମାନଙ୍କ ବାର୍ତ୍ତା ସଂଚାର

ବିଦ୍ୟାଧର ମହାରଣା

ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ। ତାହାର କଥା କହିବା ଏବଂ ଭାବ ପ୍ରକାଶ କରିବାର ଶକ୍ତି ଅଛି। ପ୍ରାଣୀମାନେ କଥା କହି ନପାରିଲେ ମଧ୍ୟ ସ୍ୱର ଓ ଶବ୍ଦ ମାଧ୍ୟମରେ ନିଜର ଭାବ ପ୍ରକାଶ କରିପାରନ୍ତି। ହମ୍ବାରଡ଼ି ଶୁଣି ବାଛୁରୀ ମା' ପାଖକୁ ଦୌଡ଼ି ଆସେ। ହେଲେ ଉଦ୍ଭିଦ ଏହିସବୁ ଗୁଣର କ'ଣ ଅଧିକାରୀ? ଆଜିର ଆଲୋଚନା ଏହାରି ବିଷୟରେ।

ବିଖ୍ୟାତ ବୈଜ୍ଞାନିକ ଚାର୍ଲସ୍ ଡାରୱିନ୍ ପ୍ରକାଶ କରିଥିଲେ ଉଦ୍ଭିଦମାନେ ଚେର ଶେଷରେ ଥିବା ଏକ ମସ୍ତିଷ୍କ ସଦୃଶ ଯନ୍ତ୍ର ସାହାଯ୍ୟରେ ପରସ୍ପର କଥା ହୁଅନ୍ତି। ଆଧୁନିକ ଗବେଷଣା ଏବେ ଏହାକୁ ସିଦ୍ଧ କରିଛି। ଗବେଷଣାରୁ ଜଣାପଡ଼ିଛି ଉଦ୍ଭିଦମାନେ ପରସ୍ପର ଭାବ ପ୍ରକାଶ କରିପାରନ୍ତି। ସେମାନେ ମଧ୍ୟ ପ୍ରାଣୀ ଓ ମାନବ ସହିତ ଭାବ ପ୍ରକାଶ ଜାଣିପାରନ୍ତି। ପ୍ରାଣୀମାନେ ଚଳନକ୍ଷମ ହୋଇଥିବାରୁ ନିଜର ଶବ୍ଦ ଓ ଭାବଭଙ୍ଗୀ ଦ୍ୱାରା ଅନ୍ୟ ସହିତ ବାର୍ତ୍ତା ସଂଚାର କରିପାରନ୍ତି। କିନ୍ତୁ ଉଦ୍ଭିଦ ସ୍ଥିର ହୋଇଥିବାରୁ ସଂଚାର କ୍ଷମତାର ଅଧିକାରୀ ହୋଇ ନପାରେ। ଡାରୱିନ୍ ୧୮୭୦ ମସିହାରେ ନିଜ ପରୀକ୍ଷାରୁ ଜାଣିପାରିଲେ ଗଛର ଚେର ଶୀର୍ଷ ଅଧିକ ସକ୍ରିୟ ଏବଂ ଆଲୋକ, ମାଧ୍ୟାକର୍ଷଣ, ରାସାୟନିକ ପଦାର୍ଥ ଓ ଶବ୍ଦପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଉଦ୍ଭିଦର ବୃଦ୍ଧି ଓ ଚଳନ ପାଇଁ ଚେର ଅଗ୍ରରେ ଥିବା ମସ୍ତିଷ୍କ ପରି ବସ୍ତୁ ବାର୍ତ୍ତା ପ୍ରେରଣ କରିପାରେ। ଏଥିରେ ଥିବା ହରମୋନକୁ ପରବର୍ତ୍ତୀ କାଳରେ ଅକ୍ସିନ ବୋଲି କୁହାଗଲା। ଏହି ହରମୋନ ଉଦ୍ଭିଦର ଗୁରୁତ୍ୱପୂର୍ଣ୍ଣ ଶାରୀରିକ କ୍ରିୟାକୁ ନିୟନ୍ତ୍ରଣ କରେ।

ଡାରୱିନ୍‌ଙ୍କ ମତ ଅନୁସାରେ ଉଦ୍ଭିଦମାନେ ଯଦିଓ ସେମାନେ ଗୋଟିଏ ସ୍ଥାନରେ ବଞ୍ଚି ରହନ୍ତି, ବିଭିନ୍ନ ଦିଗକୁ ଗତି କରିପାରିବାରେ ସମର୍ଥ। ଅତ୍ୟାଧୁନିକ ଯନ୍ତ୍ର ଦ୍ୱାରା ଆମେ ଜାଣି ପାରିବା ଯେ ଉଦ୍ଭିଦର ଚେର, ପତ୍ର, କାଣ୍ଡ ଓ ଡଙ୍କ ସର୍ବଦା ଆଲୋକ, ମାଧ୍ୟାକର୍ଷଣ, ଉତ୍ତାପ, ଜଳ ଓ ପୋଷକ ଆଡ଼କୁ ଗତି ପାଇଁ ଚେଷ୍ଟିତ। ସେମାନେ ପରିବେଶ ସମ୍ବନ୍ଧୀୟ କେତେକ ସୂଚନା ପାଇଁ ଗତିକରନ୍ତି ଏବଂ ନିକଟସ୍ଥ ଉଦ୍ଭିଦକୁ ଏହି ସୂଚନା ସାଙ୍କେତିକ ଭାବରେ ପ୍ରସାରଣ କରି ପାରନ୍ତି। ପ୍ରାଣୀଙ୍କ ଭଳି ଉଦ୍ଭିଦ ଚଳନକ୍ଷମ ନହେଲେ ମଧ୍ୟ ଅସୁବିଧା ଦେଖାଗଲେ ଚେରକୁ ଅନ୍ୟତ୍ର ପ୍ରେରଣ କରନ୍ତି। ଉଦାହରଣ ସ୍ୱରୂପ ନିଜର ବର୍ଦ୍ଧନ ପାଇଁ ଆବଶ୍ୟକ ଜଳ, ଆଲୋକ ଓ ଖାଦ୍ୟସାର ନପାଇଲେ ସେମାନେ ଏପରି ଗତିଶୀଳ ହୁଅନ୍ତି। କୈଣସି ଉଦ୍ଭିଦ ପ୍ରତିକୂଳ ପରିବେଶ ପାଇଲେ କିମ୍ବା ରୋଗ ପୋକ ଆକ୍ରମଣର ଶିକାର ହେଲେ ନିକଟସ୍ଥ ଉଦ୍ଭିଦକୁ ସତର୍କ ରହିବାକୁ ବାର୍ତ୍ତା ପ୍ରେରଣ କରନ୍ତି। ଗବେଷଣାରୁ ଜଣାଯାଇଛି କି ଉଦ୍ଭିଦ ବାର୍ତ୍ତା ପ୍ରେରଣ ସୂକ୍ଷ୍ମ ଶବ୍ଦ ବା କେତେକ ରସାୟନ ଦ୍ୱାରା କରିଥାଏ।

କେତେକ ବାଷ୍ପଶୀଳ ଜୈବିକ ଯୌଗିକ ଉଦ୍ଭିଦଗୁଡ଼ିକର ସଞ୍ଚାର କାର୍ଯ୍ୟ କରନ୍ତି। ଏଗୁଡ଼ିକ ହେଲା ଉଦ୍ଭିଦ ଦେହରୁ ବାଷ୍ପ ଆକାରରେ ତ୍ୟାଗ ହେଉଥିବା କ୍ଷୁଦ୍ର ଅଣୁ। କେତେକ ଯୌଗିକ ପ୍ରାଣୀମାନେ ତ୍ୟାଗ କରୁଥିବା ଯୌନ ଉତପ୍ରେରକ ବା ଫେରୋମେନ ସଦୃଶ ଅଟନ୍ତି। ଉଦାହରଣ ସ୍ୱରୂପ ପିମ୍ପୁଡ଼ିମାନେ ଏପରି ଫେରୋମେନ ଦ୍ୱାରା ନିୟନ୍ତ୍ରିତ ହୁଅନ୍ତି। ଉଦ୍ଭିଦ ଶରୀରର ଏପରି ବାଷ୍ପୀୟ ଯୌଗିକକୁ ମିଥାଇଲ ଯାସ୍ମୋନେଟ୍ କୁହାଯାଏ। ପ୍ରାଣୀମାନେ ଗଛକୁ ଆକ୍ରମଣ କଲେ ଏହି ଯୌଗିକ ସୃଷ୍ଟି ହୋଇ ଗଛର ଅନ୍ୟ ଅଂଶକୁ କିମ୍ବା ପାଖ ଗଛକୁ ବାୟୁ ଦ୍ୱାରା ସ୍ଥାନାନ୍ତରିତ ହୁଏ। ଆଉ ଏକ ମିଥାଇଲ ସାଲିସିଲେଟ୍ ଯୌଗିକ ମଧ୍ୟ ଉଦ୍ଭିଦ ଶରୀରରେ ସୃଷ୍ଟି ହୁଏ, ଯାହା ପ୍ରାଣୀମାନଙ୍କ ଯନ୍ତ୍ରଣାନାଶକ ବା ଆସ୍ପିରିନ ପରି କାମ କରେ। ଗୋଟିଏ ଉଦ୍ଭିଦକୁ କୌଣସି ପୋକ ଆକ୍ରମଣ କଲେ ଏହା ଅନ୍ୟ ଉଦ୍ଭିଦକୁ ନିଜର ପ୍ରତିରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବାସ୍ନା କିମ୍ବା ଶବ୍ଦ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରେ। ଉଦ୍ଭିଦ ସୃଷ୍ଟି କରୁଥିବା କେତେକ ବାଷ୍ପୀୟ ଜୈବିକ ଯୌଗିକ ପ୍ରତିରକ୍ଷା ପାଇଁ ଏବଂ ଆଉ କେତେକ ଉପକାରୀ କବକ ଓ ବ୍ୟାକ୍ଟେରିଆ ଆକର୍ଷଣ କରିବା ପାଇଁ ବ୍ୟବହୃତ ହୁଏ।

ଉଦ୍ଭିଦମାନେ ଶବ୍ଦ ମାଧ୍ୟମରେ ମଧ୍ୟ ବାର୍ତ୍ତା ପ୍ରେରଣ କରିପାରନ୍ତି। କିନ୍ତୁ ଆମେ ଏହାକୁ ଶୁଣି ପାରୁନା। ମଣିଷର କର୍ଣ୍ଣ ଶବ୍ଦର ବେଗ ୨୨୦ ରୁ ୨୦୦୦୦ ହର୍ଷ ଶୁଣିପାରେ। ୨୦ ହର୍ଷ ରୁ କମ୍ ଶବ୍ଦକୁ ସବ୍ ସୋନିକ ଓ ୨୦୦୦୦ ହର୍ଷ ରୁ ଅଧିକ ହେଲେ ଅଲ୍ଟ୍ରାସୋନିକ କୁହଯାଏ। ଉଦ୍ଭିଦ ଅତି ଧୀରେ ଶବ୍ଦ ପ୍ରେରଣ କରୁଥିବାରୁ ତାହା ଆମର କର୍ଣ୍ଣଗୋଚର ହୁଏନାହିଁ। କେତେକ ଉଦ୍ଭିଦ ଭଲ ପଡ଼ୋଶୀ ଉଦ୍ଭିଦ ସହ ସୁନ୍ଦର ଭାବରେ ବଢ଼ନ୍ତି ଏବଂ କେତେକ ଉଦ୍ଭିଦକୁ ଭଲ ପାଆନ୍ତି ନାହିଁ। ଅଷ୍ଟ୍ରେଲିଆର ଏକ ପରୀକ୍ଷାରୁ ଜଣାଯାଏ କି ତୁଳସୀ ପାଖରେ ଲଙ୍କା ଗଛ ଭଲ ବଢ଼େ। ଚୀନର ବୈଜ୍ଞାନିକ ଶବ୍ଦତରଙ୍ଗ ମାଧ୍ୟମରେ ଫସଲର ଅମଳହାର ବୃଦ୍ଧି ପାଇଁ ପରୀକ୍ଷା କରୁଛନ୍ତି। ସେଥିପାଇଁ ପୁରୁଣା ମାଳି କହେ ଗଛ ସହିତ କଥା ହୁଅନ୍ତୁ। ଆଉ କେତେକ ବୈଜ୍ଞାନିକ ଜାଣି ପାରିଛନ୍ତି ଶବ୍ଦ ତରଙ୍ଗର ବେଗ ଜିନ୍ ପରିପ୍ରକାଶକୁ ପରିବର୍ତ୍ତନ କରିପାରେ। ଏପରିକି ଶବ୍ଦ ପ୍ରଭାବରେ ଉଦ୍ଭିଦ ଶରୀରରେ ରାସାୟନିକ ପ୍ରତିକ୍ରିୟାରେ ପରିବର୍ତ୍ତନ ଦେଖାଯାଏ। ବର୍ତ୍ତମାନ ସମୟରେ ଆମେ ଏତିକି କହିପାରିବା ଯେ ଉଦ୍ଭିଦମାନେ ରାସାୟନିକ ଯୌଗିକ କିମ୍ବା ଶବ୍ଦ ମାଧ୍ୟମରେ ପରସ୍ପରକୁ ବାର୍ତ୍ତା ପ୍ରେରଣ କରନ୍ତି। ଆମେ ଗଛର ଫୁଲ ତୋଳିବା ବେଳେ କିମ୍ବା ଗଛକୁ ଆଘାତ ଦେବା ବେଳେ ଗଛ ପଡ଼ୋଶୀ ଗଛକୁ ବାର୍ତ୍ତା ପ୍ରେରଣ କରେ, ଯାହାକୁ ଆମେ ଶୁଣିବାରେ ଅସମର୍ଥ।

ଉଭୟଉଦ୍ଭିଦ ଓ ଚାଷୀ ପରସ୍ପର ବାର୍ତ୍ତା ସଂଚାର କରି ପାରିବେ କି ନାହିଁ ସେ ସମ୍ବନ୍ଧରେ ନ୍ୟାସନାଲ ସାଇନ୍ସ ଫାଉଣ୍ଡେସନ ଅନୁଦାନ ପ୍ରାପ୍ତ ଉଦ୍ଭିଦ ପ୍ରଣାଳୀ ଉପରେ କାର୍ଯ୍ୟକ୍ରମ ଯୋଗ୍ୟ ଗବେଷଣା କେନ୍ଦ୍ର ଗବେଷଣା କରିଛନ୍ତି। ଶୁଷ୍କ ବାତାବରଣରୁ ରକ୍ଷା ପାଇବା ପାଇଁ ଉଦ୍ଭିଦ ରଣାତ୍ମକ ଚାପ ଫଳରେ ନିଜର ଚେର, କାଣ୍ଡ ଓ ପତ୍ରରେ ଜଳ ସଞ୍ଚୟ କରି ରଖେ। ଏହାପରେ ଉଦ୍ଭିଦ ଶରୀରରେ ବାର୍ତ୍ତା ସଂଚାର ହୋଇଥାଏ। ୧୦୦ ବର୍ଷ ପୂର୍ବେ ବୈଜ୍ଞାନିକମାନେ ପ୍ରଶ୍ନ କରିଥିଲେ ପ୍ରତିବଳକାରୀ (ଷ୍ଟ୍ରେସର) ପ୍ରଭାବରେ କିପରି ଉଦ୍ଭିଦ ଗୋଟିଏ ଅଂଶରୁ ଅନ୍ୟତ୍ର ବାର୍ତ୍ତା ପ୍ରେରଣ କରେ। କେତେକ ମନେକଲେ କି ଉଦ୍ଭିଦ ହରମୋନ କିମ୍ବା ରାସାୟନିକ ପଦାର୍ଥ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରେ। ଆଉ କେତେକ ମନେକଲେ ଏପରି ବାର୍ତ୍ତା ପ୍ରେରଣ ହୁଏତ ଯାନ୍ତ୍ରିକ ଉପାୟରେ ହୋଇଥାଏ। ବୈଜ୍ଞାନିକ ବାଛେବା ଏବଂ ତାଙ୍କ ସହଯୋଗୀମାନେ ବର୍ତ୍ତମାନ ଏକ ପୂର୍ବ-ସୂଚନାଯୋଗ୍ୟ ମଡେଲ ଏବଂ ଏକୀଭୂତ ଢାଞ୍ଚା ଦ୍ୱାରା ବୁଝାଇଛନ୍ତି କିପରି ପ୍ରତିବଳକାରୀ ପ୍ରଭାବରେ ଚାପ ପରିବର୍ତ୍ତନ ସମୟରେ ଉଦ୍ଭିଦ ଯାନ୍ତ୍ରିକ ଓ ରାସାୟନିକ ସଂକେତ ମାଧ୍ୟମରେ ବାର୍ତ୍ତା ପ୍ରେରଣ କରନ୍ତି। ଉଦ୍ଭିଦର ପରିବହନ ପ୍ରଣାଳୀ କେତେକ ନଳୀକୁ ନେଇ ଗଠିତ, ଯାହା ନମନୀୟ ପେଶୀ ମଧ୍ୟରେ ଚାପ ସୃଷ୍ଟି କରନ୍ତି। ଯେତେବେଳେ କୌଣସି ଆଘାତରୁ ଅଥବା କୀଟ ଆକ୍ରମଣ ଦେଖାଯାଏ ସେତେବେଳେ ଉଦ୍ଭିଦ ଶରୀରର ଚାପ ପରିବର୍ତ୍ତନ ହୁଏ। ଫଳରେ ନିମ୍ନ ଭାଗକୁ ବାର୍ତ୍ତା ସଂଚାର ହୁଏ। ବୈଜ୍ଞାନିକମାନେ ମତ ଦିଅନ୍ତି ଯେ ଚାପ ପରିବର୍ତ୍ତନ ଫଳରେ ଉଦ୍ଭିଦ ଶରୀରରେ ସାମୂହିକ ପ୍ରବାହ ହୁଏ, ଯେଉଁଥିରେ କ୍ଷତିଗ୍ରସ୍ତ ଅଂଶରୁ ନିର୍ଗତ ରାସାୟନିକ ପଦାର୍ଥ ଅନ୍ୟ ଅଂଶକୁ ସ୍ଥାନାନ୍ତରିତ ହୋଇଥାଏ। ଗୋଟିଏ ପରିକଳ୍ପନା(ହାଇପୋଥେସିସ) ହୋଇପାରେ ଯେ ଏପରି ରାସାୟନିକ ପଦାର୍ଥ ଏକ ବିଷାକ୍ତ ଅମ୍ଳ ସୃଷ୍ଟି କରେ, ଯାହାକି କୀଟମାନଙ୍କୁ ବିକର୍ଷଣ କରେ। ଚାପ ପରିବର୍ତ୍ତନ ଫଳରେ ପରିବହନ ନଳୀ ଚାରିପାଖରେ ଯାନ୍ତ୍ରିକ ସମ୍ବେଦନଶୀଳ ନଳୀ ସୃଷ୍ଟି ହୁଏ ଏବଂ ଏହାଦ୍ୱାରା କ୍ୟାଲସିୟମ ଓ ଅନ୍ୟାନ୍ୟ ଆୟନ୍ ନିମ୍ନକୁ ଗତି କରେ। ଏହି କ୍ୟାଲସିୟମ ପ୍ରବାହ ନିଜକୁ ସୁରକ୍ଷିତ ରଖିବାକୁ ଜିନ୍‌କୁ ବାର୍ତ୍ତା ଦେଇଥାଏ। ବୈଜ୍ଞାନିକ ବାଛେଭା କହନ୍ତି ଏହି ଉଦ୍ଭିଦଠାରୁ ସେମାନେ ଅନୁଭବ କରୁଥିବା ତଥ୍ୟ ମିଳିପାରିବ। ଏପରି ଉଦ୍ଭିଦ ଜଳ ଆବଶ୍ୟକ କରୁଥିବା ସମୟରେ ସେମାନଙ୍କ ରଙ୍ଗ ବଦଳାଇବେ କିମ୍ବା ଫ୍ଲୁରୋସେଣ୍ଟ ଆଲୋକ ତ୍ୟାଗ କରିପାରିବେ। ଏହାଦ୍ୱାରା ଉଦ୍ଭିଦ ନିଜର ବାର୍ତ୍ତା ପ୍ରେରଣ କରିବା ସହିତ ଚାଷୀ ମଧ୍ୟ ଜଣାଇ ଦେବ କି ଆଗକୁ ଶୁଖିଲା ପାଗ ଥିବାରୁ ଉଦ୍ଭିଦ ଅଧିକ ଦକ୍ଷତାର ସହ ଜଳ ବିନିଯୋଗ କରିବା ଆବଶ୍ୟକ।

ଆପ୍ତ ବାକ୍ୟରେ ଏତିକି କୁହାଯାଇ ପାରେକି ଉଦ୍ଭିଦ ଆମର ମିତ୍ର ଏବଂ ଆମେ ତା'କୁ ଭଲପାଇବା କଥା। 'ଜୀବେ ଦୟା' ଉକ୍ତିଟି ଉଦ୍ଭିଦ ପାଇଁ ମଧ୍ୟ ପ୍ରଯୁଜ୍ୟ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ପରିସଂସ୍ଥୀୟ ପାଦଚିହ୍ନ ଓ ସ୍ଥାୟୀ ବିକାଶ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ପ୍ରକୃତିର ସମ୍ପଦକୁ ଆଧୁନିକ ମଣିଷ ଆଦିମ ମଣିଷ ତୁଳନାରେ ଏବଂ ସହରାଞ୍ଚଳର ମଣିଷ ଗ୍ରାମାଞ୍ଚଳର ମଣିଷ ତୁଳନାରେ ଅଧିକ ବ୍ୟବହାର କରେ। ସେହିପରି ବିକଶିତ ଦେଶଗୁଡ଼ିକର ମୁଣ୍ଡପିଛା ପ୍ରାକୃତିକ ସମ୍ପଦ ବ୍ୟବହାର ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କ ତୁଳନାରେ ଅଧିକ। ଏହାକୁ ପରିସଂସ୍ଥୀୟ ବା ପରିବେଶଗତ ପାଦଚିହ୍ନ ବା ଅଙ୍ଗାର ପଦଚିହ୍ନ କୁହାଯାଏ। ଯେତେବେଳେ 'ଧରିତ୍ରୀ'ର ସମ୍ପଦ ଅତ୍ୟଧିକ ବ୍ୟବହାର କରାଯାଏ, ଏହାକୁ ପରିବେଶଗତ କରଜ କିମ୍ବା 'ଧରିତ୍ରୀ ସୀମା ଲଙ୍ଘନ ଦିବସ'(ଆର୍ଥ ଓଭରସୁଟ୍ ଡେ) କୁହାଯାଏ। ଆର୍ଥ ଓଭରସୁଟ୍ ଡେ ସେହି ତାରିଖକୁ ଚିହ୍ନିତ କରେ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବର୍ଷରେ ପ୍ରାକୃତିକ ସମ୍ପଦ ଓ ସେବା ପାଇଁ ମଣିଷର ଚାହିଦାସେହି ବର୍ଷରେ ଧରିତ୍ରୀର ପରିସଂସ୍ଥାର ପୁନରୁତ୍ପତ୍ତିଠାରୁ ଅଧିକ ହୋଇଯାଏ। ୧୯୭୧ ମସିହାରୁ 'ଧରିତ୍ରୀ ସୀମା ଲଙ୍ଘନ ଦିବସ' ଗଣନା କରାଯାଉଛି। ୧୯୭୧ରେ ଏହି ଦିବସ ଡିସେମ୍ବର ୨୫ ତାରିଖ ଥିବା ବେଳେ ତାହା କ୍ରମାଗତ ହ୍ରାସ ପାଇ ୧୯୮୧ରେ ନଭେମ୍ବର ୨୦, ୧୯୯୧ରେ ଅକ୍ଟୋବର ୨୦, ୨୦୦୧ରେ ସେପ୍ଟେମ୍ବର ୧୩, ୨୦୧୧ରେ ଅଗଷ୍ଟ ୬, ୨୦୨୧ରେ ଅଗଷ୍ଟ ୩, ୨୦୨୪ରେ ଅଗଷ୍ଟ ୧ରେ ପହଞ୍ଚିଛି। ଭାରତ ପାଇଁ ଏହା ୨୦୨୪ରେ ଅଗଷ୍ଟ ୧, ଜାପାନ ପାଇଁ ମେ' ୩୦, ଚୀନ ପାଇଁ ୧୨ ଜୁନ୍, ନେପାଳ ପାଇଁ ଅଗଷ୍ଟ ୩। ଏହାର ଅର୍ଥ, ସାମୂହିକ ଭାବରେ, ମଣିଷ ବା ମାନବ ସମାଜକୁ ଏହାର ସମ୍ପଦ ଚାହିଦା ପୂରଣ କରିବା ପାଇଁ ୧.୭୫ ଧରିତ୍ରୀ ଆବଶ୍ୟକ ହେବ।

ଜାତିସଂଘ ବ୍ୟବସ୍ଥା ମଧ୍ୟରେ ପରିବେଶଗତ ସମସ୍ୟାଗୁଡ଼ିକର ପ୍ରତିକ୍ରିୟା ଓ ସମନ୍ୱୟ କ୍ଷେତ୍ରରେ ସଂଯୋଜନା କରିବା ପାଇଁ ଗଠିତ ୟୁଏନ୍‌ଇପି ଲକ୍ଷ୍ୟ ହେଉଛି ଭବିଷ୍ୟତ ପିଢ଼ିଙ୍କୁ ପରିବେଶଗତ ସଙ୍କଟକୁ ଠେଲି ନଦେଇ ବିଶ୍ୱ ଜନତାଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିବାକୁ ପ୍ରେରଣା, ସୂଚନା ଓ ସକ୍ଷମ କରିବା। ୧୯୮୮ ମସିହାରେ ୟୁଏନ୍‌ଇପି ଓ ବିଶ୍ୱ ପାଣିପାଗ ସଂଗଠନ ମିଳିତ ଭାବରେ ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃସରକାରୀ ପ୍ୟାନେଲ(ଆଇପିସିସି) ପ୍ରତିଷ୍ଠା କରିଥିଲେ। ପ୍ରତିବର୍ଷ ଯେ କୌଣସି ଏକ ଦେଶ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ବିଶ୍ୱସ୍ତରୀୟ ଉତ୍ସବ ଆୟୋଜନ କରେ।

ଜଳବାୟୁ ନିୟନ୍ତ୍ରଣ କାର୍ଯ୍ୟ, ସ୍ଥାୟୀ ଉତ୍ପାଦନ ଓ ବ୍ୟବହାର, ସାଗର ଓ ମହାସାଗରର ସୁରକ୍ଷା, ପରିସଂସ୍ଥାନ ପରିଚାଳନା ଓ ପୁନରୁଦ୍ଧାର, ଜୈବ ବିବିଧତା ବଜାୟ ରଖିବା ସମେତ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତ ହେବା ଜରୁରୀ। ପ୍ଲାଷ୍ଟିକ୍ ସମୁଦ୍ରକୁ ପ୍ରଦୂଷିତ କରେ, ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବନ୍ୟପ୍ରାଣୀ ଓ ମାନବ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରେ ଏବଂ ପରିବେଶକୁ କ୍ଷତି ପହଞ୍ଚାଏ। ମାଇକ୍ରୋପ୍ଲାଷ୍ଟିକ୍ ବା କ୍ଷୁଦ୍ର ପ୍ଲାଷ୍ଟିକ ଖଣ୍ଡ ପାନୀୟ ଜଳ, ଆମେ ପ୍ରଶ୍ୱାସ ନେଉଥିବା ବାୟୁରେ ମିଶି ଶରୀର ଭିତରକୁ ଚାଲିଯାଏ। ବିଶ୍ୱ ବାର୍ଷିକ ୪୩୦ (୪୩ କୋଟି) ନିୟୁତ ଟନ୍ ରୁ ଅଧିକ ପ୍ଲାଷ୍ଟିକ୍ ଉତ୍ପାଦନ କରେ, ଯାହାର ଦୁଇ-ତୃତୀୟାଂଶ କ୍ଷଣସ୍ଥାୟୀ ଉତ୍ପାଦ। ଦଶନ୍ଧି ଦଶନ୍ଧି ଧରି ପ୍ଲାଷ୍ଟିକ୍ ପ୍ରଦୂଷଣ ବିଶ୍ୱର ପ୍ରତ୍ୟେକ କୋଣରେ ପ୍ରବେଶ କରିଛି। ପ୍ଲାଷ୍ଟିକ୍ ପ୍ରଦୂଷଣର ବାର୍ଷିକ ସାମାଜିକ ଏବଂ ପରିବେଶଗତ ମୂଲ୍ୟ ୩୦୦ ବିଲିୟନ ଆମେରିକୀୟ ଡଲାରରୁ ୬୦୦ ବିଲିୟନ ଆମେରିକୀୟ ଡଲାର ବୋଲି ଆକଳନ କରାଯାଇଛି।

ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସିନ୍ଥେଟିକ୍ ପ୍ଲାଷ୍ଟିକ୍ ଥିଲା ବେକେଲାଇଟ୍, ଯାହା ୧୯୦୭ ମସିହାରେ ନ୍ୟୁୟର୍କରେ ଲିଓ ବେକେଲାଣ୍ଡ ଦ୍ୱାରା ଉଦ୍ଭାବିତ ହୋଇଥିଲା। ଆଜି ଡଜନ ଡଜନ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍ ଉତ୍ପାଦିତ ହେଉଛି। ପଲିମର ରସାୟନ ବିଜ୍ଞାନର ଜନକ ଭାବେ ହର୍ମାନ ଷ୍ଟଉଡିଙ୍ଗର୍ ନୋବେଲ୍ ପୁରସ୍କାର ମଧ୍ୟ ପାଇଛନ୍ତି। ପଲିମର ଭୌତିକ ବିଜ୍ଞାନର ଜନକ ଭାବରେ ହର୍ମାନ ମାର୍କ ମଧ୍ୟ ପରିଚିତ। ଅଧିକାଂଶ ପ୍ଲାଷ୍ଟିକ୍ ପ୍ରାକୃତିକ ଗ୍ୟାସ୍ ଓ ପେଟ୍ରୋଲିୟମ୍ ରୁ ଉତ୍ପାଦିତ ହେଉଥିବା ବେଳେ କେତେକ ପଲିଲାକ୍ଟିକ୍ ଏସିଡ୍ ଭଳି ନବୀକରଣୀୟ ସମ୍ବଳରୁ ଉତ୍ପାଦିତ ହୁଏ। ସରଳ ଶବ୍ଦରେ ବୁଝିବାକୁ ଗଲେ, ପ୍ଲାଷ୍ଟିକ୍ ଅର୍ଥ ହେଉଛି ପେଟ୍ରୋକେମିକାଲ୍-ଉତ୍ପନ୍ନ ଉତ୍ପାଦଗୁଡ଼ିକର କଠିନ ସିନ୍ଥେଟିକ୍। ପ୍ଲାଷ୍ଟିକ୍ ଏବେ ଏକ ଅତ୍ୟାବଶ୍ୟକୀୟ ସାମଗ୍ରୀ ହୋଇପଡ଼ିଛି। ଏହାର କମ୍ ଓଜନ, ସ୍ଥାୟୀତ୍ୱ, ନମନୀୟତା, ରାସାୟନିକ ପ୍ରତିରୋଧ, କମ୍ ମୂଲ୍ୟର ଉତ୍ପାଦନ ଏବଂ ପରିଚାଳନା କରିବା ସହଜ ହେତୁ ଏହା ଦୀର୍ଘ ବର୍ଷ ଧରି ରହିବ। କିନ୍ତୁ ସମସ୍ୟା ହେଉଛି ଏକକ ବ୍ୟବହାର ଏବଂ ମାଇକ୍ରୋପ୍ଲାଷ୍ଟିକ୍(୫ମିମିରୁ କମ୍ ବ୍ୟାସ ବିଶିଷ୍ଟ ପ୍ଲାଷ୍ଟିକ୍ ଖଣ୍ଡ ଓ କଣିକା), ଯାହା ପାଣିରେ ଅଦ୍ରବଣୀୟ। ଯେତେବେଳେ ଏହାର ବ୍ୟାସ ୧ ମିମି ରୁ କମ୍ ହୁଏ ସେତେବେଳେ ସେଗୁଡିଙ୍କୁ ନାନୋ-ପ୍ଲାଷ୍ଟିକ୍ କୁହାଯାଏ। ଏହି ପଦାର୍ଥଗୁଡ଼ିକ ପ୍ରସାଧନ, ପୋଷାକ, ନିର୍ମାଣ, ନବୀକରଣ, ଖାଦ୍ୟ ପ୍ୟାକେଜିଂ ଏବଂ ଶିଳ୍ପ ପ୍ରକ୍ରିୟା ସମେତ ବିଭିନ୍ନ ଉତ୍ସରୁ ଜାତ। ଏହି ନାନୋ ପ୍ଲାଷ୍ଟିକ୍ ହିଁ ବାୟୁ, ଜଳ, ଖାଦ୍ୟ ଏବଂ ପ୍ରାକୃତିକ ଇକୋସିଷ୍ଟମ ମାଧ୍ୟମରେ ଆମ ଶରୀରର ରକ୍ତ, ଲାଳ, ଯକୃତ, ପାକସ୍ଥଳୀ, ପ୍ରଜନନ ଅଙ୍ଗ, ବୃକକ୍, ଫୁସଫୁସ ଓ ପ୍ଲାସେଣ୍ଟାକୁ ପ୍ରବେଶ କରନ୍ତି। ଏହାର ପ୍ରଭାବରେ ଅକ୍ସିଡେଟିଭ୍ ଚାପ, ଡିଏନଏ କ୍ଷତି, ଅଙ୍ଗ ଅକ୍ଷମତା, ଶରୀରର ଜୈବ ରାସାୟନିକ ପ୍ରକ୍ରିୟାରେ ବ୍ୟତିକ୍ରମ, ରୋଗ ପ୍ରତିରୋଧକ ଶକ୍ତି ବାଧାପ୍ରାପ୍ତ, ସ୍ନାୟବିକ ଅସୁବିଧା, ଏବଂ ପ୍ରଜନନ ପ୍ରକ୍ରିୟାରେ ବାଧା ଇତ୍ୟାଦି ଅନ୍ତର୍ଭୁକ୍ତ। ରକ୍ତବାହୀ ନଳୀରେ ମାଇକ୍ରୋପ୍ଲାଷ୍ଟିକ୍ ଚିନ୍ତା ସୃଷ୍ଟି କରିଛି, ଯେଉଁଥିରେ ହୃଦଘାତ, ପ୍ରଦାହ, କର୍କଟ, ବିକାଶାତ୍ମକ ବିଳମ୍ବ ଏବଂ ରକ୍ତ ଜମାଟ ବାନ୍ଧିବାର ବିପଦ ବୃଦ୍ଧି ପାଇଛି।

ମିଳିତ ଜାତିସଂଘ ସଦସ୍ୟ ରାଷ୍ଟ୍ରମାନେ ବର୍ତ୍ତମାନ ପ୍ଲାଷ୍ଟିକ ଉପରେ ଏକ ଆଇନଗତ କଟକଣା ପାଇଁ ଆନ୍ତର୍ଜାତୀୟ ଚୁକ୍ତିନାମା ସମ୍ପର୍କରେ ଆଲୋଚନା କରୁଛନ୍ତି। ଜାତିସଂଘ ଦ୍ୱାରା ଧାର୍ଯ୍ୟ ୧୭ ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ଆବଶ୍ୟକ। ଆମ ଧରିତ୍ରୀ ଗ୍ରହ, ଆମର ଦାୟିତ୍ୱ। ଆସନ୍ତୁ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଆମେ ସମସ୍ତେ ମିଳିମିଶି ଏବେଠୁ କାର୍ଯ୍ୟ କରିବା।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## କବିପୁତ୍ର ଭଗବାନ ମେହେର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

କବିପୁତ୍ର-ଏହା କ'ଣ ଏକ ଉପାଧି? ଏତକ ହିଁ ହୋଇପାରେ କାହାର ଶ୍ରେଷ୍ଠ ପରିଚିତି? ସର୍ବୋତ୍ତମ ଗୌରବ ଓ ସୌନ୍ଦର୍ଯ୍ୟ?ଏପରି ଜିଜ୍ଞାସା କାହାରି କାହାରି ମଧ୍ୟରେ ଉଦିତ ହେବା ଅସ୍ୱାଭାବିକ ନୁହେଁ। ସମଗ୍ର ଓଡ଼ିଆ ସାହିତ୍ୟ ଜଗତରେ ଏହି ଅନନ୍ୟ ମର୍ଯ୍ୟାଦା ଲାଭ କରିଛନ୍ତି ଜଣେମାତ୍ର। ସେ ହେଉଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସୁଯୋଗ୍ୟ ସନ୍ତାନ ଭଗବାନ ମେହେର।

ଗଙ୍ଗାଧର ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ। ତେଣୁ ଭଗବାନଙ୍କ ହାତରେ ଅର୍ପଣ କରିଦେଲେ ନିଜ କାବ୍ୟକବିତାର ପାଣ୍ଡୁଲିପି ପ୍ରସ୍ତୁତ କରିବାର ଗୁରୁଦାୟିତ୍ୱ। ଭଗବାନ ମେହେର ସ୍ୱୀକାର କରିଛନ୍ତି ଯେ, ତାହା ହିଁ ସଂଚାର କରିଥିଲା ତାଙ୍କ ଭିତରେ ନବୀନ-ଜୀବନ-ଦୀପ୍ତି। ପୁଣି ଗଙ୍ଗାଧର ପୁତ୍ର ପ୍ରାଣରେ ଭରିଦେଲେ ସୁବିଶାଳ ସାହିତ୍ୟ ଜଗତ ସହିତ ଆତ୍ମିକସ୍ତରରେ ସଂଯୁକ୍ତ ହୋଇ ରହିବାର ବିରଳ କଳା। ଯୌବନ କାଳରେ ପିତାଙ୍କ ସାହିତ୍ୟାଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ସେ ରଚନା କରନ୍ତି କେତେ କବିତା। ପ୍ରେରଣ କରିଦିଅନ୍ତି ପତ୍ରପତ୍ରିକାକୁ। ସେସବୁ ପ୍ରକାଶିତ କବିତାର ସଂକଳନ ଟିଏ ସୁଦ୍ଧା କଲେ ନାହିଁ ସେ ବିଶିଷ୍ଟ ସାହିତ୍ୟିକମାନଙ୍କ ଅନୁରୋଧ ସତ୍ତ୍ୱେ। ଗୋପୀନାଥ ମହାନ୍ତି, ମାୟାଧର ମାନସିଂହଙ୍କ ପରି ମହାନ ସାହିତ୍ୟ ସାଧକଙ୍କ ଅନୁରୋଧ ରକ୍ଷା କରି ଜୀବନର ଅନ୍ତିମ ପର୍ଯ୍ୟାୟରେ ଲେଖିଲେ ପିତାଙ୍କ ପ୍ରାମାଣିକ ଜୀବନୀ ଗ୍ରନ୍ଥ 'ପିତୃପ୍ରସଙ୍ଗ'। ଏ ପୁସ୍ତକ ଓଡ଼ିଆ ଚରିତ ସାହିତ୍ୟରେ କେବଳ ନୁହେଁ, ଭାରତୀୟ ଜୀବନୀ ସାହିତ୍ୟରେ ଯେ ସ୍ୱତନ୍ତ୍ର ଔଜ୍ଜ୍ୱଲ୍ୟ ବିକିରଣ-କ୍ଷମ ଉଚ୍ଚକୋଟୀର ଜୀବନାଲେଖ୍ୟ, ଏହା ବିଦ୍ୱାନ ବୃନ୍ଦଙ୍କ ଦ୍ୱାରା ସ୍ୱୀକୃତ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସୁପୁତ୍ର ରଥୀନ୍ଦ୍ରନାଥ, ମହାନ କଥା ସମ୍ରାଟ ପ୍ରେମଚାନ୍ଦଙ୍କ ସୁଯୋଗ୍ୟ ସନ୍ତାନ ଅମୃତ ରାୟ ଅଥବା ଭାରତର ପୂର୍ବତନ ରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ଉତ୍ତର ଦାୟାଦ ଏସ. ଗୋପାଳଙ୍କ ଦ୍ୱାରା ଉପସ୍ଥାପିତ ଅନୁଭୂତି ସହିତ ତାହା ତୁଳନୀୟ ହୋଇପାରେ। ତେବେ ଏ ଗ୍ରନ୍ଥର ଯାହା ହେଲା ସର୍ବଶ୍ରେଷ୍ଠ ଆକର୍ଷଣ, ତାହା ତାଙ୍କର ଅତି ବିନୀତ ଗଦ୍ୟ ଶୈଳୀ, ଯାହାର ସୃଷ୍ଟି ଉତ୍ସ ତାଙ୍କ ବିନମ୍ର ଆତ୍ମା। କୌଣସି ସ୍ଥାନରେ ପିତୃ ପ୍ରଶଂସାରେ ସେ ଆଦୌ ସାମାନ୍ୟ ମଧ୍ୟ ପ୍ରଗଳଭ ନୁହନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ଭାବରେ ପିତାଙ୍କ ଜୀବନକୁ ଅତିନିକଟରୁ ଯେପରି ନିରୀକ୍ଷଣ କରିଛନ୍ତି, ଅବିକଳ ଅନୁରୂପ ଭାବରେ ଅଙ୍କନ କରିଛନ୍ତି ଅନାସକ୍ତ ଅଥଚ ଶ୍ରଦ୍ଧାଦୀପ୍ତ ଭାବ ନେଇ। ନିଜ କଥା ବର୍ଣ୍ଣନା କରିବାର ସବୁ ସୁଯୋଗ ଉନ୍ମୁକ୍ତ ରହିଥିବା ସତ୍ତ୍ୱେ ସର୍ବଦା ଆପଣାକୁ ରଖିଛନ୍ତି ଅନ୍ତରାଳରେ।

କବିଙ୍କ ସମାଧି ପ୍ରତିଷ୍ଠା ଠାରୁ ଆରମ୍ଭ କରି ତାଙ୍କର ପ୍ରତିମୂର୍ତ୍ତି ନିର୍ମାଣ, ଗଙ୍ଗାଧର ସ୍ମୃତି ଭବନ ନିର୍ମାଣ, ଗଙ୍ଗାଧର ଗ୍ରନ୍ଥାବଳୀ ପ୍ରକାଶନ କେଉଁଥିରେ ତାଙ୍କ ଅବଦାନ ଓ ପ୍ରେରଣା ପ୍ରାଣସ୍ପର୍ଶୀ ନୁହେଁ? ପୁଣି ନିଜ ଜନ୍ମଗ୍ରାମ ବରପାଲିକୁ ଏକ ଆଦର୍ଶ ପଲ୍ଲୀ ଭାବରେ ଗଠନ କରିବାର ଯେଉଁ ସ୍ୱପ୍ନ ଦେଖିଥିଲେ ଗଙ୍ଗାଧର ତାହାକୁ ସଫଳ କରିଛନ୍ତି କବିପୁତ୍ର। 'ପଦ୍ମିନୀ' କାବ୍ୟଟିକୁ ସମ୍ପୂର୍ଣ୍ଣ କରିପାରି ନଥିଲେ ଗଙ୍ଗାଧର। ତାହାକୁ ମଧ୍ୟ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିଛନ୍ତି ସେ। ଯେଉଁଠୁ ପିତା ପୁତ୍ରଙ୍କ ରଚନାଶୈଳୀ ମଧ୍ୟରେ ପାର୍ଥକ୍ୟ ନିରୂପଣ ସହଜସାଧ ହୋଇ ପାରେନା। କବିଙ୍କ ତଥା ନିଜ ପ୍ରିୟ ଜନ୍ମଗୃହ, ପୂର୍ବପୁରୁଷଙ୍କ ଭିଟାମାଟି ସେ ଓଡ଼ିଶା ସରକାରଙ୍କ ହାତକୁ ଟେକିଦେଲେ ୧୯୭୦ ମସିହାରେ ଜାତୀୟ ସମ୍ପତ୍ତି ଭାବରେ ତା'କୁ ସଂରକ୍ଷିତ ରଖିବାକୁ। ଭଗବାନ ମେହେରଙ୍କ ସାହିତ୍ୟବୋଧ ଥିଲା କି ସମ୍ପ୍ରସାରିତ, ତାହା ହିଁ ପ୍ରତିପାଦିତ ହୋଇଯାଏ ଏହି ସମସ୍ତ ଉତ୍ସର୍ଗୀକୃତ ଚେତନାରୁ।

ନିଜ ପିତାଙ୍କ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ତାଙ୍କ ଜୀବନ କି ବିନୀତ ଓ ବୈଶିଷ୍ଟ୍ୟ ବିମଣ୍ଡିତ ତାହା ଯଥାର୍ଥ ଭାବରେ ଅନୁଶୀଳନ କରିପାରିବା ଏ ସମୟର ଏକ ଅର୍ଥପୂର୍ଣ୍ଣ ଆହ୍ୱାନ। ନିଜକୁ ନିଃଶେଷ କରି ମହାନ ପିତାଙ୍କ ଆଦର୍ଶ ପାଇଁ ନିଗାଡ଼ି ଦେବାର ଏହି ସାରସ୍ୱତ କୌଳିନ୍ୟ ସାହିତ୍ୟ ଜଗତର ଯେ ହୋଇପାରେ ଏକ ସର୍ବୋତ୍କୃଷ୍ଟ କଳା, ଏ ସତ୍ୟର ସାର୍ଥକ ସଂକେତ ହୋଇ ରହିବେ କବିପୁତ୍ର ଭଗବାନ ମେହେର। ନିଜକୁ ସର୍ବଦା ପରଦା ପଶ୍ଚାତରେ ରଖିଥିବା ଏପରି ଜଣେ ମହାନ ଶିଳ୍ପୀଙ୍କୁ ତଥାପି ଏ ଜାତି ଯଥାର୍ଥ ଭାବରେ ଯେ ଆକଳନ କରିପାରିନାହିଁ, ତାହା ହିଁ ସାହିତ୍ୟ ଭାରତୀଙ୍କ ଏକ ଅନ୍ତର୍ବେଦନା। ସେ କଥା ହୃଦୟଙ୍ଗମ କରିବା ପାଇଁ କେତେଜଣ ସମର୍ଥ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 I 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୪ନୂତନ ଅଦାଲତ ଉଦଘାଟିତ

କଟକ,୨୫।୬(ସମିସ): କଟକ,ବାଲେଶ୍ୱର,ସୁନ୍ଦରଗଡ ଓ ବଲାଙ୍ଗୀର ଜିଲ୍ଲାରେ ଆଜି ୪ଟି ନୂତନ ଅଦାଲତ ଉଦଘାଟିତ ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଭର୍ଚୁଆଲ ମାଧ୍ୟମରେ ଏହି ନୂତନ ଅଦାଲତ ଗୁଡିକୁ ଉଦଘାଟନ କରିବା ସହ ଏହା ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟପ୍ରଦାନରେ ସହାୟକ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି ଯୋଗଦେଇଥିଲେ। ଉଦଘାଟନ ହୋଇଥିବା ନୂତନ ଅଦାଲତ ଗୁଡିକ ହେଉଛି ସୁନ୍ଦରଗଡ ଜିଲ୍ଲା କୋଇଡାସ୍ଥିତ ଦେୱାନୀ ଅଦାଲତ(କନିଷ୍ଠ ଡିଭିଜନ)ତଥା ଜେଏମଏଫସି ,କଟକ ଜିଲ୍ଲା ତମପଡାସ୍ଥିତ ଦେୱାନୀ ଅଦାଲତ(କନିଷ୍ଠ ଡିଭିଜନ) ତଥା ଜେଏମଏଫସି, ବାଲେଶ୍ୱର ଜିଲ୍ଲା ଔପଦାସ୍ଥିତ ଦେୱାନୀ ଅଦାଲତ(କନିଷ୍ଠ ଡିଭିଜନ)ତଥା ଜେଏମଏଫସି ଅଦାଲତ ଓ ବଲାଙ୍ଗୀର ଗ୍ରାମ୍ୟ ନ୍ୟାୟାଳୟ। ସମ୍ପୃକ୍ତ ସ୍ଥାନ ମାନଙ୍କରେ ଜିଲ୍ଲା ବିଚାର ବିଭାଗୀୟ ଅଧିକାରୀ ,ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଓକିଲ ସଂଘ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

■ ମାଳମାଲ ଜାଲ୍ ୱେବସାଇଟ ଜରିଆରେ ପର୍ଯ୍ୟଟକଙ୍କୁ ଠକେଇ

# ହେଲ୍ପଲାଇନ୍ ନମ୍ବରରେ ଆସିଲାଣି ୩୧୭ ଅଭିଯୋଗ

**ସତର୍କ କରାଇଲା କ୍ରାଇମବ୍ରାଞ୍ଚ**

କଟକ,୨୫।୬(ସମିସ): ମାଳମାଲ ଜାଲ୍ ୱେବସାଇଟ ଜରିଆରେ ସାଧାରଣ ଲୋକ ବିଶେଷକରି ପର୍ଯ୍ୟଟକ ମାନେ ଠକାମିର ଶିକାର ହେଉଥିବା ପୁଲିସ ବିଭାଗର ଚିନ୍ତା ବଢାଇ ଦେଇଛି। ବିଗତ କିଛି ଦିନ ମଧ୍ୟରେ ଏଭଳି ଅଭିଯୋଗର ସଂଖ୍ୟା ବୃଦ୍ଧି ପାଇଚାଲିଛି । ଏଣୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏ ନେଇ ପର୍ଯ୍ୟଟକ ମାନଙ୍କୁ ସତର୍କ କରାଯାଇଛି। ଏପରିକି ଆଗକୁ ରଥଯାତ୍ରା ଥିବାରୁ ଅପେକ୍ଷାକୃତ ଶସ୍ତା ମୂଲ୍ୟ ଦେଖି ବୁକିଂ ନକରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଯଥା ପୁରୀ, ଭୁବନେଶ୍ୱର, ଓ କଟକ ଆଦି ସହରରେ ହୋଟେଲ ବୁକିଂ ନାମରେ ଏଭଳି ଠକେଇ ହେଉଥିବାର କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି । ବିଭିନ୍ନ ସମୟରେ ଠକ ମାନେ ପ୍ରତିଷ୍ଠିତ ହୋଟେଲ ଗୁଡିକର ନକଲି ୱେବସାଇଟ୍ ପ୍ରସ୍ତୁତ କରି କମ୍ ମୂଲ୍ୟରେ ଆକର୍ଷଣୀୟ ରୁମ, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର୍ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ଘଟଣା ନଜରକୁ ଆସୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଅଦ୍ୟାବଧି ୩୧୭ଟି ଅଭିଯୋଗ ଦାଖଲ ହୋଇଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କ୍ରାଇମବ୍ରାଞ୍ଚ ଟିମ ବୈଷୟିକ ଜ୍ଞାନ କୌଶଳ ଉପଯୋଗ କରି ଠକ ମାନେ ବ୍ୟବହାର କରୁଥିବା ବେଆଇନ ହୋଟେଲ ବୁକିଂ ୱେବସାଇଟ୍ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଜଣାପଡିଛି। ଗୁଗୁଲ୍ ଓ ଅନ୍ୟାନ୍ୟ ପ୍ଲାଟଫର୍ମ ସହିତ ଯୋଗାଯୋଗ କରି ଉକ୍ତ ନକଲି ୱେବସାଇଟ ଗୁଡିକୁ ହଟାଇବା ପାଇଁ କ୍ରାଇମବ୍ରାଞ୍ଚ ଉଦ୍ୟମ ଜାରି ରଖିଛି। ଏପରିକି ଏହିଭଳି କେତେକ ନକଲି ୱେବସାଇଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ୱୀକୃତି ପ୍ରାପ୍ତ ୱେବସାଇଟ୍ ମାଧ୍ୟମରେ ହୋଟେଲ ବୁକିଂ କରିବା ପାଇଁ ସଚେତନ କରାଯାଇଛି। ସେହିଭଳି ଗୁଗୁଲ ମାନଚିତ୍ର ବ୍ୟବହାର କରି ହୋଟେଲର ଠିକଣା ଓ ନମ୍ବର ଯାଞ୍ଚ କରିବା, ବୁକିଂ ସମୟରେ ସମସ୍ତ ଅର୍ଥ ଅଗ୍ରିମ ପଇଠ ନକରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସୁରକ୍ଷିତ ପେମେଣ୍ଟ ଗେଟୱେ ବ୍ୟବହାର ନକରିଲେ ଠକାମିର ଶିକାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଏହାକୁ ନପରଖି ଅନେକ ଠକେଇର ଶିକାର ହୋଇଥିବା ଜଣାପଡିଛି। ଅନେକ ଲୋକ ଅଳ୍ପ କିଛି ଟଙ୍କା ଠକେଇର ଶିକାର ହୋଇଥିବା କାରଣରୁ ଅଭିଯୋଗ କରୁନଥିବା ଜଣାପଡିଛି। ତେବେ ଏଭଳି ଠକେଇ ଘଟିଲେ ତୁରନ୍ତ ଡାଏଲ ୧୯୩୦ରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି।

■ ଜାଲ ପ୍ରମାଣପତ୍ର ଦେଇ ଚାକିରି କରିବା ଅଧ୍ୟାପକଙ୍କୁ ମହଙ୍ଗା ପଡିଲା

# ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ; ଫେରାଇବେ ସମସ୍ତ ଟଙ୍କା

ବାରିପଦା, ୨୫।୬(ସମିସ): ଚାକିରି ସମୟରେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଜାଲ ପାଇଁ ଜଣେ ଅଧ୍ୟାପକଙ୍କ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଧ୍ୟାପକ ଜଣଙ୍କ ହେଲେ ହେଲେ ଉଦଳା କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାକର ସାହୁ। ଗତ ୧୯୯୩ ମସିହାରେ ପିଜି ପାସ କରିଥିବା ପ୍ରଭାକର ସାହୁ ୧୯୯୨ ମସିହାରେ ଅଧ୍ୟାପକ ଭାବେ ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଚାକିରିରେ ନିଯୁକ୍ତି ପାଇଥିଲେ; ଯାହାକି ନିଯୁକ୍ତି ସମୟରେ ଅଧ୍ୟାପକ ହେବା ପାଇଁ ଯୋଗ୍ୟତା ନ ଥାଇ ଜାଲ ଦସ୍ତାବିଜ ଦେଇ ସେ ଚାକିରି କରିଥିବା ତଦନ୍ତରୁ ଜଣାପଡିଛି। ଏଥିସହିତ ପରବର୍ତ୍ତୀ ସମୟରେ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ମଧ୍ୟ ଦରମା ଓ ଅନ୍ୟାନ୍ୟ ବାବଦକୁ ସେ ନେଇଥିଲେ। ତେବେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ପରେ ଉଦଳା କଲେଜରେ ସାର୍ଟିଫିକେଟ ଯାଞ୍ଚ ସମୟରେ ଏହି ଘଟଣା ସାମ୍ନାକୁ ଆସିଛି। ତେବେ ଅଧ୍ୟାପକ ପ୍ରଭାକରଙ୍କ ସବୁ କାରନାମାର ଅନ୍ତ ଘଟିଛି। ଉଚ୍ଚଶିକ୍ଷା ବିଭାଗ ନିକଟରେ ସେ ଚାକିରି ନିଯୁକ୍ତି ସମୟ ବେଳକୁ ପିଜି ପାସ କରିଥିବା ନେଇ କୌଣସି ତଥ୍ୟ ଦେଇପାରି ନ ଥିଲେ। ତେଣୁ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ୧୯୯୩ରେ ପିଜି ପାସ ହୋଇଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତାଙ୍କର ଗ୍ରାଣ୍ଟ-ଇନ-ଏଡ୍ ସୁବିଧା ଉଠାଇ ନିଆଯାଇଛି। ଏଥିସହିତ ସରକାରଙ୍କୁ ଠକି ନେଇଥିବା ସମସ୍ତ ଟଙ୍କା ଫେରସ୍ତ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ଚିଠି କରିଛି। ଉଚ୍ଚ ଶିକ୍ଷା ବିଭାଗ ଆଦେଶ ବଳରେ ଉଦଳା କଲେଜ ଅଧକ୍ଷ ସମ୍ପୃକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ଚାକିରି ନାହିଁ ଏବଂ ସେ ତୁରନ୍ତ ପ୍ରାଣୀ ବିଜ୍ଞାନ ବିଭାଗ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚିଠି କରିଛନ୍ତି। ତେବେ ଅଧ୍ୟାପକ ପ୍ରଭାକର ସାହୁ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ତାଙ୍କର କୌଣସି ମତାମତ ମିଳିପାରିନାହିଁ।

■ ଓଡ଼ିଶା ଇଭି ନୀତି ୨.୦ ପାଇଁ ପ୍ରସ୍ତୁତ ପାଇଁ ବୈଠକ

# ରାଜ୍ୟ ୨୦୩୬ ସୁଦ୍ଧା ୫୦ ପ୍ରତିଶତ ଇଭି ପଞ୍ଜୀକରଣ ଲକ୍ଷ୍ୟ

ଭୁବନେଶ୍ୱର, ୨୫।୬(ସମିସ): ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ମିଳିତ ଭାବରେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତି ୨.୦ ଉପରେ ବିଚାର ବିମର୍ଶ କରିବା ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକ ଆୟୋଜନ କରିଥିଲେ। ଏହି ବୈଠକ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଏବଂ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଏବଂ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ବ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜୀକରଣରେ ଅତି କମରେ ୫୦ପ୍ରତିଶତ ବ୍ୟାଟେରୀ ବୈଦ୍ୟୁତିକ ଯାନ ଲକ୍ଷ୍ୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୧ ମସିହାରେ ୧.୧୬ପ୍ରତିଶତ ଇଭି ପଞ୍ଜୀକରଣ ଠାରୁ ୨୦ ଜୁନ୍ ୨୦୨୫ ସୁଦ୍ଧା ୮.୭୧ ପ୍ରତିଶତ ପର୍ଯ୍ୟନ୍ତ ପଞ୍ଜୀକରଣ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ବର୍ତ୍ତମାନ ୫୫୦ରୁ ଅଧିକ ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ ଅଛି। ଯେଉଁଥିରେ ଦୁଇ ଚକିଆ ଓଇଏମ୍, ଡିସକମ୍ ଏବଂ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ କ୍ୟାପ୍ଟିଭ୍ ଭିତ୍ତିଭୂମି ଅନ୍ତର୍ଭୁକ୍ତ। ରାଜ୍ୟ ପରିବହନ ପ୍ରାଧିକରଣ ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଭି ଚାର୍ଜିଂ ଷ୍ଟେସନ୍ ବିକାଶ ପାଇଁ ପ୍ରସ୍ତାବ ପାଇଁ ଅନୁରୋଧ ଜାରି କରିଛି।

**M/s. L.K. ASSOCIATES, KORAPUT**

BRANCH OFFICE: SHIVA SHAKTI NAGAR, WARD NO.7, GOTMA, KHARIAR ROAD, DIST.-NUAPADA, ODISHA, PIN-766104

**ENGAGEMENT OF MANPOWER FOR 'FOREST RIGHT CELL' UNDER DA-JGUA NEWLY CONSTITUTED FR CELL AT THE OFFICE OF SUB-COLLECTOR, NUAPADA THROUGH OUTSOURCING.**

No. 218 / MSLK / 06 / 2025 / Date: 24.06.2025

In response to this office advertisement No. 215/MSLK/06/2025 Dt. 23.06.2025, the URL address may be read as **www.nuapada.odisha.gov.in** instead of www.nuapada.gov.in (previously known as www.nuapada.nic.in). All other terms & conditions remain unaltered.

Sd/- Director
M/s. L.K.Associates, Koraput

**M/S CARE SECURITY AND ALLIED SERVICES**

PLOT NO B-13, 2ND FLOOR, RUCHIKA MARKET, BARAMUNDA, BHUBANESWAR, ODISHA-751003

**ADVERTISEMENT**

Applications are invited from eligible candidates for engagement of Coordinators & MIS Assistant in Sub-Divisional Level FR Cell under DAJGUJA, at District Welfare Office, Bargarh. For details regarding posts, age, requisite qualification as well as for application form please visit website (https://caresecurityservice.com). Eligible candidates may submit their applications with copies of requisite qualification (self-attested) by Speed Post / Courier / Regd. Post submit application to the above address within 7 (Seven) days from the date of advertisement.

| SL NO | NAME OF THE POSITION | MINIMUM EDUCATION QUALIFICATION | REMUNERATION | NO OF POST |
|---|---|---|---|---|
| 1. | Coordinator (Candidate from the Bargarh District should be preferred) | Graduation with Master's degree will be preferred. Minimum 2-3 years of experience in NGO Social sector project with Govt. Project should be preferred for all positions under the scheme. | 35000.00 | 2 |
| 2. | MIS Assistant (Candidate from the Bargarh District should be preferred) | Graduation and PGDCA Master's degree will be preferred. Minimum 2 years of experience in Data Entry and large scale database management in any reputed Govt./Private agency and MS Office, internet. | 25000.00 | 2 |

**Nature of Engagement:**

- Mode of engagement will be completely contractual and temporary basis. The contract can be terminated by either of the party with one-month prior notice or remuneration in lieu. Initial agreement will be for 01 year.
- Selection will be made on merit basis & computer test.

Sd/- Managing Partner

**ପୌର ପରିଷଦ, କୋରାପୁଟ**
**KORAPUT MUNICIPALITY**

Email : koraputmunicipality2014@gmail.com Mob no : 06852-250629

No. 2273 — Date 18.06.2025

**"e" PROCUREMENT NOTICE.**

Bid Identification No. : KPTMUN-99/2025

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Work
2. No.of works : 75 Nos.
3. Estimated Cost : Rs.3,00,000/- TO Rs.84,42,000/-
4. Period of Completion : 3 (three) calendar months to 6 (six) calendar months
5. Date & time of Bidding : From 11.00 A.M of 25/06/2025 to 5.00 P.M 14/07/2025.
6. Last date & time for receipt of Bids in portal : 14/07/2025 at 5.00 P.M
7. Bids received online shall be opened on : 03.00PM. of Dt.18/07/2025.
8. Name and address of the Officer inviting Bid : Executive Officer, Koraput Municipality

Further details can be seen from the procurement portal. : www.tenderorissa.gov.in

Executive Oficer
Koraput Municipality

OIPR-13074/11/0020/2526 C-593

B-235

E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No.- B-I-Tourism-05/2025 Lr. No. 24430 Dt.21.06.2025

**Invitation for Bids**

**Bid Identification No. C.E. (B) - 14 / 2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works **"Periphery Development of Narayani Temple, Khalikote in Ganjam District"** as detailed below. | | |
| 2. | Nature of work | : | Building work |
| 3. | No. of work | : | 01 No. |
| 4. | Cost of Bid Document | : | ₹10,000/- (Each) |
| 5. | Class of Contractor | : | **'A' / Special Class** |
| 6. | Availability of Bid Documents in the website | : | **From dt.04.07.2025 to 17.00 Hours of dt.19.07.2025** |
| 7. | Date of Opening of Bids | : | **Dt.21.07.2025 at 11:30 A.M.** |
| 8. | The Bidders have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Chief Engineer (Buildings-I),
Odisha, Bhubaneswar

OIPR-34117/11/0111/2526

**UNITY** Small Finance Bank

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**

ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଳିନା, ସାନ୍ତାକ୍ରୁଜ (E), ମୁମ୍ବାଇ – 400 098

**ସାଙ୍କେତିକ ଦଖଲ ନୋଟିସ୍**

**(ସ୍ଥାବର ସମ୍ପତ୍ତି ନିମନ୍ତେ) (ରୁଲ୍ ୮ (୧))**

ନିମ୍ନ ସ୍ୱାକ୍ଷରକାରୀ ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ କୋ-ଆପ୍ଲିକାଣ୍ଟମାନ/ଜାମିନଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ତା.୨୩.୦୬.୨୦୨୫ରିଖରେ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀ/ସହ-ଋଣଗ୍ରହୀ/ଜାମିନଦାରଙ୍କ ନାମ ଏବଂ ଋଣ ଖାତା ନମ୍ବର | ବନ୍ଧକ/ସୁରକ୍ଷିତ ସମ୍ପତ୍ତି(ଗୁଡ଼ିକ)ର ବିବରଣୀ | ଡିମାଣ୍ଡ ନୋଟିସର ତାରିଖ ଏବଂ ବକୟା ରାଶି |
|---|---|---|
| ୧. ଶୁଭଲକ୍ଷ୍ମୀ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା) ୨. ଅଜୟ କୁମାର ମାଝୀ (ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା) ୩. ଜୟନ୍ତୀ ମାଝୀ (ସହ-ଋଣଗ୍ରହୀତା) ଋଣ ଖାତା ନମ୍ବର: USFBBHU-LOAN000005015060 | ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହା ଭଦ୍ରକ ଜିଲ୍ଲା, ତହସିଲ- ତିହିଡି, ମୌଜା- ଗୁରୁଦାସପୁର, ଖାତା ନଂ. ୧୮୩/୯୧, ପ୍ଲଟ ନଂ. ୧୯, ଏରିଆ ଏକର ୦.୪୪ ଡେସିମାଲ ଅର୍ଥାତ୍ ୧୯,୧୬୬.୪ ବର୍ଗଫୁଟ, ସ୍ଥିତି- ସ୍ଥିତିବାନ, ଟି.ଏସ. ନଂ. ୨୪, ପା-ତିହିଡି, ଟି.ଏସ. ନଂ. ୧୫୧, ଭଦ୍ରକ, ଓଡ଼ିଶାରେ ଅବସ୍ଥିତ ଏବଂ ଅଜୟ କୁମାର ମାଝୀ, ପିତା- ଦୁର୍ଯ୍ୟୋଧନ ମାଝୀଙ୍କ ନାମରେ ଅଛି । ଏହାର ଚାରିପାର୍ଶ୍ୱରେ (ମୂଲ୍ୟାଙ୍କନ ରିପୋର୍ଟ ଅନୁସାରେ): ଉତ୍ତର: ସୁକଦେବ ରାଉତ, ଦକ୍ଷିଣ: ରାସ୍ତା ପୂର୍ବ: ଶ୍ରୀଧର ରାଉତ, ପଶ୍ଚିମ: ଝାଖା ପଲାଇ | ଡିମାଣ୍ଡ ନୋଟିସ ତାରିଖ ୦୫.୦୨.୨୦୨୫, ସମୁଦାୟ ରାଶି ଟ.୩୬,୦୬,୬୨୬.୯୨/- (ଛତିଶ ଲକ୍ଷ ଛଅ ହଜାର ଛଅଶହ ଛବିଶ ଟଙ୍କା ଓ ଛୟାନବେ ପଇସା ମାତ୍ର) ତାରିଖ ୦୫.୦୨.୨୦୨୫ ସୁଦ୍ଧା, ଏହା ସହିତ ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଶୁଳ୍କ। |

ସ୍ଥାନ: ଓଡ଼ିଶା, ତାରିଖ: ୨୬.୦୬.୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**FOR SALE**

1 Number of ICV –ASHOK LEYLAND, LS 1510 42 STR BUS / 2023, Registration No.- OD-22-X-9263, Model- 2023, ENGINE NO – PFEZ418243, CHASSIS NO - MB1PAECD9EFL7000, For Details, Contact – 8895995989, 9437355692, Second floor, Plot No-353/2585, Building No- 723/1793, At-Bypass Chhaka, Above Punjab National Bank,Po-Salandi Bypass,Via- Kuansa, BHADRAK-756100, PH. NO- 06784-250703

**FOR SALE**

1 Number of ICV –VE CV EICHER PRO 3015 XP/ 2023, Registration No.- OD-22-X-2193, Model-2023, ENGINE NO– E426CDPA421082, CHASSIS NO - MC2GLMRC0PB220146, For Details, Contact – 94370 94758, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE,756001, PH. NO- 06782-266657

**FOR SALE**

1 Number of TRACTOR–SWARAJ 735 39 HP/ 2024, Registration No.- OD-11-AH-6231, Model-2024, ENGINE NO –CJ1353SGG16972, CHASSIS NO -MBNAK49AHRTG33321, For Details, contact – 8895974772, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ,757001, PH. NO- 06792-253348

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**FOR SALE**

1 Number of CAR–MAHINDRA SCORPIO CLASSIC / 2023, Registration No.- OD-02-CL-7010, Model-2023, ENGINE NO –YSP4H38646, CHASSIS NO - MA1TA2YS2P2H44640, For Details, contact – 8895974772, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ,757001, PH. NO- 06792-253348


**AFFIDAVIT**

By virtue of an affidavit No.7181, Dtd.14.06.2025 sworn before the Executive Magistrate, Balasore, I, Niranjan Das, S/o. Gangadhar Das, At. Tikayatpur, Po. Olipur, Ps. Baisinga, Dist. Mayurbhanj, Odisha-756027, declare that my name has been mentioned in my LIC policy no. 598016122 as Bapi Das (Nick name) instead of Niranjan Das. Henceforth, I shall be known as **Niranjan Das** for all purposes.

**NOTICE**

By virtue of an affidavit sworn before Executive Magistrate, Khordha, dated 06/05/2025. I, Namita Panda, At- Mukundaprasad, Poda Sahi, Po- P.N. College, Ps/Dist- Khordha, Odisha, Pin-752057, Declare that I have changed the name of my son from Subhasis Panda to Subhrajit Panda. Henceforth, he shall be known as **Subhrajit Panda** for all purposes.

Namita Panda

**ନୋଟିସ**

ଢେଙ୍କାନାଳ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶପଥ ଗ୍ରହଣ କରିଥିବା ସତ୍ୟପାଠ ପତ୍ର ସଂଖ୍ୟା-୦୪, ତା-୧୮/୦୬/୨୦୨୫ରିଖ ଅନୁଯାୟୀ ମୁଁ ଶେଖ୍ ମୁନ୍ତାକିମ୍, ପିତା-ଶେଖ୍ ନଇମ୍, ଗ୍ରାମ-ଗଣେଶ ବଜାର, ଥାନା-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳ ଆଧାର କାର୍ଡ ନଂ.-୭୬୩୫ ୦୦୨୪ ୬୪୧୪ରେ ଶେଖ୍ ମୁନ୍ତାକିମ୍ ନାମିତ ଅଛି । କିନ୍ତୁ RORର ଖାତା ନଂ.- ୩୪୧/ ୧୫୭୪, ପ୍ଲଟ୍ ନଂ.-୧୫୪, ୧୫୫, ୧୫୮, ୧୫୯, ୧୭୪, ୨୪୬ରେ ଶେଖ୍ ମୁନ୍ତାକିମ୍ ନାମରେ ନାମିତ ଅଛି । ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ, ଶେଖ୍ ମୁନ୍ତାକିମ୍ ଏବଂ ଶେଖ୍ ମୁନ୍ତାକିମ୍ ଦୁଇଟି ନାମ ଏକ ବ୍ୟକ୍ତିଙ୍କର ଅଟେ ।

(ଶେଖ୍ ମୁନ୍ତାକିମ୍)

**AFFIDAVIT**

"I, Sukanti Jena, W/o Suresh Kumar Jena, of Badaruala, PO-Bangurigaon, PS-Kakatpur, Dist-Puri, PIN-752118, declare by Affidavit No. C.F. No-09 dated 12.06.2025 Executive Magistrate, Kakatpur, that Sukanti Jena @ Ghumri Jena is the same person. Voter ID: OR/07/054/312457. Document issued by Prasanjit Jena."

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, CF No: 02 dated 04/06/2025, I **AMLAN SAHOO**, S/o Jitendra Kumar Sahoo resident of MIG-II-30/5, Housing Board Colony, Chandrasekharpur, Bhubaneswar, Dist- Khordha, Odisha declare that I have changed my name from **OMM** to **AMLAN SAHOO**. That Amlan Sahoo and Omm is one and same person. Henceforth, I shall be known as **AMLAN SAHOO** for all future purposes.

Sd- AMLAN SAHOO

**AFFIDAVIT**

By virtue of an affidavit before Notary Public, Sunabeda, No.2664 dtd.17.06.2025 I, Sri Krushna Gunjia, S/o- Late Dhana Gunjia resident of Vill.- Badapeta, Po.- Hatapeta, Ps.- Nandapur, Dist.- Koraput, Odisha, declare that, I have changed my son's name from **Bhubenesh Gunjia** to **Bhuban Gunjia**. Henceforth he will be known as **Bhuban Gunjia** for all purposes.

**AFFIDAVIT**

By virtue of an affidavit sworn before Notary Public, BHUBANESWAR, dated 24/06/2025, I, VARSHA PRIYADARSHINI GHOSH, Address 578 (P), ANKITA VILLA MALI PADA, KHORDHA ODISHA 751003 declare that I have changed my name from VARSHA to **VARSHA PRIYADARSHINI GHOSH.** Henceforth, I shall be known as **VARSHA PRIYADARSHINI GHOSH** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, CF No: 03 dated 04/06/2025, I **ANWESH SAHOO**, S/o Jitendra Kumar Sahoo resident of MIG-II-30/5, Housing Board Colony, Chandrasekharpur, Bhubaneswar, Dist- Khordha, Odisha declare that I have changed my name from **SOM** to **ANWESH SAHOO**. That Anwesh Sahoo and Som is one and same person. Henceforth, I shall be known as **ANWESH SAHOO** for all future purposes.

Sd- ANWESH SAHOO

**AFFIDAVIT**

By virtue of an Affidavit No 2468, Dt: 05/06/25 sworn before the Executive Magistrate Sundargarh, I, Biswajit Patel, S/o-Purushottam Patel, At/Po- Remanda, PS- Bhasma, Dist- Sundargarh-770019 declare that my minor daughter Dibya Patel changed her name to Stuti Patel, she will be known as **STUTI PATEL** for all purposes.

Biswajit Patel

**AFFIDAVIT**

By virtue of an affidavit No 1730, Dt: 24/06/25 sworn before the Executive Magistrate, Phulbani, I, Rajkumar Kanhar, At/Po- Muselipanga, Po- Gochhapada, Dist.- Kandhamal - 762002 declare that I have changed my minor son's name from ShreemanKanhar to Laxmi Kanta Kanhar. Henceforth he will be known as **Laxmi Kanta Kanhar** for all purposes.

Sd/- Rajkumar Kanhar

**AFFIDAVIT**

I, Mahtab Alam Mohammad, S/o- Sm Basiruddin, resident of Plot No- 75, Meherpalli, Jharpada, Po- Budheswari, Ps-Laxmisagar, Bhubaneswar, Dist- Khurda, PIN- 751006, Odisha declare by this affidavit No. 394, dated- 23/06/2025 that now onwards I shall be known as **MD MAHTAB ALAM** for all future purposes.

**AFFIDAVIT**

I, Mohammad Aftab Alam, S/o- Shaikh Mohammad Basir, resident of Plot No- 75, Meherpalli, Jharpada, Po- Budheswari, Ps- Laxmisagar, Bhubaneswar, Dist- Khurda, Pin- 751006, Odisha declare by this affidavit No- 393, dated- 23/06/2025 that now onwards I shall be known as **MD AFTAB ALAM** for all future purposes

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 25/06/2025. I, **Pravash Kumar Samantaray** (Applicant name), S/o- Pitabash Samantaray, Permanent resident of AT- Neherunagar, Titilagarh, P.O. Titilagarh, P.S. Titilagarh, Dist. Balangir, (Odisha), PIN- 767033 now residing at the same place affirm that I have changed my minor son's name from **Suryaditya Samantaray** (old name) To **Priyansh Samantaray** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Priyansh Samantaray** (new name).

Pravash Kumar Samantaray

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated 25 June 2025, I, Rajendra Kumar Patra, Address- At: Flat No.: A/204, Shree Omm Mansion, Jharpada, Near Bairagi Nagar, Bhubabeswar, PO.: Bhudheswari Colony, P.S.: Laxmisagar, Dist.: Khordha, Odisha, PIN-751006, declared that I have changed the name of my son from P Saniket Patro to Saniket Kumar Patra Henceforth, he shall be known as Saniket Kumar Patra for all purposes.

**AFFIDAVIT**

By Virtue Of an Affidavit no. 668 dtd. 24.6.2025 the Executive Magistrate Gania, I Bijaya Sahoo S/o- Abhimanyu Sahoo At- Sanagaon, Po- Jhillinda, Ps - Narasinghpur, Dist- Cuttack have changed my son's name Ashutosh Sahoo to Ajaya Sahoo. Henceforth He will be know as **Ajaya Sahoo** for all purposes.

S/d- Bijaya Sahoo

**AFFIDAVIT**

By virtue of an affidavit CF No 1851, Dt: 16.07.2025 in the court of the Executive Magistrate, Kotpad, Dist.- Koraput, I, Binita Behera, have changed my name from Gorimani Mohanta to Binita Behera. Henceforth I shall be known as **Binita Behera** for all purposes.

Sd/- Binita Behera

**AFFIDAVIT**

I, Rasmita Patro, W/o- P. Prasanna Kumar Patro, Resident of MIG-156, 1st Floor, Baramunda Housing Board Colony, Bhubaneswar, Dist- Khordha, Pin-751003, Odisha declare by this Affidavit No. 6305, Dated 23.06.2025, that now onwards I shall be known as **RASMITA PRUSTY** for all future purposes.

**AFFIDAVIT**

BY virtue of an Affidavit vide no. 480/25 sworn before the Executive Magistrate Nayagarh, dated 24/02/2025. I, Mrs Padmalaya Mahapatra, W/o- Mr. Kailash Chandra Mohapatra, Village/PO.- Banamalipur, PS.- Fategarh, Dist.- Nayagarh, Odisha- 752077, declare that I have changed my name from **Kalika Mohapatra** to **Padmalaya Mahapatra**. Henceforth, I shall be known as **Padmalaya Mahapatra** for all purposes.

PADMALAYA MAHAPATRA

**AFFIDAVIT**

By virtue of an affidavit sworn before Notary Public, Rairakhol, dated 20th June 2025. I, Hita Sini Seth, D/O- Bhaskar Pandy. Address of Village- Kandhara, PO- Kadaligarh, Ps.- Rairakhol, Dist.- Sambalpur, Odisha, 768106, declare that I have changed the name of my daughter from **Dukhi Seth** to **Manisha Seth**. Henceforth, she shall be known as **MANISHA SETH**, for all purposes.

**AFFIDAVIT**

By virtue of an affidavit sworn before Executive Magistrate, Padampur, Dated 21.6.2025, I Girija Patel, W/O- Suklacharan Patel, Village- Badkunjari, Po./Ps.- Jagadalpur, Dist.- Bargarh, Pin-768036, declare that, I have changed the name of my daughter from **Barsha Patel** to **Sanjukta Patel**. Henceforth she shall be known as **Sanjukta Patel**.

**AFFIDAVIT**

By virtue of an affidavit sworn before Executive Magistrate, Padampur, Dated 24.6.2025, I Tilottama Bhoi, W/O- Surendra Bhoi, Village- Putuka, Po./Ps.- Jagadalpur, Dist.-Bargarh, Pin-768036, declare that, I have changed the name of my daughter from **Kaushlya Bhoi** to **Kausalya Bhoi**. Henceforth she shall be known as **Kausalya Bhoi**.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 24/06/2025. I, **Ujjal Bag** (Applicant name), S/o- Chhatarsai Bag, Permanent resident of AT- Antarla, P.O. Naren, P.S. Titilagarh, Dist. Balangir, (Odisha), PIN- 767066 now residing at the same place affirm that I have changed my minor daughter's name from **Madini Bag** (old name) To **Mohini Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Mohini Bag** (new name).

**UJJAL BAG**

### ଗୋପାଳପୁର ଗଣଦୁଷ୍କର୍ମ ଘଟଣା

# ବିଜେଡିର ଜିଲ୍ଲାବ୍ୟାପୀ ପ୍ରତିବାଦ ଓ ବିକ୍ଷୋଭ









କେନ୍ଦୁଝର,୨୫।୬(ସମିସ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିରେ ଅବନତି ଓ ବଢ଼ୁଥିବା ନାରୀ ନିର୍ଯାତନା ପ୍ରତିବାଦରେ ବିଜୁ ଜନତା ଦଳର ଛାତ୍ର ସଂଗଠନ ପକ୍ଷରୁ ବୁଧବାର ପୂର୍ବାହ୍ନରେ ଧରଣୀଧର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଜିଲ୍ଲାର ପଣ୍ଡାପଡା ଥାନା ଅନ୍ତର୍ଗତ ତେରେଇଲାପଶିରେ ନାବାଳିକା ଛାତ୍ରୀ ସହ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ହେଉ, ଅପରାଧୀଙ୍କ ଚରାଭୂଇଁ ପାଲଟିଛି ଓଡ଼ିଶା। ବିଜେଡିର ବରିଷ୍ଠ ଛାତ୍ରନେତା ତଥା ଧରଣୀଧର ମହାବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦ ସଭାପତି ଅଶିଷ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ଯେ ୨୦୨୪ ପରଠାରୁ ଦୁଷ୍କର୍ମ, ହତ୍ୟା, ସାଇବର ଠକେଇ, ଚୋରି, ରାହାଜାନି, ସଡ଼କ ଦୁର୍ଘଟଣା, ଡକାୟତି ଆଦି ବଢ଼ିଚାଲିଛି। ରାଜ୍ୟରେ ଏକବର୍ଷ ମଧ୍ୟରେ ୨ଲକ୍ଷ ୧୫ହଜାର ୧୧୩ଟି ମାମଲା ଏପରି ଘଟଣାରେ ପଞ୍ଜିକୃତ ହୋଇଥିବା ସେ ପ୍ରକାଶ କରିଛନ୍ତି। ମହିଳାମାନଙ୍କ ବିରୋଧରେ ଘଟିଥିବା ଅପରାଧରେ ମାତ୍ର ୫.୫୭ପ୍ରତିଶତ ଦଣ୍ଡବିଧାନ ହୋଇଥିବା କଥା ଛାତ୍ରନେତାମାନେ ଅଭିଯୋଗ କରିଛନ୍ତି। ବିଜେଡି ଛାତ୍ରନେତାମାନେ ଏନେଇ କଳାବ୍ୟାଜ ପିନ୍ଧି ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏସଆଇ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶ୍ରେଣୀ ବର୍ଜନ କରିଥିଲେ। ଛାତ୍ର ନେତା ମନ୍ମଥ ଘଷା, ସୋମନାଥ ବେହେରା, ଦେବାଶିଷ ନାୟକ, କେକୀ କାକଲି, ଶିବା ମୁଖି, ପ୍ରଶାନ୍ତ ପରିଡା, ଜୟପ୍ରକାଶ ରାଉତ, ଚିନ୍ମୟ ଦାସ, ଆଦର୍ଶ ବାରିକ, ଆକାଶ ବାରିକ, ଏମଡି ଆଜି.ଅରମାନ ହୁସେନ, ବାବି ପଟ୍ଟନାୟକ, ଅଭିଷେକ ରାଉତ, ବାପୁନ ବାରିକ, କୁନାଲ ସାହୁ, ସୌଭାଗ୍ୟ ସାହୁ, ପ୍ରତୀକ ମହାନ୍ତ, ଜଗନ, ରଞ୍ଜନ ପିଙ୍କୁ, ଓମ ପଟ୍ଟନାୟକ, ରାକେଶ ବେହେରା, ହାପି ଖୁଣ୍ଟିଆ, ଦୀପକ ପ୍ରଧାନ, ବିଜୟ ଜିତ, ଆର୍ଯ୍ୟନ, ଜ୍ଞାନ ମହାପାତ୍ର, ପ୍ରମେଶ୍ୱର ବାରିକ, ସଡ଼କ ଏମଡି ସଫିକ. ନାଶିର ତବ୍ରେଜ, ଭାଗିରଥୀ ପ୍ରଧାନ, ବଳିଆ ବାରିକ, ଆଶିଷ ଖୁଣ୍ଟିଆ, ସତ୍ୟଜିତ ମିଶ୍ର, ଶୁଭମ ଘଡେଇ ପ୍ରମୁଖ ସାମିଲ ହୋଇଥିଲେ।

ଆନନ୍ଦପୁର: ଗଣଦୁଷ୍କର୍ମ ଓ ନାବାଳିକା ହତ୍ୟା ଘଟଣାରେ ବିଜୁଛାତ୍ର ଜନତା ଦଳ ପକ୍ଷରୁ ଆନନ୍ଦପୁର ମହାବିଦ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରାଯାଇଛି। ଘଟଣାର ତଦନ୍ତ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆନନ୍ଦପୁର ବିଜୁ ଛାତ୍ର ଜନତା ସଭାପତି ଶୁଭ୍ରଜିତ ରାମଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ଆନନ୍ଦପୁର-ଭଦ୍ରକ ରାସ୍ତା ଅବରୋଧ କରି ରାଜ୍ୟ ସରକାରଙ୍କ ଅପାରଗତାର ପ୍ରତିବାଦ କରିଥିଲେ। ପ୍ରତିବାଦ ସଭାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଜିତୁ ସାମଲ, ବିଜେଡି ନେତା, ରମାକାନ୍ତ ବେହେରା, ରାମଚନ୍ଦ୍ର ପଲେଇଙ୍କ ସହ ବହୁ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ।

ରାମଚନ୍ଦ୍ରପୁର/ବେଲବାହାଳି: ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତାମାନେ ବିଭିନ୍ନ ମହାବିଦ୍ୟାଳୟ ଗେଟ ସମ୍ମୁଖରେ ପ୍ଲାକାର୍ଡ ଧରି ନାରାବାଜି କରିଛନ୍ତି। ଘସିପୁରା ବ୍ଲକର ଛାତ୍ର ଯୁବ ବିଜୁ ଜନତା ଦଳ ପକ୍ଷରୁ ରେକ୍ସୁଆ କୁଶଳେଶ୍ୱର ମହାବିଦ୍ୟାଳୟ ଏବଂ ସାଇଁକୁଳ ପତିତପାବନ ମହାବିଦ୍ୟାଳୟ ଗେଟ୍ ସମ୍ମୁଖରେ ବିଜୁ ଜନତା ଦଳର ସମର୍ଥକ ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ବିରୋଧରେ ଅନୁଷ୍ଠିତ ବିକ୍ଷୋଭରେ ସାମିଲ ହୋଇଥିଲେ।

ହାଟଡ଼ିହି: ବୁଧବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ଆଜି ହାଟଡ଼ିହି କଲେଜ ସମ୍ମୁଖରେ କଳା ବ୍ୟାଜ୍ ଧାରଣ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ବିଧାୟକଙ୍କ ସମେତ ବିଜେଡ଼ି ଜିଲ୍ଲା ଯୁବ ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ବ୍ଲକ ଯୁବ ବିଜେଡ଼ି ସଭାପତି ତଥା ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ପୂର୍ବତନ ରାଜ୍ୟ ଯୁବଛାତ୍ର ସଭାପତି ଅମରେନ୍ଦ୍ର ଧଳ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ବିଜେଡ଼ି ନେତା ବିଶ୍ୱନାଥ ନାୟକ, କାମପାଳ ନାୟକ, ଦିଲ୍ଲୀପ ମଲ୍ଲିକ, କୁଳମଣି ରାଉତ, ଗିରିଶ ସ୍ୱାଇଁ, ନିର୍ମଳ ସେଠୀ, ଅରୁଣ ପ୍ରଧାନ, ପ୍ରଦୀପ ଜେନା, ଅମୀୟ ରଞ୍ଜନ ପହି, ପ୍ରଶାନ୍ତ ନାୟକ, ସମଶା ସରପଞ୍ଚ ଜଗବନ୍ଧୁ କାଣ୍ଡି, ପଞ୍ଚୁଗୋଛିଆ ସରପଞ୍ଚ ଦିନେଶ ସେଠୀ, ବଡ଼ରାଷାସ ସରପଞ୍ଚ ରବିନ୍ଦ୍ର ଜେନା, ସମିତିସଭ୍ୟ ବାବନ ସେଠୀ, ମହେଶ୍ୱର ସାହୁ, ମାନସ ପାତ୍ର, କାହ୍ନୁ ସା, ରବୀନ ପାତ୍ରୀ, ହରିହର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ତୁରୁମୁଙ୍ଗା: ପାଟଣା ମୁଖ୍ୟାଳୟ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ସମ୍ମୁଖରେ ପାଟଣା ନିର୍ବାଚନମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଆନ୍ଦୋଳନ କରାଯାଇଥିଲା। ଜିଲ୍ଲା ଛାତ୍ର ବିଜେଡି ଉପ ସଭାପତି ବିପ୍ଳବ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ପ୍ରମୁଖ ନେତୃତ୍ୱ ନେଇଥିଲେ। ଛାତ୍ର ନେତା ପ୍ରିତମ ଭଞ୍ଜ, ଅଭିଷେକ ମହାନ୍ତ, ସିପୁନ ରଣା, ଆଶୁତୋଷ ଦାଶ, ବିଷ୍ଣୁପ୍ରସାଦ ବାରିକ, ଶ୍ରୀତମ କୁମାର ପଣ୍ଡା, ଦେବାଶିଷ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଅସନପାଟରେ ଭାଙ୍ଗିଲା ଦୁଇ ଘର



ବାଲିବନ୍ଧ, ୨୫।୬(ସମିସ): ଦୁଇ ଦିନ ଧରି ଜୋର ବର୍ଷା ହେବା ଫଳରେ ଝୁମ୍ପୁରା ତହସିଲ ଅଧୀନ ଚଉଠିଆ ଆରଆଇ ସର୍କଲ ଅସନପାଟ ପଞ୍ଚାୟତ ଅସନପାଟ ଗ୍ରାମର ଦୁଇଟି ଘର ଭାଙ୍ଗି ଯାଇଛି। ଚାଳଛପର ଦେଇ ବର୍ଷାପାଣି କାନ୍ଥରେ ପଡ଼ିବା ଫଳରେ ସଂପୂର୍ଣ ଭିଜିବା ସହ ଦୁର୍ବଳ ହୋଇ ଭୁଶୁଡ଼ି ପଡ଼ିଛି। ସେହି ଗ୍ରାମର ନିତ୍ୟାନନ୍ଦ ନାଏକ ଏବଂ କୁନୁ ମହାକୁଡଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଛପରଗୁଡ଼ିକ ନଷ୍ଟ ହୋଇଯାଇଛି। ବର୍ଷା ଆରମ୍ଭରୁ ଘର ଭାଙ୍ଗି ଥିବା ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ତୁରନ୍ତ ଆବାସ ଯୋଜନାରୁ ଘର ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି। ଘର ଭାଙ୍ଗି ଯାଇଥିବା ପରିବାରର ଆସବାବପତ୍ରକୁ ସୁରକ୍ଷିତ ରଖିବା ପାଇଁ ରାଜସ୍ୱ ବିଭାଗ ତରଫରୁ ତୁରନ୍ତ ପଲିଥିନ ଯୋଗାଇ ଦେବା ଦିଗରେ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ସ୍ଥାନୀୟ ତହସିଲଦାର ରୋହିତ ବାଗଙ୍କ ମତାମତ ଲୋଡ଼ିବାରୁ ତୁରନ୍ତ ପଲିଥିନ ଯୋଗାଇ ଦେବା ସହ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସାଇଁକୁଳରେ ଖୋଲିଲା କୃଷି କାର୍ଯ୍ୟାଳୟ

ରାମଚନ୍ଦ୍ରପୁର, ୨୫।୬(ସମିସ): ଘସିପୁରା ବ୍ଲକ ସାଇଁକୁଳଠାରେ ଦୀର୍ଘ ବର୍ଷ ହେବ ବନ୍ଦ ରହିଥିବା କୃଷି କାର୍ଯ୍ୟାଳୟ ଆରମ୍ଭ କରିଛି। ସାଇଁକୁଳ ଅଞ୍ଚଳର ଅନେକ ଚାଷୀ ଏଥିନେଇ ବିଭିନ୍ନ ଫୋରମ୍‌ରେ ପ୍ରତିବାଦ କରି ଆସୁଥିଲେ। କିଛିଦିନ ତଳେ ସାଇଁକୁଳ ଅଞ୍ଚଳର କେତେକ ଚାଷୀ ବ୍ଲକ କୃଷି କାର୍ଯ୍ୟାଳୟରେ ଘେରଉ କରି ଏଥିନେଇ ପ୍ରତିବାଦ ମଧ କରିଥିଲେ। ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟାଳୟ ଖୋଲାଯାଇଛି। ନିୟମିତ ଭାବେ ଖୋଲା ରହିବା ସହ ଜଣେ କୃଷି ଅଧିଦର୍ଶକଙ୍କୁ ଏହାର ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଦୀର୍ଘ ଦିନ ପରେ ସ୍ଥାନୀୟ କୃଷକଙ୍କ ଦାବି ପୂରଣ ହୋଇଥିବାରୁ ସ୍ଥାନିୟ ବୁଦ୍ଧିଜୀବୀ ବ୍ରହ୍ମାନଦ ପଟ୍ଟନାୟକ, ଡା. ସନତ ରଥ, ଅଶୋକ ଘଡେଇ, ସନ୍ତୋଷ ସ୍ୱାଇଁ, ଅର୍ଜୁନ ପରିଡା, ବୈଲୋଚନ ପଣ୍ଡା ସମେତ ଅନେକ ବୁଦ୍ଧିଜୀବୀ ଏହାକୁ ସ୍ୱାଗତ କରିଛନ୍ତି।

## ସରିଲା ଆଞ୍ଚଳିକ ବାଦୀପାଲା ମହୋତ୍ସବ

ରାମଚନ୍ଦ୍ରପୁର,୨୫।୬(ସମିସ): ଆଞ୍ଚଳିକ ପାଲା ସାଂସ୍କୃତିକ ମଞ୍ଚ ଅଳତି ପକ୍ଷରୁ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ବାଦୀପାଲା ମହୋତ୍ସବ ମଙ୍ଗଳବାର ଶେଷ ହୋଇଛି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗାୟକ ଜ୍ଞାନ ଭୂଷଣ, ଡ. ଶିଶିର ପାଢୀ ଏବଂ ଗାୟକ ପୀୟୁଷ ବିଶ୍ୱନାଥ ସ୍ୱାଇଁ ପାଲା ପରିବେଷଣ କରି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଶହଶହ ଦର୍ଶକ ତଥା ଶ୍ରୋତାଙ୍କ ମନ ଜିଣିଥିଲେ। ତିନି ଦିନ ଧରି ଅନୁଷ୍ଠିତ ବାଦୀପାଲା ମହୋତ୍ସବର ଶେଷ ଦିବସରେ ବିଭିନ୍ନ ପାଲାମଞ୍ଚର କର୍ମକର୍ତ୍ତାଙ୍କୁ ଆଞ୍ଚଳିକ ପାଲାମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ସମାଜସେବୀ ଡ. ରତିକାନ୍ତ ବରାଳ, ପ୍ରଶାସନିକ ଅଧିକାରୀ ଡ. କାହ୍ନୁଚରଣ ଧୀର, ସମାଜସେବୀ ମାନସରଂଜନ ନାୟକ ମଞ୍ଚରେ ବିଭିନ୍ନ ଗ୍ରାମରୁ ଆସିଥିବା ପାଲାମଞ୍ଚ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ।

## ତିନିଦିନିଆ ରେଡ୍‌କ୍ରସ ତାଲିମ ଶିବିର




କେନ୍ଦୁଝର, ୨୫।୬(ସମିସ): କେନ୍ଦୁଝର ସଦରମହକୁମାସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ କେନ୍ଦୁଝର ଶିକ୍ଷା ମଣ୍ଡଳାଧୀଶ କାର୍ଯ୍ୟାଳୟ ପକ୍ଷରୁ ତିନିଦିନିଆ ଜିଲ୍ଲାସ୍ତରୀୟ ଅଣତାଲିମପ୍ରାପ୍ତ ଜୁନିଅର ରେଡକ୍ରସ କାଉନସିଲର ତାଲିମ ଶିବିର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ, ଏଡିଇଓ ଶ୍ରୀକାନ୍ତ ବେହେରା, ଏଡିଇଓ ପ୍ରକାଶ ମହାଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ତିନିଦିନିଆ ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୬୦ ଜଣ ଶିକ୍ଷକ ଯୋଗ ଦେଇଛନ୍ତି। ଜେଆରସି କାଉନସିଲର ପ୍ରଶାନ୍ତ ପରିଡା, ବିଷ୍ଣୁପ୍ରିୟା ଓଝା, ପ୍ରିୟଙ୍କା ମହାନ୍ତ, ପ୍ରଦୀପ ବାରିକ, ସୁଶାନ୍ତ ମହାନ୍ତ, ଫକୀର ମହାନ୍ତ ଶିବିର ପରିଚାଳନା କରିଥିଲେ। ବାଳିକା ଉଚ୍ଚବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ଅପରାହ୍ନରେ ଏହି ଶିବିରର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଛି।

## ସମ୍ବର୍ଦ୍ଧିତ ହେଲେ ୮ ଲୋକତନ୍ତ୍ର ସେନାନୀ



ଆନନ୍ଦପୁର, ୨୫।୬ (ସମିସ): ଦେଶରେ ଜରୁରୀ ପରିସ୍ଥିତିକୁ ବିରୋଧ କରି ଜେଲ୍ ଯାଇଥିବା ଲୋକତନ୍ତ୍ର ସେନାନୀଙ୍କୁ କେନ୍ଦୁଝରରେ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦୁଝରର ୮ଜଣ ୧୯୭୫ରେ ଦେଶରେ ଜରୁରୀ ପରିସ୍ଥିତିରେ ଜେଲ୍ ଯାଇଥିଲେ। ଆନନ୍ଦପୁରର କିଛି ଛାତ୍ରନେତା ଏବଂ ଯୁବଗୋଷ୍ଠୀ ରବୀନ୍ଦ୍ର ପ୍ରସାଦ ଚାନ୍ଦ, ଗଦାଧର ମିଶ୍ର, କ୍ଷୀରୋଦ ପ୍ରସାଦ ସ୍ୱାଇଁ, ନଗେନଚନ୍ଦ୍ର ଚାନ୍ଦ, ଦୁର୍ଗାଚରଣ ଦଳେଇ, ସୁରେଶଚନ୍ଦ୍ର ପାଢ଼ୀ, ନିତ୍ୟାନନ୍ଦ ଦାସ, ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ଶହଶହ ଛାତ୍ରଛାତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଡମ୍ଫର ପଛରେ ପିଟିଲା ବସ୍

## ଚାଳକ ଗୁରୁତର, ବର୍ତ୍ତିଗଲେ ଯାତ୍ରୀ



ରାମଚନ୍ଦ୍ରପୁର/ବେଲବାହାଳି,୨୫।୬(ସମିସ): ୨୦ନଂ ଜାତୀୟ ରାଜପଥର କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ହସନପୁର ଟୋଲପ୍ଲାଜା ନିକଟରେ ମଙ୍ଗଳବାର ମଧ୍ୟ ରାତ୍ରରେ ଏକ ଦୂରଗାମୀ ଆନ୍ତ୍ୟରାଜ୍ୟ ଦୂରଗାମୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଖାପାଖି ୫୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲା ବେଳେ ବସର ଚାଳକ ଗୁରୁତର ଆହତ ହୋଇ ଆନନ୍ଦପୁର ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ କୋଲକତାରୁ ଭାୟା ଯାଜପୁର-କେନ୍ଦୁଝର ରାସ୍ତା ଦେଇ ପୁନେ ଯିବା ବାଟରେ ଏମପି ୦୯ ଜେଡ୍ ଜେଡ୍ ୯୯୪୪ ନମ୍ବର ଥିବା ଭଲବୋ ଯାତ୍ରୀବାହୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ରାମଚନ୍ଦ୍ରପୁର ଥାନା ଓ ସାଇଁକୁଳ ଫାଣ୍ଡି ପୁଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। କିଛି ସାମାନ୍ୟ ଆହତ ଯାତ୍ରୀଙ୍କୁ ପୁଲିସ ଭ୍ୟାନରେ ନିଆଯାଇ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଗୁରୁତର ଆହତ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ। ସୂଚନାଯୋଗ୍ୟ, ଉକ୍ତ ଟୋଲପ୍ଲାଜା ନିକଟରେ ଥିବା ହମ୍ପସରେ କୌଣସି ସୂଚନା ଫଳକ ନଥିବାରୁ ରାତ୍ର ସମୟରେ ଆଗ ଗାଡ଼ିଟି ବ୍ରେକ ମାରିବାରୁ ଏପରି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାସ୍ଥଳରୁ ହାଇୱା ଖସିଯାଇଛି। ଘସିପୁରା ତହସିଲଦାର ଅଭୟ ସ୍ୱାଇଁ, ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ ଏବଂ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ଉଦ୍ଧାର କାର୍ଯ୍ୟ ସମୟରେ ଉପସ୍ଥିତ ରହି ତଦାରଖ କରିଛନ୍ତି।

## କିଡ୍‌ନୀ ରୋଗରେ ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ



ହାଟଡ଼ିହୀ, ୨୫।୬(ସମିସ): କିଡନୀ ରୋଗରେ ପ୍ରାଣ ହରାଇଲେ ଛେନାପଦି ଛକର ରୀତାଞ୍ଜଳି ଦାଶ। ମୃତ୍ୟୁ ବେଳକୁ ତାଙ୍କୁ ୩୩ ବର୍ଷ ବୟସ ହୋଇଥିଲା। ସେ ହାଟଡ଼ିହୀ ବ୍ଲକ ପୋଡ଼ାସିଙ୍ଗିଡି ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଦୁଇଟି ଯାକ କିଡନୀ ନଷ୍ଟ ହୋଇଥିବାରୁ ଗତ ଶନିବାର ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମା' କିଡନୀ ଦେବାର ମଧ ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ସୋମବାର ପରିବାର ଲୋକଙ୍କ ସହ ଭିଡିଓ କଲିଙ୍ଗ ମାଧ୍ୟମରେ କଥା ହେବା ପରେ ରୀତାଞ୍ଜଳି ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି। ତାଙ୍କର ଏକ ୭ ବର୍ଷର ଶିଶୁପୁତ୍ର ଅଛି। ତାଙ୍କ ବିୟୋଗରେ ପରିବାର ବନ୍ଧୁବାନ୍ଧବଙ୍କ ସହ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅଜଗର ସାପ ଉଦ୍ଧାର

ହାଟଡ଼ିହୀ,୨୫।୬(ସମିସ): ହାଟଡ଼ିହୀ ବ୍ଲକ ବାଲିବରେଇ ଗ୍ରାମ ୬ନଂ ୱାର୍ଡସ୍ଥିତ ନିତ୍ୟାନନ୍ଦ ଚକ୍ରଙ୍କ ବାଡ଼ିରୁ ବୁଧବାର ପୂର୍ବାହ୍ନରେ ପ୍ରାୟ ୬ଫୁଟ ଲମ୍ବା ଏକ ଅଜଗର ସାପ ଉଦ୍ଧାର ହୋଇଛି। ସାପଟିକୁ ଦେଖି ନିତ୍ୟାନନ୍ଦଙ୍କ ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲା ବେଳେ ଗ୍ରାମର ପଦ୍ମନାଭ ପରିଡ଼ା, କାର୍ତ୍ତିକେଶ୍ୱର ସାମଲ ମିଶି ସାପଟିକୁ ଧରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି।

## ଚୋରା ମଦ ବିକି ୨ ଗିରଫ

ତୁରୁମୁଙ୍ଗା, ୨୫।୬(ସମିସ): ତୁରୁମୁଙ୍ଗା ପୁଲିସ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଅଭିଯୋଗରେ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରାଜନଗର ଗ୍ରାମର ସୁନୀଲ ମୁଣ୍ଡା (୨୫) ଏବଂ ଡେଣୁଆଁ ଗ୍ରାମର ଲକ୍ଷ୍ମୀଧର ସାହୁ (୪୮)। ସୁନିଲଠାରୁ ୧୦ ଲିଟର ମହୁଲି ମଦ ସହ ଲକ୍ଷ୍ମୀଧରଙ୍କ କିଆପଡା ଦୋକାନରୁ ବିଦେଶୀ ମଦ ଜବତ କରାଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହେବା ସହ ଏଏସଆଇ ଦେବେନ୍ଦ୍ର ମୁର୍ମୁ, ସୁଜାତା ମହାନ୍ତ ତଦନ୍ତ କରୁଛନ୍ତି।

## ଓଏଭି କୃତୀ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ତେଲକୋଇ, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକସ୍ଥିତ ଓରିଆଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷା ବର୍ଷ ସିବିଏସି ଦଶମ ଓ ଦ୍ୱାଦଶ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ପରିଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଦଶମ ଶ୍ରେଣୀର ଛାତ୍ରୀ ଅନିତା ମହାନ୍ତ ୯୫. ୨% ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ୯୫. ୨% ଚନ୍ଦନ ମିଶ୍ର ୯୩. ୮% ଜ୍ୟୋତିରୂପା ପ୍ରଧାନ ୯୩. ୬% କ୍ରାନ୍ତିମୟୀ ପାତ୍ର ୯୩.୨% ତେଜମାୟୀ ପ୍ରଧାନ ୯୨.୬%, ନର୍ମଦା ମହାନ୍ତ ୯୧.୮% ଶ୍ରୁତିପର୍ଣ୍ଣା ସାହୁ ୯୧.୪%, ସଂଗ୍ରାମ ପଟ୍ଟନାୟକ ୯୦.୬% ସେହିପରି ଦ୍ୱାଦଶରେ ରେନି ସାହୁ ୮୯.୨% ଅନନ୍ୟା ଅନ୍ୱେଷା ସାହୁ ୮୮. ୨% ଗୀତିସ୍ମିତା ସାହୁ ୮୪. ୬% ନମ୍ବର ରଖିଛନ୍ତି। ଶିକ୍ଷକ ସୁଦର୍ଶନ ଲାକ୍ରା ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟାନ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବାଇପାସ୍ ପାଇଁ ମିଳିତ ଆନ୍ତରାଜ୍ୟ ନିରୀକ୍ଷଣ



ଚମ୍ପୁଆ, ୨୫।୬(ସମିସ): ଚମ୍ପୁଆବାସୀଙ୍କ ଦୀର୍ଘ ଦିନର ବାଇପାସ ରାସ୍ତା ନିର୍ମାଣ ଦାବି ପୂରଣ ପାଇଁ ଆଶା ଉଜ୍ଜ୍ୱଳ ହୋଇଛି। ରିମୁଳିରୁ ଚମ୍ପୁଆ ଦେଇ ଝାଡ଼ଖଣ୍ଡ ଯାଇଥିବା ଜାତୀୟ ରାଜପଥ ନମ୍ବର ୨୦ରେ ଭାରୀ ଯାନ ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣାକୁ ଏଡାଇବା ପାଇଁ ବୁଧବାର ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏକ ଆନ୍ତରାଜ୍ୟ ନିରୀକ୍ଷଣ ଦଳ ସରଜମିନ ସର୍ଭେ କରିଛନ୍ତି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଉପସ୍ଥିତିରେ ଝାଡଖଣ୍ଡ ରାଜ୍ୟ ସହକାରୀ ଯନ୍ତ୍ରୀ ଦିନେଶ କୁମାର ରାମ, ଯନ୍ତ୍ରୀ ସୁବୋଧ କୁମାରଙ୍କ ସହିତ ଓଡିଶା ଜାତୀୟ ରାଜପଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସନ୍ନ ସେଠୀ, ଯନ୍ତ୍ରୀ ରଜନିକାନ୍ତ ମୁନା, ସହକାରୀ ଯନ୍ତ୍ରୀ ପ୍ରହଲାଦ ମୁଣ୍ଡା ପ୍ରମୁଖ ମିଳିତ ଭାବେ ବାଇପାସ ରାସ୍ତାକୁ ନେଇ ସର୍ଭେ କରିବା ସହିତ କେଉଁଠୁ ଓ କିପରି ଏହି ଜାତୀୟ ରାଜପଥ ବାଇପାସ କାମ କରାଯାଇପାରିବ ତଦାରଖ କରି ଫେରିଛନ୍ତି।

## ଖଣି-ପୁଲିସ ବିଭାଗର ଚଢ଼ଉ; ୯ ଅଟକ



ଯୋଡ଼ା, ୨୫।୬(ସମିସ): ଯୋଡ଼ା ଖଣି ମଣ୍ଡଳରେ ଖଣି ମାଫିଆଙ୍କ ଦୌରାମ୍ୟ ଥମୁନି। ତେବେ, ଖଣି ଓ ଯୋଡ଼ା ପୁଲିସର ମିଳିତ ଚଢ଼ଉରେ ହୁଡ଼ିସାହି ଅଞ୍ଚଳରୁ ୯ ଜଣ ମହିଳା ପୁରୁଷଙ୍କୁ ଗିରଫ କରାଯାଇଛି। ନିକଟରେ ଥିବା ଏକ ଖଣିରୁ ମୂଲ୍ୟବାନ ମାଙ୍ଗାନିଜ ପଥର ଖଣି ଖୋଳି ବସ୍ତାରେ ଭରୁଥିବା ବେଳେ ସମସ୍ତଙ୍କୁ କାବୁ କରାଯାଇଥିଲା। ଏନେଇ ମାମଲା ରୁଜୁକରି ନୋଟିସ ଦେଇ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଏହି ଘଟଣା ପଛରେ ରହିଥିବା ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ପ୍ରୟାସ ଚଳାଇଥିବା ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଥାଉ କି, ସରକାର ଖଣିଜ ଚୋରି ରୋକିବାକୁ ବିଭିନ୍ନ ପ୍ରକାର ନୂତନ ଯାନ୍ତ୍ରିକ ପଦ୍ଧତି ଅବଲମ୍ବନ କରୁଥିବା ବେଳେ ଖଣି ମାଫିଆମାନେ ମଧ ଖଣିଜ ଚୋରିରେ ନୂଆ ନୀତି ଅବଲମ୍ବନ କରୁଛନ୍ତି। ଖଣି ଅଞ୍ଚଳରେ କାମ ଧନ୍ଦା ପାଉ ନ ଥିବା ନିରୀହ ଲୋକଙ୍କ ଗରିବୀ ଓ ଅସହାୟତା ପାଇଁ ଖଣିଜ ଚୋରି କାର୍ଯ୍ୟ ବଢୁଥିବା ଅଭିଯୋଗ ହୋଇଆସୁଛି।

### ଖୋଲିଲା କେନ୍ଦ୍ରୀୟ ବିଦ୍ୟାଳୟ

## ପ୍ରଥମ ଅଧ୍ୟକ୍ଷ ହର୍ମନ ଛୁରିଆ, ଶିକ୍ଷକ ସଚିନ କୁମାର ନିଯୁକ୍ତ



ଚମ୍ପୁଆ,୨୫।୬(ସମିସ): ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଚମ୍ପୁଆରେ ଖୋଲିଛି। ଗତ ୨୪ ତାରିଖ ଏହି ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଜି କେନ୍ଦ୍ରୀୟ ବିଦ୍ୟାଳୟର ଏକ ଦଳ ଚମ୍ପୁଆ ଗସ୍ତ କରି ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରିଥିବାବେଳେ ଏହି ବିଦ୍ୟାଳୟ ଖୋଲିଥିବା ନେଇ ସୂଚନା ପ୍ରଦାନ କରିଥିଲେ। ଏଠାରେ ପ୍ରଥମ ଅଧ୍ୟକ୍ଷ ଭାବେ ହର୍ମନ ଛୁରିଆ ଓ ପ୍ରଥମ ଶିକ୍ଷକ ଭାବେ ସଚିନ କୁମାରଙ୍କୁ ନିଯୁକ୍ତି ଦିଆଯାଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ତହସିଲଦାର ସଜତ ମାର୍କେ, ସହକାରୀ ଜିଲାପାଳ ଫୁରର୍ଲାଇ ବେସ୍ରା ଏବଂ ସ୍ଥାନୀୟ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ସହିତ ବିଭିନ୍ନ ସଙ୍ଗଠନର ସଦସ୍ୟଙ୍କ ଉପସ୍ଥିତିରେ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟ ତଥା ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଅନୁଷ୍ଠିତ ଏକ ସଭାରେ ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ ଏହି ଘୋଷଣା କରିଥିଲେ। ଆସନ୍ତା ୧ ତାରିଖରୁ ଆବେଦନପତ୍ର ମିଳିବାକୁ ଥିବା ବେଳେ ୩୦ ତାରିଖରୁ ନାମ ଲେଖା ଓ ଅଗଷ୍ଟ ୧ତାରିଖରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ଜଣ ଶିକ୍ଷକଙ୍କ ଦ୍ୱାରା ପାଠପଢା ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ।

# ଅମଲାଙ୍କ ଆନ୍ଦୋଳନ ଡକରା; ଜୁଲାଇ ୭ରୁ ତେଜିବ

କେନ୍ଦୁଝର/ଆନନ୍ଦପୁର, ୨୫।୬(ସମିସ)




ଓଡ଼ିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ଆସନ୍ତା ୭ ତାରିଖରୁ ଆନ୍ଦୋଳନ କରିବେ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି। ଏହା ବିଫଳ ହୋଇଥିବା ଦୃଷ୍ଟିରୁ ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବିଗୁଡିକ ପୂରଣ ନ କରନ୍ତି ତାହେଲେ, ସଂଘ ଆଗାମୀ ଜୁଲାଇ ୭ ତାରିଖଠାରୁ ଜୁଲାଇ ୧୧ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବ। ଜୁଲାଇ ୧୪ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ଚରମ ପତ୍ର ପ୍ରଦାନ କରାଯାଇଛି। ବୁଧବାର ଦାବିପତ୍ର ପ୍ରଦାନ ସମୟରେ ରାଜସ୍ୱ ଆମଲା ସଙ୍ଘର କେନ୍ଦୁଝର ଜିଲ୍ଲା ଶାଖା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ପ୍ରଭାତେନ୍ଦୁ ନାଏକ, କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ରଣା, ଭୁବନେଶ୍ୱର ମହାପାତ୍ର, ଉପଦେଷ୍ଟା ରାଧାରମଣ ଚକ୍ର, ମାଧବଚନ୍ଦ୍ର ସେଠୀ ଏବଂ ସଂଘର ମିଡିଆ ସଂଯୋଜକ ପୀତବାସ ମହାନ୍ତଙ୍କ ସମେତ ଶତାଧିକ ରାଜସ୍ୱ ଅମଲା କର୍ମଚାରୀ ଉପସ୍ଥିତ ଥିଲେ।

ସେହିପରି ଏକ ଦାବିପତ୍ର ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରାଙ୍ଗ ଜେନାଙ୍କ ନେତୃତ୍ୱରେ ୧୦ ଦଫା ସମ୍ବଳିତ ଦାବି ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ଘଷିପୁରା ତହସିଲର ସମସ୍ତ ରାଜସ୍ୱ ଅମଲା ତହସିଲଦାର ଅଭୟ ସ୍ୱାଇଁଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ପଦ୍ମାଳୟା ସ୍ୱାଇଁ, ସୁବ୍ରତ ପଟ୍ଟନାୟକ, ପ୍ରସନ୍ନ ରାମ, କ୍ଷୀରୋଦ ରାଉତ, ଶୁଭେନ୍ଦୁ ସାହୁ, ରମେଶ ସାହୁ, ଶୁଭସ୍ମିତା ଜେନା, ଅଶୋକ ଷେଣ୍ଠେ, ଅଞ୍ଜଳି ସାହୁ, ମାନସ ଦାସ, ଅମିୟ ସାହୁ, ଭାଗ୍ୟଶ୍ରୀ ସେଠୀ, ଜଳି ଜେନା ପ୍ରମୁଖଙ୍କ ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ।

# ହରିଡ଼ାପାଳକୁ ନାହିଁ ସ୍ଥାୟୀ ରାସ୍ତା; ବର୍ଷାଦିନେ ପଚପଚ



ବେଲବାହାଲି, ୨୫।୬(ସମିସ): ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଞ୍ଚାୟତର ହରିଡ଼ାପାଳ ଗାଁ ବିକାଶଠାରୁ ବହୁ ଦୂରରେ। ଏହି ଗାଁ ପଞ୍ଚାୟତର ମୁଖ୍ୟ ଗାଁ ହୋଇଥିଲେ ମଧ୍ୟ ଗାଁରେ ଭଲ ରାସ୍ତା ଖଣ୍ଡିଏ ନଥିବାରୁ ଅସରାଏ ବର୍ଷା ହେଲେ ଗାଁ ରାସ୍ତା ପୁରା କାଦୁଅ ପଚପଚ ହେଉଛି। ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଗୁହାରି ପରେ ବି ସମସ୍ୟାର ସମାଧାନ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାୟ ୬୫ ପରିବାରରେ ୫ ଶହରୁ ଅଧିକ ଲୋକ ରହୁଥିବା ଏହି ଗାଁ ଭିତର କଂକ୍ରିଟ ରାସ୍ତା ନଷ୍ଟ ହୋଇଯାଇଛି। ରାସ୍ତାଟି ପଞ୍ଚାୟତର ମୁଖ୍ୟରାସ୍ତା ହୋଇଥିବାରୁ ଯିବାଆସିବା ପାଇଁ ପଞ୍ଚାୟତବାସୀ ମଧ୍ୟ ସମସ୍ୟା ଭୋଗୁଛନ୍ତି। ପୂର୍ବରୁ ଉକ୍ତ ରାସ୍ତାଟିର ନିର୍ମାଣ କାର୍ଯ୍ୟ ପାଇଁ ପଞ୍ଚାୟତକୁ କାମ ଆସିଥିଲା। କିନ୍ତୁ କିଛି ମୁଷ୍ଟିମେୟ ଲୋକ ଏହି ରାସ୍ତାଟିରେ କେବଳ ମାଟି ପକାଇ କାମ ସରିଗଲା ବୋଲି କହି ବିଲ ହାତେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହି ସମୟରୁ ଏହି ରାସ୍ତାରେ ଅସରାଏ ବର୍ଷା ହେଲେ ଏହି ରାସ୍ତାଦେଇ ଛାତ୍ରଛାତ୍ରୀ ସ୍କୁଲ କଲେଜକୁ ଯିବାଆସିବାର ନାନା ସମସ୍ୟା ଭୋଗୁଛନ୍ତି। ଅନ୍ୟପଟେ ଡ୍ରେନ ସୁବିଧା ନ ଥିବାରୁ ସମସ୍ୟା ଦୁଇଗୁଣିତ ହୋଇପଡୁଛି। ସେହିପରି ଉକ୍ତ ଗ୍ରାମରେ ପାନୀୟଜଳଠାରୁ ଆରମ୍ଭ କରି ପଞ୍ଚାୟତ ପକ୍ଷରୁ ଆସିଥିବା ଲାଇଟ ନିମ୍ନମାନର ହୋଇଥିବାରୁ ଦୀର୍ଘ ଦିନ ହେବ ଅଚଳ ହୋଇପଡିଛି। ସନ୍ଧ୍ୟା ହେଲେ ଗ୍ରାମବାସୀଙ୍କ ଚଳିବା ବହୁ କଷ୍ଟକର ହୋଇପଡୁଛି। ଏନେଇ ଅଭିଯୋଗ କରିଥିଲେ ମଧ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଗାଁ ଉପରେ ପଡୁ ନଥିବା ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ କାମ କରିବାକୁ ଗ୍ରାମର ଭାଗବତ ଜେନା, ସୁନୀଲ ବଳ, ବିଦ୍ୟାଧର ଜେନା, ଜଳଧର ଜେନା, ମଙ୍ଗୁଳି ଜେନା, ପ୍ରତୀକ ଜେନା, ଇନ୍ଦ୍ରମଣି ଜେନା, ଅଶୋକ ଜେନାଙ୍କ ସମେତ ପୂର୍ବତନ ନାଏବ ସରପଞ୍ଚ ପ୍ରମୋଦ ଜେନା ପ୍ରମୁଖ ଦାବି କରିଛନ୍ତି।

## ପଡ଼ିନି ମୁଠାଏ ମାଟି; ଡିମିରିଆ ଗ୍ରାମ୍ୟ ରାସ୍ତା କର୍ଦ୍ଦମାକ୍ତ



ତେଲକୋଇ, ୨୫।୬(ସମିସ): ତେଲକୋଇ ବ୍ଲକ ସଲେଇ କେନା ପଞ୍ଚାୟତ ଡିମିରିଆ ଗ୍ରାମର ଗାଁ ଭିତର ରାସ୍ତା ବର୍ଷା ଯୋଗୁଁ ଶୋଚନୀୟ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ସଡ଼କରୁ ପ୍ରଧାନସାହି ଦେଇ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା କାଦୁଅ ଓ ଖାଲଖମାରେ ପରିପୂର୍ଣ୍ଣ ରହିଛି। ଫଳରେ ରାସ୍ତା ମଝିରେ ପୋଖରୀର ଭ୍ରମ ସୃଷ୍ଟି ହେଉଛି। କୋମଳମତି ଛାତ୍ରଛାତ୍ରୀ ସମେତ ବାସିନ୍ଦା ଏହି ରାସ୍ତାରେ ଅତି ଦୟନୀୟ ଅବସ୍ଥାରେ ଯା'ଆସ କରୁଛନ୍ତି। ଗ୍ରାମବାସୀ ଯେତେ ଅଭିଯୋଗ କଲେ ସୁଦ୍ଧା ସରକାରୀ ଅନୁଦାନରୁ କେବେ ମାଟି ମୁଠାଏ ପଡୁନାହିଁ। ସ୍ଥାନୀୟ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ସଭିଙ୍କୁ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା ରାସ୍ତା ଉନ୍ନତି କରଣ ହୋଇ ପାରୁନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକେ ସେମାନଙ୍କ ପ୍ରତି ଆସ୍ଥା ହରାଉଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ, ମନରେଗା ଯୋଜନାରେ ଉକ୍ତ ରାସ୍ତା ଉନ୍ନତିକରଣ ପାଇଁ ଗ୍ରାମବାସୀ ଦୀର୍ଘ ବର୍ଷ ହେବ ଦାବି କରି ଆସୁଥିବା ବେଳେ ସ୍ଥାନୀୟ ବିଡିଓ ଏଥି ପ୍ରତି ଧ୍ୟାନ ଦେଉ ନଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ସ୍ତରରେ ବ୍ୟାପକ ଅନିୟମିତତା ହେତୁ ତେଲକୋଇ ବ୍ଲକରେ ମନରେଗା ଯୋଜନା ଆଣ୍ଠେଇଥିବା ଅଭିଯୋଗ ହୋଇଛି।

### କଫି ବିକାଶ ଟ୍ରଷ୍ଟର ବୈଠକ

# ବାଂଶପାଳ ବ୍ଲକ୍‌ରେ ରୋପଣ ହେବ କଫି ଚାରା

କେନ୍ଦୁଝର, ୨୫।୬ (ସମିସ):



କେନ୍ଦୁଝର ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲ୍‌ରେ କଫି ବିକାଶ ଟ୍ରଷ୍ଟ(ସିବିଟି) ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାୟୀ ଜୀବିକା ପାଇଁ କଫି ବୃକ୍ଷରୋପଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ବାଂଶପାଳ ବ୍ଲକରେ ୮୦୦ ହେକ୍ଟର ଜମିରେ ଛାଇ ବୃକ୍ଷରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବାଂଶପାଳ ବ୍ଲକରେ ୫୦୦ହେକ୍ଟର ଜମିରେ ଛାଇ ବୃକ୍ଷରୋପଣ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଛାଇ ବୃକ୍ଷରୋପଣ ଅଂଚଳରେ ୩୦ ହେକ୍ଟର କଫି ବୃକ୍ଷରୋପଣ କରାଯାଇଛି। ଏଥିମଧ୍ୟରୁ ଗତ ବର୍ଷ ବାଂଶପାଳ ବ୍ଲକର ମେଦିନପୁର ଗ୍ରାମରେ ୧୦ହେକ୍ଟର କଫି ଚାରା ଲଗାଯାଇଛି। ଚଳିତ ବର୍ଷ କୁଆଁର, ତରମାକାନ୍ତ ଏବଂ ଗୋନାସିକାରେ ୩୦ ହେକ୍ଟରରେ କଫି ଚାରା ଲଗାଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ବାଂଶପାଳ ବ୍ଲକର ଗୋନାସିକା, ତରମାକାନ୍ତ, ଶୁଆକାଟୀ, କଲଣ୍ଡା ଗ୍ରାମରେ ନର୍ସରୀ କରାଯାଇ

**ସ୍ଥାନୀୟ ଅଧିବାସୀଙ୍କୁ ମିଳିବ ସ୍ଥାୟୀ ନିଯୋଜନ**

ସିଲଭର ଓକ୍ ଏବଂ କୋରାପୁଟର କଫି ବୋର୍ଡଠାରୁ ମଞ୍ଜି ଆଣି କଫି ବୃକ୍ଷରୋପଣ ପାଇଁ ଚାରାରୋପଣ କରାଯାଉଛି। ଯେଉଁ ସ୍ଥାନରେ ଛାଇ ଏବଂ କଫି ଚାରା ରୋପଣ କରାଯିବ ସେହି ସ୍ଥାନରେ ବର୍ଷା ପୂର୍ବରୁ ସଫେଇ କାର୍ଯ୍ୟ ଶେଷ କରାଯାଇଛି। କେନ୍ଦୁଝର ଜିଲ୍ଲାର ବାଂଶପାଳର ପାହାଡିଆ ଅଞ୍ଚଳ ସମୁଦ୍ର ପଉନଠାରୁ ୬୦୦ମିଟର ଉଚ୍ଚତାରେ ଥିବାରୁ କଫି ଚାଷ ପାଇଁ ଅନୁକୂଳ। ଏହି ବ୍ଲକରେ ଆଗକୁ ଅଧିକ ଅଞ୍ଚଳରେ କଫି ଚାଷ କରିବା ଉପରେ ବିଚାର କରାଯାଉଛି। ଉର୍ବର ମାଟି ଏବଂ ଥଣ୍ଡା ଜଳବାୟୁ କଫି ଚାଷକୁ ସୁହାଉଛି। ୫ବର୍ଷରେ ଉତ୍ପାଦନ ୧୦ଗୁଣା ବଢାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୋରାପୁଟ କଫି ବୋର୍ଡର ବୈଜ୍ଞାନିକମାନଙ୍କ ପରାମର୍ଶ ଅନୁସାରେ ରକ୍ଷଣାବେକ୍ଷଣ କରାଯାଉଛି। କଫି ଚାରା ଉପରେ ସିଧାସଳଖ ସୂର୍ଯ୍ୟକିରଣ ନ ପଡିବା ପାଇଁ ଛାଇ ଗଛ ସିଲଭର ଓକ୍ ଜୁନ ମାସ ମଧ୍ୟରେ ଲଗାଇବାକୁ ଜିଲ୍ଲାପାଳ ବିଶାଲ ସିଂହ ନିର୍ଦ୍ଦେଶ ଦେଇଥିଲେ। ହେକ୍ଟର ପିଛା ୨୦୦୦ସିଲଭର ଓକ୍, ୨୦୦ଆମ୍ବ ଏବଂ ଜାମୁକୋଳି ଗଛ ଲଗାଯାଉଛି। ଏହି ଗଛ ଗୁଡିକ ବଡ ହେବା ପରେ ୩ବର୍ଷ ପରେ ଏହି ଗଛ ନିକଟରେ କଫି ଚାରା ଲଗାଯିବ ବୋଲି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି କହିଛନ୍ତି। କଫି ମିଶନ ଅଧୀନରେ କଫି ଚାଷ ଯୋଗୁଁ ବାଂଶପାଳ ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳର ବହୁ ଲୋକ ସ୍ଥାୟୀ କର୍ମ ନିଯୁକ୍ତି ପାଇଛନ୍ତି।

କଫି ବିକାଶ ଟ୍ରଷ୍ଟ(ସିବିଟି)ବୋର୍ଡ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ, ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦଚନ୍ଦ୍ର ମେହେର, ବ୍ଲକ କୃଷି ଅଧିକାରୀ ପ୍ରବୋଧ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକଙ୍କୁ ହତ୍ୟା ଅଭିଯୋଗ ଆଣିଲେ ପରିବାର

ବାରିପଦା, ୨୫।୬(ସମିସ): ଗତ୪ଦିନ ତଳେ ଶରତ ପୁଲିସ ନାଳରୁ ଉଦ୍ଧାର କରିଥିବା ଅପରିଚିତ ମୃତଦେହର ପରିଚୟ ମିଳିଛି। ମୃତକଙ୍କ ପରିବାର ଖୁଣ୍ଟା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ମୃତକ ଜଣଙ୍କ ହେଲେ ଖୁଣ୍ଟା ଥାନା ଡୁକୁରା ଗ୍ରାମର ଗୌରାଙ୍ଗ ପାତ୍ର(୪୩)। ଖବରକାଗଜରେ ପ୍ରକାଶିତ ଖବରକୁ ଆଧାର କରି ପରିବାରବର୍ଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷିତ ଥିବା ଶବଗୃହରେ ଗୌରାଙ୍ଗ ପିନ୍ଧିଥିବା ଖଡୁ ଓ ମୁଦିକୁ ଚିହ୍ନି ମୃତଦେହ ଚିହ୍ନଟ କରିଥିଲେ। ଗୌରାଙ୍ଗଙ୍କୁ ତାଙ୍କ ଗ୍ରାମ ଡୁକୁରା ତଳସାହିର ଜଣେ ବ୍ୟକ୍ତି ଶରତ ଅଞ୍ଚଳରେ କାମ କରାଇବାକୁ ନେଇଥିଲେ। ତେବେ ତାଙ୍କର ଖୋଜଖବର ନପାଇ ପତ୍ନୀ ସୁମତି ଓ ପୁଅ ସତ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ ତାଙ୍କର ଉତ୍ତର ସନ୍ଦେହ ଜନକ ଥିଲା।

## ସୋନ ବନ୍ଧରେ ଜଳସ୍ତର ବୃଦ୍ଧି; ଖୋଲିଲା ଗେଟ୍

କପ୍ତିପଦା,୨୫।୬(ସମିସ): କପ୍ତିପଦା ବ୍ଲକ ଅଧୀନରେ ଥିବା ସୋନ ବନ୍ଧରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଉପରମୁଣ୍ଡରେ ଅଧିକ ବର୍ଷା ହେବା ଯୋଗୁଁ ବନ୍ଧର ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ବନ୍ଧରେ ୭୨ ପ୍ରତିଶତ ଜଳ ଅଛି। ଆସନ୍ତା ଜୁଲାଇ ମାସରେ ବନ୍ଧରେ ଯେତେ ଜଳ ଜମା ରହିବା କଥା ତା ଠାରୁ ଅଧିକ ଥିବାରୁ ତଥା ଆଗକୁ ବର୍ଷା ହେଲେ ଜଳସ୍ତର ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ୬୦ ପ୍ରତିଶତ ଜଳ ଜମା ରଖି ଅବଶିଷ୍ଟ ଜଳ ବୁଧବାର ରାତିରେ ଛଡ଼ାଯିବ। ଏଥିପାଇଁ ନଦୀ ନିକଟବର୍ତ୍ତୀ ଲୋକଙ୍କୁ ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ କରାଇ ଦିଆଯାଇଥିବା ଜେଇ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି।

## ୩ ଆନ୍ତଃ ରାଜ୍ୟ ଦୁର୍ବୃତ୍ତ ଗିରଫ; ୨ ବନ୍ଧୁକ ଜବତ

ବାରିପଦା/ସାରସକଣା, ୨୫।୬(ସମିସ): ଲଗାତର ମୟୂରଭଞ୍ଜ ଜିଲ୍ଲାରେ ବନ୍ଧୁକ ମୁନରେ ଅପରାଧକୁ ନେଇ ପୁଲିସକୁ ଆନ୍ତଃରାଜ୍ୟ ଅପରାଧି ଖୋଲା ଚ୍ୟାଲେଞ୍ଜ ଦେଇଥିବା ବେଳେ ଗତ ରାତିରେ ଝରପୋଖରିଆ ପୁଲିସ ହାତରେ ୩ ଜଣ ଧରାପଡିଛନ୍ତି। ମଙ୍ଗଳବାର କୁଚେଇ ଗ୍ରାମ୍ୟବ୍ୟାଙ୍କରୁ ଡକାୟତି ଘଟଣା ପରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଓ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ଦ୍ୱାରା ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଝରପୋଖରିଆ ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ମଙ୍ଗଳବାର ରାତିରେ ଚଢ଼ାଉ ସମୟରେ ପକପକା ଅଞ୍ଚଳରୁ ୩ଦୁର୍ବୃତ୍ତଙ୍କୁ ଧରିବା ସହିତ ତାଙ୍କ ନିକଟରୁ ଏକ ରିଭଲଭର ଓ ଦେଶୀ ବନ୍ଧୁକ ଜବତ କରିଛନ୍ତି। ତେବେ ଏହି ସମୟରେ ସେମାନଙ୍କ ଗ୍ୟାଙ୍ଗର ଅନ୍ୟ ୨ଜଣ ୨ଟି ବାଇକରେ ଫେରାର ହୋଇଯାଇଛନ୍ତି। ୩ଜଣଙ୍କୁ ଝରପୋଖରିଆ ଥାନାରେ ଅଟକ ରଖାଯାଇଛି। ସେମାନଙ୍କ ପରିଚୟ ଗୋପନ ରଖାଯାଇଛି। ଜଣେ ପଶ୍ଚିମବଙ୍ଗ ଓ ୨ ଜଣ ଝାଡଖଣ୍ଡର । ଫେରାର ମୁଖ୍ୟ ଅଭିଯୁକ୍ତ ନାମରେ ଘୋଡାବନ୍ଧ ଥାନାରେ ପୂର୍ବରୁ ମାମଲା ଅଛି। ଯୋକା ଅଞ୍ଚଳରେ ଗୋରୁ ବ୍ୟବସାୟୀ ଭାବି ଫାର୍ମାସିଷ୍ଟଙ୍କୁ ବନ୍ଧୁକ ଦେଖାଇ ବାଇକ ଓ ଟଙ୍କା ଲୁଟ ସହିତ କୁଳିଅଣା ଥାନାରେ ସୋମବାର ଓ ମଙ୍ଗଳବାର ହୋଇଥିବା ଗୁଳିକାଣ୍ଡ ଓ ବ୍ୟାଙ୍କ ଲୁଟରେ ଏମାନଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ତଦନ୍ତ ସରିବା ପରେ ସମସ୍ତ ତଥ୍ୟ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରଦାନ କରାଯିବ ବୋଲି ଜନୈକ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ବହଳଦା/ରାଇରଙ୍ଗପୁର,୨୫।୬(ସମିସ): ବହଳଦା ଥାନା ତଥା ତିରିଂ ବ୍ଲକ ରେଙ୍ଗଲବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭଗାବନ୍ଦୀ ଗ୍ରାମର ଦୁଲାରୀ ଟୁଡୁ ଓ ତାଙ୍କ ସ୍ୱାମୀ ରାମରାୟ ଟୁଡୁ ଧାନ କ୍ଷେତରୁ ଫେରୁଥିବା ବେଳେ ଉଭୟଙ୍କ ମଧ୍ୟରେ ବଜ୍ରପାତ ହୋଇଥିଲା। ଫଳରେ ସ୍ତ୍ରୀ ଦୁଲାରୀ ଟୁଡୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉଭୟ ସ୍ୱାମୀ-ସ୍ତ୍ରୀ ବିଲରେ ଚାଷ କାମ ପାଇଁ ଯାଇଥିବାବେଳ ଦିନ ୧ଟା ପାଖାପାଖି ସମୟରେ ବର୍ଷାକୁ ଦେଖି ତରତର ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ଉଭୟଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ଦୁଲାରୀଙ୍କ ମୃତ୍ୟୁ ଘଟିଥିଲା। ପଛରେ ଆସୁଥିବା ତାଙ୍କ ସ୍ୱାମୀ ରାମରାୟ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଆନ୍ଦୋଳନରୁ ଓହରିଲେ ତିରିଂ ବ୍ଲକ୍ ଜନପ୍ରତିନିଧି

ବହଳଦା/ତିରିଂ, ୨୫।୬(ସମିସ): ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ତିରିଂ ବ୍ଲକରେ ପଞ୍ଚାୟତିରାଜ ଉନ୍ନୟନ ମୂଳକ କାମରେ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ଫଳରେ ଉପୁଜିଥିବା ବିବାଦର ସମାଧାନ ଦାବିରେ ତିରିଂ ପଞ୍ଚାୟତ ସମିତିର ନିର୍ବାଚିତ ଜନପ୍ରତିନିଧି ଶାନ୍ତିପୂର୍ଣ୍ଣ ଧର୍ମଘଟରେ ବସିଥିଲେ। ଦୀର୍ଘ ୯ ଦିନ ଧରି ଧର୍ମଘଟରେ ବସିବା ପରେ ମଧ୍ୟ ସମାଧାନ ପାଇଁ କୌଣସି ପ୍ରୟାସ କରାଯାଇ ନଥିବା ବେଳେ ତିରିଂ ବିଡିଓ ଭଗବତ ପ୍ରସାଦ ମିଶ୍ରଙ୍କ ଆଦେଶ କ୍ରମେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ନାରାନପୁର ପଞ୍ଚାୟତ ଅଞ୍ଚଳରେ ଏକ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ନେଇ ବିଧାୟକଙ୍କ ସପକ୍ଷରେ ଲେଆଉଟ ମାପ ପ୍ରଦାନ କରାଯିବା ଫଳରେ ଶାନ୍ତିପୂର୍ଣ୍ଣ ଭାବେ ଧର୍ମଘଟରେ ବସିଥିବା ଜନପ୍ରତିନିଧିଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଡିଓ ଅଫିସ ବାହାରେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଯାହାକୁ ନେଇ ଆଜି ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଓ ରାଇରଙ୍ଗପୁର ଏସଡିପିଓଙ୍କ ଗୋକୁଳାନନ୍ଦ ସାହୁ ପହଞ୍ଚି ଜନପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଇରଙ୍ଗପୁର ଉପଖଣ୍ଡ ପୁଲିସ୍ ଅଧିକାରୀ ଗୋକୁଳାନନ୍ଦ ସାହୁ, ତିରିଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ସହିତ ତିରିଂ ବିଡିଓ ଭଗବତ ପ୍ରସାଦ ମିଶ୍ର ଉପସ୍ଥିତ ରହିଥିବାବେଳେ ଧର୍ମଘଟରେ ଥିବା ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ତିରିଂ ଜିଲ୍ଲାପରିଷଦ ପରେଶ ଚନ୍ଦ୍ର ମୁଣ୍ଡା, ସମିତି ସଭ୍ୟା ଜେମାମଣୀ ସୁଣ୍ଡି, ନାରାନପୁର ସରପଞ୍ଚ ଲିଟା ଟୁଡୁ, ବଡନାରାଣୀ ସରପଞ୍ଚ କଳ୍ପନା ମାର୍ଣ୍ଡି, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାର୍ଦ୍ଧା, ନାରାନପୁର ସମିତି ସଭ୍ୟ ସୌଭାଗିନୀ ସି, ଲୁପୁଙ୍ଗ ସରପଞ୍ଚ ଦୂର୍ଗି ହେମ୍ବ୍ରମ, ପାର୍ଥ ସଡଙ୍ଗୀ, କୁଲୁଘୁଟୁ ସମିତି ସଭ୍ୟ ଚାମ୍ପ୍ରଗ୍ୱ ହେମ୍ବ୍ରମ, ଗିତିଲତା ସରପଞ୍ଚ ଭାଦା ସୋରେନଙ୍କ ସହିତ ସିଦୋ ଟୁଡୁ ଓ ବାବଲୁ ପୁର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଏବଂ ତିରିଂ ପଞ୍ଚାୟତ ସମିତି ନିର୍ବାଚିତ ଜନପ୍ରତିନିଧି ମାନେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ପରସ୍ପର ମଧ୍ୟରେ ବୁଝାମଣା ଅଭାବରୁ ବିବାଦ ଉପୁଜିଥିବା ନେଇ ବୈଠକରେ ଜଣାପଡିଥିଲା। ତେବେ ବିବାଦର ସ୍ଥାୟୀ ସମାଧାନ ନେଇ ରଥଯାତ୍ରା ପରେପରେ ସମୟ ଧାର୍ଯ୍ୟ କରାଯାଇ ଜିଲ୍ଲା ଗ୍ରାମୀଣ ଉନ୍ନୟନ ସଂସ୍ଥା (ଡିଆରଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କ ସହ ଆଲୋଚନା କରାଯାଇ ବିବାଦର ସମାଧାନ କରାଯିବା ନିଷ୍ପତ୍ତିରେ ସମସ୍ତେ ଏକମତ ହେବା ସହ ଧର୍ମଘଟରୁ ଓହରିବାକୁ ସହମତି ପ୍ରକାଶ ପାଇଥିଲା। ତେବେ ବିବାଦର ସମାଧାନ ହେବା ପର୍ଯ୍ୟନ୍ତ ପଞ୍ଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟ ସ୍ଥଗିତ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ୨ଟି ବାଇକ୍ ଓ ଗୋଟିଏ ଅଟୋ ଚୋରି

ବାରିପଦା, ୨୫।୬(ସମିସ): ରାତିରେ ଘର ସମ୍ମୁଖରେ ପାର୍କିଂ ହୋଇଥିବା ବାଇକ ଚୋରି ହୋଇଛି। ଏନେଇ ଜାମଦା ଥାନା ଅଞ୍ଚଳର ମାରାଙ୍ଗବୁରୁ କେକେ ମାଝୀ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ସେ ବାରିପଦାର ଦାମୋଦରପୁରଠାରେ ଭଡା ସୂତ୍ରରେ ରହୁଛନ୍ତି। ପ୍ରତିଦିନ ଭଳି ରାତିରେ ଘର ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ ଜନଶୂନ୍ୟ ଥିବା ବେଳେ ଏହାର ସୁଯୋଗ ନେଇ ଚୋରି କରିଛନ୍ତି। ସକାଳୁ ଦେଖିଲା ବେଳକୁ ବାଇକ ନଥିଲା। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ବଜ୍ରତୁଣ୍ଡି ଅଞ୍ଚଳରେ ଏକ ବାଇକ ଚୋରି ନେଇ ବାରିପଦା ସଦର ଥାନାରେ ସଞ୍ଜୟ ବୈଠା ଅଭିଯୋଗ କରିଛନ୍ତି। ତାଙ୍କ ଘର ସମ୍ମୁଖରୁ ଗାଡି ଚୋରି ହୋଇଛି। ଅନ୍ୟ ଏକ ଘଟଣାରେ ରଙ୍ଗାମାଟିଆ ଅଞ୍ଚଳରେ ଏକ ଅଟୋ ଚୋରି ନେଇ ବାରିପଦା ସଦର ଥାନାରେ ରେବତୀ ବେହେରା ଅଭିଯୋଗ କରିଛନ୍ତି। ତାଙ୍କ ଘର ସମ୍ମୁଖରୁ ରାତିରେ ଗାଡି ଚୋରି ହୋଇଛି।

## ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ରାଇରଙ୍ଗପୁର,୨୫।୬(ସମିସ): ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ନୂତନ ଶାଖା ରାଇରଙ୍ଗପୁର ବଜାରରେ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ସୌମ୍ୟରଂଜନ ପ୍ରଧାନ ଯୋଗଦେଇ ଫିତା କାଟି ଉଦଘାଟନ କରିଥିଲେ। ଏହା ପରେ ଉପଜିଲ୍ଲାପାଳ ଉପସ୍ଥିତ ବ୍ୟାଙ୍କ କର୍ମଚାରୀଙ୍କୁ ଉଦବୋଧନ ଦେଇ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଅଞ୍ଚଳର ଗ୍ରାହକଙ୍କ ସେବାରେ ସବୁବେଳେ ତତ୍ପର ରହିବା ପାଇଁ ବାର୍ତ୍ତା ଦେଇଥିଲେ। ପରବର୍ତ୍ତୀ ସମୟ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ରାଇରଙ୍ଗପୁର ଶାଖା ପରିଚାଳକ ନିତେଶ କୁମାର ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରତୀକ ମହାନ୍ତି, ମଳୟ ଦାସ, ଲକ୍ଷ୍ମଣ ପରିଡା, ସୁଭମ ମଣ୍ଡଳ, ନିର୍ମଳ ମଣ୍ଡଳ ଓ ଅନ୍ୟ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

## ଲୋପ ପାଇଆସୁଛି ନନ୍ଦିଘୋଷ ରଥ ଦଉଡ଼ିର ଉତ୍ସ ଶିଆଡ଼ି ଲତା

କେନ୍ଦୁଝର, ୨୫।୬(ସମିସ): ଗିନିଜ ବୁକ୍‌ରେ କେନ୍ଦୁଝରର ନନ୍ଦିଘୋଷ ରଥକୁ ବିଶ୍ୱର ସର୍ବବୃହତ ରଥର ମାନ୍ୟତା ଦିଆଯାଇ ସ୍ଥାନିତ କରାଯାଇଛି। ଶିଆଡ଼ି ଲତାରେ ତିଆରି ଦଉଡ଼ିରେ ଟଣା ହେବାର ରହିଛି ନିଆରା ପରମ୍ପରା। ଏହି ଦଉଡ଼ିଗୁଡ଼ିକୁ କେନ୍ଦୁଝରରେ ରଥଯାତ୍ରା ଆରମ୍ଭ ହେବା ଦିନଠାରୁ ହିଁ ବନବାସୀ ଜୁଆଙ୍ଗ ଓ ଭୂୟାଁ ଲୋକମାନେ ଯୋଗାଇ ଆସୁଥିଲେ। ସମୟକ୍ରମେ ଏବେ କେବଳ ଭୂୟାଁ ପିଢ ଲୋକମାନେ ଏହି ଲତାରେ ତିଆରି ଦଉଡ଼ିକୁ ଯୋଗାଇ ଆସୁଛନ୍ତି। ଭୂୟାଁ ପିଢ଼ ଦଏଁଳା ଅଞ୍ଚଳର ଭୂୟାଁ ସମ୍ପ୍ରଦାୟର ଲୋକମାନେ ନିଷ୍ଠାର ସହିତ ଅନେକ କଷ୍ଟ ସହି ଜଙ୍ଗଲରୁ ଖୋଜି ଖୋଜି ଶିଆଡ଼ି ଲତା ସଂଗ୍ରହ କରି ସେଥିରୁ ବକଳ ବାହାର କରି ତାକୁ ସଂଗ୍ରହ କରିଥାନ୍ତି। ପ୍ରଭୁଙ୍କ ପ୍ରତି ଥିବା ଗଭୀର ଭକ୍ତିଭାବର ପ୍ରତୀକ ଭାବରେ ଭୂୟାଁମାନେ ଏହାକୁ ବର୍ଷ ବର୍ଷ ଧରି ପ୍ରସ୍ତୁତ କରି ଆସୁଛନ୍ତି।






କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକରେ ରହିଛି ଭୂୟାଁ ଜନଜାତି ବହୁଳ ଦଏଁଳା ଗାଁ। ଏହି ଗାଁଟିର ଅଧିକାଂଶ ପରିବାର ଭୂୟାଁ ସଂପ୍ରଦାୟର। ଆଉ ଏହି ଗାଁର ଭୂୟାଁ ସଂପ୍ରଦାୟର ଲୋକମାନେ ବିଶ୍ୱର ସର୍ବ ବୃହତ ରଥ କେନ୍ଦୁଝର ଯେବେଠାରୁ ପ୍ରଥମେ ଆରମ୍ଭ ହୋଇଥିଲା ସେହି ସମୟରୁ ଆଜି ପର୍ଯ୍ୟନ୍ତ ଦଉଡ଼ି ଯୋଗାଇ ଆସୁଛନ୍ତି। ବିଶ୍ୱାସ ଅନୁସାରେ, ଅକ୍ଷୟ ତୃତୀୟାଠାରୁ ଦଏଁଳା ଗ୍ରାମର ଲୋକେ ଗନ୍ଧମାର୍ଦ୍ଦନ ପାହାଡ଼ରୁ ଶିଆଡ଼ି ଲତାରୁ ଛାଲ ସଂଗ୍ରହ କରିଥାନ୍ତି। ଦେବସ୍ନାନ ପୂର୍ଣ୍ଣିମା ଦିନରେ ବଳଦେବଜୀଉ ମନ୍ଦିରରେ ସଂଗୃହୀତ ଶିଆଡ଼ି ଲତାକୁ ପୂଜା ପରେ ପ୍ରଭୁଙ୍କ ଆଜ୍ଞା ମାଳ ନେଇ ରଥ ଦଉଡ଼ି ତିଆରି କାମ ଆରମ୍ଭ କରଥାନ୍ତି ସେମାନେ। ମାନ୍ୟତା ଅନୁସାରେ, ଏହି ଦଉଡ଼ିଗୁଡିକର ଲମ୍ବ ୧୪୫ ହାତ ଥିବା ବେଳେ ମୋଟେଇ ୬ ଇଞ୍ଚ ରହିଥାଏ। ଏସବୁ କାମକୁ ପୁରା ଗାଁର ଲୋକେ ବଡ଼ ଆଗ୍ରହର ସହିତ କରିଥାନ୍ତି। ଦଉଡ଼ି ତିଆରିରେ କଷ୍ଟ ଓ ଶିଆଡ଼ି ଲତା ସଂଗ୍ରହରେ ଅନେକ କଷ୍ଟ ପରିଶ୍ରମ ଥିଲେ ମଧ୍ୟ ଏହାକୁ ମହା ପ୍ରଭୁଙ୍କର ଏକ ସେବା ଭାବି ଭୂୟାଁ ପିଢ଼ର ଲୋକମାନେ ଶ୍ରଦ୍ଧାର ସହିତ କରିଚାଲିଛନ୍ତି। ତିନିଟି ଦଉଡିକୁ ରଥଯାତ୍ରା ପୂର୍ବରୁ ସବୁବେଳେ ଯୋଗାଇଦେଇଥାନ୍ତି ସେମାନେ। ଅନ୍ୟପକ୍ଷରେ ଗନ୍ଧମାର୍ଦ୍ଦନ ପାହାଡ଼ ଏବଂ ଦଏଁଳା ଆଖପାଖରେ ଥିବା ସଂରକ୍ଷତ ଜଙ୍ଗଲଗୁଡିକରେ ଏହି ଲତା ଲୋପ ପାଇବାକୁ ବସିଥିବାବେଳେ ସ୍ୱତନ୍ତ୍ର ସ୍ଥାନରେ ରୋପଣକରି ସ୍ୱତନ୍ତ୍ର ଜଙ୍ଗଲ ସୃଷ୍ଟି କରିବା ଜରୁରୀ ହେଲାଣି। ପ୍ରଶାସନ ଏଦିଗରେ ଧ୍ୟାନ ଦେଲେ ଠାକୁରଙ୍କ ସେବାରେ ଲାଗୁଥିବା ଶିଆଡ଼ି ଦଉଡ଼ି ତିଆରିରେ ବ୍ୟବହୃତ ଲତାର ଅଭାବ ପୂରଣ ହେବା ସହ ଭୂୟାଁ ପିଢ଼ର ଲୋକମାନେ ଯୋଗାଇ ଆସୁଥିବା ଦଉଡ଼ି ତିଆରି ଆହୁରି ସହଜ ହୋଇପାରନ୍ତା।

### ଓଡ଼ିଶା ରାଜସ୍ୱ ଅମଲା ସଂଘର ୧୦ ଦଫା ଦାବି ଉପସ୍ଥାପନ

# ଜୁଲାଇ ୧୪ରୁ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ବାରିପଦା, ୨୫।୬(ସମିସ):



ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବି ପୂରଣ କରୁନାହାଁନ୍ତି। ଯାହାକୁ ନେଇ ସଂଘ ପକ୍ଷରୁ ଆସନ୍ତା ଜୁଲାଇ ୧୪ରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କମିଟି ନିଷ୍ପତ୍ତିକ୍ରମେ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ଅଧ୍ୟକ୍ଷ କପିଳାସ ବେହେରାଙ୍କ ନେତୃତ୍ୱରେ ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଯାହାକୁ ନେଇ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ-୯କୁ ବୃଦ୍ଧି, ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ, କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା, ପୁନଃ ଥଇଥାନ ଯୋଜନା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାଙ୍କୁ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନସନ ଯୋଜନାକୁ ରଦ୍ଦ କରି ପୁରାତନ ପେନସନ ଯୋଜନା କାର୍ଯ୍ୟକାରୀ କରିବା ଆଦି ଦାବି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ସଂଘର ଆଲୋଚନା ହୋଇଛି; କିନ୍ତୁ ବାରମ୍ବାର ପର୍ଯ୍ୟାଲୋଚନା ପରେ ମଧ୍ୟ ଫଳ ଶୂନ୍ୟ ରହିଛି। ଏହି ପରିପ୍ରେକ୍ଷୀରେ, ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଦାବି ପୂରଣ ନେଇ କୋଣସି ପଦକ୍ଷେପ ଗ୍ରହଣ ନକରିବେ ଆନ୍ଦୋଳନା,କ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜୁଲାଇ ୭ରୁ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବେ। ଏହାସତ୍ତ୍ୱେ ଯଦି ରାଜ୍ୟ ସରକାର ଦାବି ଗୁଡିକ ପୂରଣ ନ କରିବେ ତେବେ ଜୁଲାଇ ୧୪ରୁ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ଅସିତ କୁମାର ମହାକୁଡ଼ ଏବଂ ସମ୍ପାଦକ ରୂପକ କୁମାର ମହାରଣା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ଶ୍ରୀ ମହାକୁଡ଼, ସମ୍ପାଦକ ଶ୍ରୀ ମହାରଣା, ତପନ କୁମାର ବେହେରା, କୋଷାଧ୍ୟକ୍ଷ ସୁମନ କୁମାର ନାଏକ, ଯୁଗ୍ମ ସମ୍ପାଦକ ତନ୍ମୟ ଦାସ, କାର୍ଯ୍ୟାଳୟ ସମ୍ପାଦକ ସୁନିତା ମହାପାତ୍ର, ମିଡ଼ିଆ ସେଲ ସମ୍ପାଦକ ସଙ୍ଗିତ ମାହାଲି, ଜିଲ୍ଲା କାର୍ଯ୍ୟ ପରିଷଦ ସଭ୍ୟ ସତ୍ୟଜିତ ମହାନ୍ତି ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ଅମଲା, ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସକାଳ THE SAKALA



## ଭୋଗରାଇ ବନ୍ୟାଞ୍ଚଳ ଅନୁଧ୍ୟାନ କଲେ ରାଜ୍ୟ କଂଗ୍ରେସ ଟିମ୍

# ବନ୍ୟା ପରିଚାଳନାରେ ରାଜ୍ୟ ସରକାର ବିଫଳ

ଭୋଗରାଇ, ୨୫।୬ (ସମିସ): ସୁବର୍ଣ୍ଣରେଖା ନଦୀରେ ଅଚାନକ ବନ୍ୟା ଆସି ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ୨୧ ପଞ୍ଚାୟତ ୮୩ଟି ଗ୍ରାମର ଲୋକେ ପାଣିଘେରରେ ରହିଥିଲେ। ବନ୍ୟା ପାଣି ମାଡ଼ିଯାଇ ଶହ ଶହ ଏକର ଜମିରେ




ପରିବା ଚାଷ ନଷ୍ଟ ହୋଇଥିବା ବେଳେ ରାସ୍ତା ଘାଟ, ଘର କ୍ଷତିଗ୍ରସ୍ତ ହୋଇଛି। ଏପରିକି ନାବାଳକ ସମେତ ଜଣେ ଯୁବକ ପାଣିରେ ଭାସି ଯାଇ ଜୀବନ ଦୀପ ଲିଭି ଯାଇଛି। ରାଜ୍ୟ ସରକାର ଏହି ଆକସ୍ମିକ ବନ୍ୟାର ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଆଜି ଭୋଗରାଇ ବନ୍ୟାଞ୍ଚଳ ଗସ୍ତରେ ଆସିଥିବା ଓଡିଶା ପ୍ରଦେଶ କଂଗ୍ରେସର ନେତାମାନେ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ବନ୍ୟାର କ୍ଷୟକ୍ଷତି ଆକଳନ କରିବା ପାଇଁ ପ୍ରଦେଶ କଂଗ୍ରେସର ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଗଠନ କରାଯାଇଥିବା ବନ୍ୟା କ୍ଷୟକ୍ଷତି ଆକଳନ ଟିମ୍ ଆଜି ବାଲେଶ୍ୱର ଜିଲ୍ଲାର ବନ୍ୟାଞ୍ଚଳ ଗସ୍ତରେ ଆସି ବାଲିଆପାଳ ପରେ ଭୋଗରାଇଠାରେ ପହଞ୍ଚି ଥିଲେ। ଟିମ୍‌ର ସଭାପତି ନବଜ୍ୟୋତି ପଟ୍ଟନାୟକ ସହ ରାଜ୍ୟ କଂଗ୍ରେସ ଉପସଭାପତି ଦେବାଶିଷ ପଟ୍ଟନାୟକଙ୍କ ସହ ଦଳର ଅନ୍ୟ ନେତାମାନେ ବିଭିନ୍ନ ବନ୍ୟା କ୍ଷତିଗ୍ରସ୍ତ ଗାଁ ବୁଲିବା ପରେ ଗବଗାଁ ସ୍ଥିତ ତାରେଣୀ ଛକଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ପରିଚାଳନାକୁ

**■ ପୂର୍ବ ପ୍ରସ୍ତୁତି ନାହିଁ କି ରିଲିଫ ନାହିଁ**
**■ ଦୁଇ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ଦାବି**

ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସୁବର୍ଣ୍ଣରେଖାରେ ବନ୍ୟା ପାଣି ଆସୁଥିବା ନେଇ ପ୍ରଶାସନ ଲୋକମାନଙ୍କୁ ପୂର୍ବରୁ ସୂଚନା ନ ଦେବା, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ନ କରିବା, ଜଳ ଘେରରେ ଥିବା ବିପନ୍ନ ମାନଙ୍କୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ଯୋଗାଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଓଡ୍ରାଫ ଟିମ୍ ମୁତୟନ କରାଯାଇ ନଥିବାରୁ କୁହ୍ଲା ଗ୍ରାମର ମହେଶ୍ୱର ପିଲା ଓ ଗବଗାଁର ପ୍ରିୟାଂଶୁ ଦେ ବନ୍ୟାରେ ଭାସି ଯାଇ ମୃତ୍ୟୁବରଣ କଲେ। ତେଣୁ ବିଜେପି ସରକାର ସମ୍ବେଦନହୀନତା ଯୋଗୁଁ ଏଭଳି ଘଟିଲା ବୋଲି ଅଭିଯୋଗ କରିଥିଲେ। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ଚାଲିଥିବା ଡବଲ ଇଞ୍ଜିନ ସରକାର ମୃତକ ପରିବାରକୁ ୪ ଲକ୍ଷ ବଦଳରେ ୨୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶିପ୍ରଦାନ କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ବନ୍ୟା କ୍ଷତିଗ୍ରସ୍ତ ମାନଙ୍କୁ କଂଗ୍ରେସ ଦଳ ପକ୍ଷରୁ ରିଲିଫ୍ ଦିଆଯାଇଥିଲା ବେଳେ ଗୃହ ପାଳିତ ପଶୁମାନଙ୍କୁ ଡାକ୍ତରୀ ଚିକିତ୍ସାରେ ସୁବିଧା କରାଯିବ। ସୁବର୍ଣ୍ଣରେଖାର ସଂସ୍କାର ଯୋଜନାକୁ ତତ୍କାଳୀନ ଉପା ସରକାର ମଞ୍ଜୁର କରିଥିବା ବେଳେ ଏହି ଅର୍ଥରାଶିକୁ ଡବଲ ଇଂଜିନ ସରକାର କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ଦାବି କରାଯାଇଥିଲା।।

ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ଜିଲ୍ଲା ସଭାପତି ସଂଜୀବ ଗିରି, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ନୀଳଗିରି ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବାଲିଆପାଳ ବ୍ଲକର ପୂର୍ବତନ ଚେୟାରମ୍ୟାନ ବିଜୟ ନାୟକ, ଭୋଗରାଇ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ସରପଞ୍ଚ ମମତା ସାହୁ, ମୀନାରାଣୀ ସୁର ଗୋପବନ୍ଧୁ ମହାପାତ୍ର, ଭୋଗରାଇ ଯୁବନେତା ସୁଦର୍ଶନ ଜେନା, ଜଳେଶ୍ୱର କଂଗ୍ରେସ ସଭାପତି ରାଜୀବ ପରିଡ଼ା, ଶିଶିର ମହାପାତ୍ର, ସଂଜୀବ ଜେନା, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ମୁମ୍ବାଇରେ ଚିକିତ୍ସାଧୀନ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ଅବସରରେ ଦଳୀୟ ନେତୃବୃନ୍ଦ

## ଆପାର୍ଟମେଣ୍ଟ ପଞ୍ଜୀକରଣ ମାମଲା | ଶୁଣାଣି ଜୁଲାଇ ୧ରେ, ଅନ୍ତରୀଣ ରହିତାଦେଶ ବଳବତ୍ତର

କଟକ,୨୫। ୬(ସମିସ): ରାଜ୍ୟରେ ରେରା ଆଇନ କାର୍ଯ୍ୟକାରୀ ହେବା ତଥା ୨୦୧୭ ଫେବୃଆରୀ ୨୫ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣକୁ ସରକାର ନିକଟରେ ଅନୁମତି ପ୍ରଦାନ କରି ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ ଜାରି କରିଥିବା ଗତ ଫେବୃଆରୀ ୧୨ତାରିଖର ଅନ୍ତରୀଣ ରହିତାଦେଶକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ଜୁଲାଇ ୧ତାରିଖରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି। ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଆବେଦନର ଆଜି ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଆବେଦନକାରୀ ଓ ସରକାର ଏହି ପ୍ରସଂଗରେ ଯୁକ୍ତି ଉପସ୍ଥାପନ କରିବେ। ଓଡିଶା ଆପାର୍ଟମେଣ୍ଟ ଓନସରସିପ ଆଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ (ଓଏଓଏମ ଆକ୍ଟ-୨୦୨୩) ଅନୁସାରେ ସମସ୍ତ ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ଅକ୍ୟୁପାନ୍ସି ପ୍ରମାଣପତ୍ର ବାଧ୍ୟତାମୂଳକ ଥିଲା। ୨୦୧୭ ଫେବୃଆରୀ୨୫ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣ କ୍ଷେତ୍ରରେ ଉପରୋକ୍ତ ଆଇନ ଲାଗୁ ହେବ ନାହିଁ ବୋଲି ସରକାର ଜାରି କରିଥିବା ବିଜ୍ଞପ୍ତି ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ନବଯୌବନ...

ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ହେବ। ସକାଳ ୮ଟାରୁ ୯ଟା ପରିମାଣିକ ଦର୍ଶନ ଚାଲିବ। ବୁଧବାର ନୀଳାଦ୍ରି ଭକ୍ତ ନିବାସରେ ପରିମାଣିକ ଟିକଟ୍ ବିକ୍ରି କରାଯାଇଛି। ପରିମାଣିକ ଟିକଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ସେମାନେ ଦର୍ଶନ କରିବେ। ସେହିପରି ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ବା ସାହାଣମେଲା ଦର୍ଶନ ଭିତରକାଠ ନିକଟରୁ ହେବ। ପୂର୍ବାହ୍ନ ସାଢ଼େ ୧୦ଟା ପରେ ଆଉ ଦର୍ଶନ ହେବ ନାହିଁ କିନ୍ତୁ ଭକ୍ତମାନେ ବେଢ଼ା ପରିକ୍ରମା କରି ପାଶ୍ୱର୍ ଦେବଦେବୀଙ୍କୁ ଦେଖିପାରିବେ।

ତେବେ ସାହାଣମେଲା ଦର୍ଶନ ସରିବା ପରେ ଧୂଆ ହୋଇ ଚୂନପାଣି ପଡ଼ିବ। ଏହାପରେ ସର୍ବାଙ୍ଗ ବନ୍ଦାପନା ହେବ। ଏହି ନୀତି ବଢ଼ିବା ପରେ ନେତ୍ରୋତ୍ସବ ବନ୍ଦାପନା କରାଯିବ। ଏହାସହିତ ଅନ୍ୟାନ୍ୟ ନୀତି ବଢ଼ି ଭୋଗମଣ୍ଡପ ଉଠିବା ପରେ ଦକ୍ଷିଣୀ ଘର ଭୋଗ ହେବ। ସନ୍ଧ୍ୟା ସାଢ଼େ ୭ଟାରେ ସନ୍ଧ୍ୟା ଆଳତି ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ ପରେ ରାତି ସାଢ଼େ ୧୧ଟାରେ ପହୁଡ଼ ଆଳତି ହେବ। ରାତି ୧୧ଟା ୪୫ରେ ଶ୍ରୀମୁଖ ଖଣ୍ଡୁଆ ଏବଂ ରାତି ସାଢ଼େ ୧୨ଟାରେ ବାହୁଟ କଣ୍ଟ ସରିବ। ଏହାପରେ ରାତି ସାଢ଼େ ୧୨ଟାରୁ ଭୋର୍ ସାଢ଼େ ୫ଟାରେ ସେନାପଟା ଲାଗି ପାଇଁ ନୀତି ନିର୍ଘଣ୍ଟ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ହେବ ରଥଯାତ୍ରା। ଅନ୍ୟପକ୍ଷରେ ଆଉ ଦିନକ ପରେ ଘୋଷଯାତ୍ରା ଥିବାବେଳେ ପୁରୀକୁ ଭକ୍ତଙ୍କ ଆଗମନ ବଢୁଛି। ପାଗ ଅନୁକୂଳ ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ହୋଟେଲ, ଲଜ୍ ଓ ଧର୍ମଶାଳାଗୁଡ଼ିକ ପ୍ୟାକ୍ ହୋଇଗଲାଣି।

### ଦିନକ ପରେ ରଥଯାତ୍ରା: ଆଜି ରଥ ଆଜ୍ଞାମାଳ ବିଜେ

ଦିନକ ପରେ ରଥଯାତ୍ରା ଅର୍ଥାତ୍ ଶୁକ୍ରବାର ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ। ଏଥିପାଇଁ ପ୍ରାୟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏ ବର୍ଷ ଅଧିକ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ଶୃଙ୍ଖଳିତ ଭାବେ ଘୋଷଯାତ୍ରା ସମ୍ପନ୍ନ କରିବା ଲାଗି ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ବିଧି ମୁତାବକ, ରଥଯାତ୍ରା ପୂର୍ବଦିନ ତିନିରଥରେ ଆଜ୍ଞାମାଳ ବିଜେ ପରେ ସିଂହଦ୍ୱାର ସମ୍ମୁଖରେ ଲାଗିଥା'ନ୍ତି। ତିନିରଥର ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ରଥ ନିକଟରେ ପହଞ୍ଚାନ୍ତି। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଆଜ୍ଞାମାଳ ବିଜେ ହୁଏ। ଏହାପରେ ରଥଖଳାରୁ ତିନିରଥଙ୍କୁ ପୁଲିସ ଟାଣି ନେଇ ସିଂହଦ୍ୱାରରେ ଲଗାଇଥା'ନ୍ତି। ତେଣୁ ଗୁରୁବାର ସକାଳଧୂପ ପରେ ଅପରାହ୍ନ ୪ଟା ୧୦ରେ ରଥଖଳାକୁ ଆଜ୍ଞାମାଳ ବିଜେ କରିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଯେହେତୁ ଏଥର ଗୋଟିଏ ଦିନରେ ରଥ ଆଜ୍ଞାମାଳ, ନବଯୌବନ ଦର୍ଶନ ଏବଂ ନେତ୍ରୋତ୍ସବ ପଡ଼ିଛି ତେଣୁ ରଥ ଆଜ୍ଞାମାଳ ଅପରାହ୍ନରେ ଆସିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ତେବେ ରଥ ଆଜ୍ଞାମାଳ ଆସିବା ପରେ ତିନିରଥ ସିଂହଦ୍ୱାର ସମ୍ମୁଖରେ ଲାଗିବ ଏବଂ ଶୁକ୍ରବାର ଅନୁଷ୍ଠିତ ହେବ ରଥଯାତ୍ରା।

### ଅନ୍ତରୀକ୍ଷରେ ଶୁଭାଂଶୁ...

ଏହି ଅଭିଯାନ ଭାରତୀୟ ସମୟ ଦ୍ୱିପହର ପ୍ରାୟ ୧୨ଟା ସମୟରେ ଉତ୍କ୍ଷେପଣ କରାଯାଇଥିଲା। ଏହି ଡ୍ୟାଗନ ସ୍ପେସ୍‌କ୍ରାଫ୍ଟ ପ୍ରାୟ ୨୮.୫ ଘଣ୍ଟା ପରେ ଗୁରୁବାର ସନ୍ଧ୍ୟା ୪ଟା୩୦ରେ ଆଇଏସଏସରେ ପହଞ୍ଚିବ। ଶୁଭାଂଶୁଙ୍କ ସହିତ ପୋଲାଣ୍ଡର ସ୍ଲାଓଜ୍ ଉଜାନସ୍କି-ୱିସ୍ନିୱିସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର କମାଣ୍ଡର ପେଗି ହ୍ୱିଟସନ୍ ମଧ୍ୟ ଆଇଏସଆଇ ଅଭିମୁଖେ ଯାଇଛନ୍ତି। ସମସ୍ତେ ମହାକାଶରେ ୧୪ ଦିନ ପର୍ଯ୍ୟନ୍ତ ରହିବେ ଏବଂ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରିବେ। ଏଥିରୁ ୭ଟି ପରୀକ୍ଷଣ ପାଇଁ ଭାରତୀୟ ଗବେଷକ ପ୍ରସ୍ତାବ ଦେଇଛନ୍ତି। ଶୁଭାଂଶୁ ମହାକାଶରୁ ଜଣେ ଭିଆଇପିଙ୍କ ସହ କଥାହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହି ଅଭିଯାନରେ ଶୁଭାଂଶୁଙ୍କ ଅଭିଜ୍ଞତା ଭାରତର ଗଗନଯାନ ଅଭିଯାନ ପାଇଁ କାମରେ ଆସିବ। ଏହା ଭାରତର ପ୍ରଥମ ମାନବ ଅଭିଯାନ ହେବ। ଏହା ମାଧ୍ୟମରେ ମହାକାଶଯାତ୍ରୀଙ୍କୁ ପୃଥିବୀର ନିମ୍ନ କକ୍ଷକୁ ପଠାଇ ସୁରକ୍ଷିତ ଭାବେ ଭାରତ ଅଣାଯିବ। ୨୦୨୭ରେ ଏହ ଅଭିଯାନ ହେବାର ସମ୍ଭାବନା ରହିଛି।

### ଆଇସିୟୁରୁ କ୍ୟାବିନକୁ...

ବିଜେଡି ନେତାମାନେ ନବୀନ ପଟ୍ଟନାୟକଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକ ଓ ଚିକିତ୍ସା କରୁଥିବା ଡାକ୍ତର ଟିମ୍‌କୁ ମଧ୍ୟ ଭେଟି ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଆଲୋଚନା କରିଛନ୍ତି। ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ମଧ୍ୟ ବିଜେଡି ନେତାମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି।

ଆଜି ସକାଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ବିଧାୟକ ସଂଜୀବ ମଲ୍ଲିକ, ସୁଶାନ୍ତ ରାଉତ, ବିଶ୍ୱ ରଂଜନ ମଲ୍ଲିକ, ବିକ୍ରମ ପଣ୍ଡା, ପ୍ରଣବ ବଳବନ୍ତରାୟ, ଅମିତ ମଲ୍ଲିକ ଓ ସୁରେନ୍ଦ୍ର ମହାପାତ୍ର ନବୀନଙ୍କୁ ଭେଟିଥିବାବେଳେ ସନ୍ଧ୍ୟାରେ ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଅନନ୍ତ ନାରାୟଣ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ବ୍ୟୋମକେଶ ରାୟ ଓ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ପ୍ରମୁଖ ନବୀନଙ୍କୁ ସାକ୍ଷାତ କରିଛନ୍ତି।

ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ପୁରା ଠିକ୍ ଅଛି ସେ ଉଭୟ ମାନସିକ ଓ ଶାରୀରିକ ଭାବରେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଆମକୁ ଦେଖି ସେ ବେଶ୍ ଖୁସିହେଲେ ଓ ଖୁବ୍ ଶୀଘ୍ର ଭୁବନେଶ୍ୱର ଫେରିବେ ବୋଲି କହିଛନ୍ତି। ଏବେ ତାଙ୍କର ଫିଜିଓଥେରାପି କରାଯାଉଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

### ୪ ଦୁଷ୍କର୍ମୀକୁ...

ନେଇ ଦୁଷ୍କର୍ମ କରିଥିଲେ। ପରେ ଏ ନେଇ ପରିବାର ଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ। ଏହା ସହିତ ୩ଜଣ ଦୁଷ୍କର୍ମକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ବିଚାର ସମୟରେ ୧୭ଜଣ ସାକ୍ଷୀଙ୍କ ବୟାନ, ତଦନ୍ତ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ପିପି ସସ୍ମିତା ମହାପାତ୍ର ପରିଚାଳନା କରୁଥିଲେ। ସେହିପରି ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍ସ କୋର୍ଟର ଜଜ ପ୍ରତିମା ପାତ୍ର ବୁଧବାର ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟ ଅଧିକ ୨ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ପାଇକବସା ଗ୍ରାମର ବାପୁନ ମହାନ୍ତ (୨୬)। ପୀଡିତାକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ଜଣକ ତାଙ୍କ ମା' ସହିତ ସାନଶୋଳ ସ୍ଥିତ ମାମୁଘରକୁ ବୁଲିବାକୁ ଯାଇଥିଲେ। ସେଠାରେ ସେ ରାତିରେ ଏକୁଟିଆ ଘର ନିକଟକୁ ପରିସ୍ରା ଯାଇଥିବାବେଳେ ଅଭିଯୁକ୍ତ ବାପୁନ ଅପହରଣ କରିନେଇଥିଲା। ପରେ ବାଙ୍ଗିରିପୋଷି ଅଞ୍ଚଳରେ ସମ୍ପର୍କୀୟଙ୍କ ଘରକୁ ନେଇ ସେଠାରେ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ୪ଦିନ ପରେ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ଘରକୁ ଆସି ଘଟଣା ବାବଦରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ପିଡିତା ନାବାଳିକାର ବୟାନ ରେକର୍ଡ କରିଥିଲା। ଏଥି ସହିତ ପୁଲିସ ମାମଲା ରୁଜୁ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ଦିନରୁ ଆସାମୀ ଜଣକ ବାରିପଦା ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀ ଭାବେ ସଜା କାଟୁଥିଲା। ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

### ମୋହନଙ୍କ 'ମନ୍ତ୍ରୀ ସୂତ୍ର'...

୨ ମାସ ଧରି ମନ୍ତ୍ରୀମଣ୍ଡଳର ପ୍ରତିଟି ମନ୍ତ୍ରୀଙ୍କର କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ପରଖା ଯାଇଛି। ତେବେ ମନ୍ତ୍ରିମଣ୍ଡଳର ଅଧିକାଂଶ ସଦସ୍ୟଙ୍କ କାର୍ଯ୍ୟଦକ୍ଷତାକୁ ନେଇ ମୁଖ୍ୟମନ୍ତ୍ରୀ ଅସୁଖୀ ଥିବା କୁହାଯାଉଥିବା ବେଳେ ୨ରୁ ୩ ଜଣ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ଏକପ୍ରକାର ନିଷ୍ପତ୍ତି ସରିଛି। ଏହାସହ ମନ୍ତ୍ରୀମଣ୍ଡଳରେ ଯେପରି ଜିଲ୍ଲାୱାରୀ ପ୍ରତିନିଧିତ୍ୱ ସଂଖ୍ୟା ଅଧିକ ରହିବ, ସେନେଇ ମୁଖ୍ୟମନ୍ତ୍ରୀ ଯଥେଷ୍ଟ ଉଦ୍ୟମ କରିଛନ୍ତି।

ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିଷ୍ପତ୍ତିକୁ ନେଇ ଦଳର ଅନ୍ୟ ଏକ ଗୋଷ୍ଠୀର ଯୁକ୍ତି ହେଉଛି ଯେ ଏପରି ହେଲେ ଗଞ୍ଜାମ, ବଲାଙ୍ଗୀର, ମୟୂରଭଞ୍ଜ ଜିଲ୍ଲା ପ୍ରଭାବିତ ହେବ। ଏହି ଜିଲ୍ଲାଗୁଡ଼ିକରୁ ଏକାଧିକ ମନ୍ତ୍ରୀ ରହିଛନ୍ତି। ସେହିପରି ଏହି ନୀତି କାର୍ଯ୍ୟକାରୀ ହେଲେ ମନ୍ତ୍ରିମଣ୍ଡଳରେ ଦକ୍ଷତା, ଆନୁଗତ୍ୟତା ସଠିକ୍ ଭାବେ ପ୍ରତିନିଧିତ୍ୱ ମିଳିପାରିବ ନାହିଁ। ତେଣୁ ଶୀର୍ଷ ନେତୃତ୍ୱ ଆଉଥରେ ନିଜ ନିଷ୍ପତ୍ତିର ପୁନଃର୍ବିଚାର କରିବା ଉଚିତ୍ ବୋଲି ଉକ୍ତ ଗୋଷ୍ଠୀ ଦାବି କରୁଛି। ଏହାସହ ସମ୍ପ୍ରସାରଣରେ ନିଜ ନାମ ଯୋଡ଼ିବା ପାଇଁ ଶେଷ ମୂହୂର୍ତ୍ତରେ ମଧ୍ୟ କେତେକ ବିଧାୟକ ନିଜ ନିଜ ଗୋଷ୍ଠୀର ମୁଖିଆଙ୍କ ନିକଟରେ ଶରଣ ପସିଥିବା ଶୁଣାଯାଉଛି। ତେବେ ଶୀର୍ଷ ନେତୃତ୍ୱ ସ୍ତରରେ ନିଷ୍ପତ୍ତି ପରିବର୍ତ୍ତନ ସମ୍ଭାବନା କ୍ଷୀଣ ଏବଂ ମନ୍ତ୍ରୀମଣ୍ଡଳ ଆପାତତଃ ଚୂଡ଼ାନ୍ତ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ମିଳିଥିବା ସୂଚନା ଅନୁଯାୟୀ ସମ୍ପ୍ରସାରଣରେ ମୁଖ୍ୟମନ୍ତ୍ରୀ ୨ ଜଣ ମହିଳାଙ୍କୁ ନିଜ ଟିମରେ ସାମିଲ କରିପାରନ୍ତି। ସେହିପରି କେନ୍ଦ୍ରାପଡା, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ବରଗଡ଼, କୋରାପୁଟ ଆଦି ସଂସଦୀୟ କ୍ଷେତ୍ରକୁ ମନ୍ତ୍ରୀମଣ୍ଡଳରେ ଅଧିକ ପ୍ରତିନିଧିତ୍ୱ ମିଳିପାରେ ବୋଲି ଜଣାପଡ଼ିଛି।

# ସାପ କାମୁଡ଼ାରେ ବାପ-ପୁଅ ମୃତ

ବାରିପଦା/ଶୁଳିଆପଦା, ୨୫।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମଙ୍ଗଳବାର ରାତିରେ ଘରେ ଶୋଇଥିବା ବେଳେ ଏକ ଚିତି ସାପ ବାପ-ପୁଅଙ୍କୁ କାମୁଡି ଦେଇଥିଲା। ବାପ ଓ ପୁଅ ଜାଣି ପାରିନଥିବା ବେଳେ ଶବ୍ଦ ଶୁଣି ବାହାରେ ଶୋଇ ଥିବା ମା' ଓ ଝିଅ ଚିତି ସାପକୁ ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ବାପ-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ ବାଘଡା ଗ୍ରାମର ହରେକୃଷ୍ଣ ମୁଖି (୪୫) ଓ ତାଙ୍କ ପୁଅ ଇଶାନ ମୁଖି (୫)। ହରେକୃଷ୍ଣ ବାଘଡ଼ା ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଏହିପରି ଅଭାବନୀୟ ଘଟଣାକୁ ନେଇ ବାରିପଦା ମେଡିକାଲ ପରିସରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଚିକିତ୍ସାଧୀନ ହାତୀ ଛୁଆର ମୃତ୍ୟୁ



ବଡମ୍ବା,୨୫।୬(ସମିସ): ବଡମ୍ବା ବନବିଭାଗ ଅଧୀନ ଡାହାଣିଖଳି ମନ୍ଦିର ନିକଟରେ ଏକ ହାତୀ ଛୁଆ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ଆଜି ତାର ମୃତ୍ୟୁ ଘଟିଛି। ମୃତ ହାତୀଟିର ଆନୁମାନିକ ବୟସ ୫ ବର୍ଷ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ହାତୀ ଛୁଆର ମୃତ୍ୟୁ ଖବର ପାଇ ଆଠଗଡ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ବଡମ୍ବା ବନାଞ୍ଚଳ ଅଧିକାରୀ ପ୍ରଭାତ କୁମାର ରାଉତ, ଏସିଏଫ ମନୋଜ କୁମାର ପାତ୍ର ଏବଂ ସଦର ଫରେଷ୍ଟର ଶୁଭେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚିକିତ୍ସା କରୁଥିବା କପିଳାସର ଡାକ୍ତର ଟିମ ଓ ବଡମ୍ବା ପ୍ରାଣୀ ବିଭାଗ ଅଧିକାରୀ ଓ ଗୋପପୁର ପ୍ରାଣୀ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ମୃତ ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ ହେବା ପରେ ସେହି ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଛି।

## ୪ ମାଓବାଦୀ ଗିରଫ

ମାଲକାନଗିରି, ୨୫।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ତଲାସି ଅଭିଯାନ ବେଳେ ଯବାନ ମାନେ ୪ ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ଗିରଫ ମାଓବାଦୀ ମାନେ ଗତ କିଛିଦିନ ପୂର୍ବେ ଯବାନ ଓ ମାଓବାଦୀଙ୍କ ଗୁଳି ବିନିମୟ ଘଟଣାରେ ସାମିଲ ଥିବା ଜଣାପଡିଛି। ସେମାନେ ହେଲେ ଚମ୍ପା କର୍ମା, ମାଙ୍ଗି ମାଣ୍ଡାଭି, ଲାଛୁ ମାଣ୍ଡାଭି ଏବଂ ସାଙ୍କୁ ମାଣ୍ଡାଭି।



ସେମାନଙ୍କଠାରୁ ଦୁଇଟି ୧୨ ବୋର ବନ୍ଧୁକ, ଗୋଟିଏ ୩୧୫ ବୋର ରାଇଫଲ୍, ପାଞ୍ଚଟି ଜୀବନ୍ତ ଗୁଳି ଏବଂ ତିନୋଟି ଡେଟୋନେଟର୍ ଜବତ କରାଯାଇଥିଲା

# ଆଠଗଡ଼ ବ୍ଲକ୍ ସମ୍ମୁଖରେ ଖଣ୍ଡଯୁଦ୍ଧ ଘଟଣା; ୫୯ ଗିରଫ

ଆଠଗଡ,୨୫।୬(ସମିସ): ମଙ୍ଗଳବାର ଆଠଗଡ଼ ପଞ୍ଚାୟତ ସମିତି ବୈଠକର ଅବ୍ୟବହିତ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ବିଜେପି ମଧ୍ୟରେ ଖଣ୍ଡଯୁଦ୍ଧ ଘଟିବା ସହ ବହୁ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପୁଲିସ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ଦ୍ଦୋଷ ଥିବା ଜଣାପଡ଼ିବା ପରେ ଛାଡି ଦିଆଯାଇଥିଲା। ତେବେ ୫୯ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ପଞ୍ଚାୟତ ସମିତିର ୧୦ମ ବୈଠକରେ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିକୁ ସହ୍ୟ କରି ନ ପାରି ବିଜେପି କର୍ମୀମାନେ ବିଧାୟକ ଆସିବା ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। କୌଣସି ପ୍ରକାର ଅଘଟଣକୁ ଟାଳିବା ନେଇ ଉପସ୍ଥିତ ପୁଲିସ କର୍ମଚାରୀମାନେ ବିଜେପି କର୍ମୀଙ୍କୁ ବୁଝାସୁଝା କରି ଘଟଣାସ୍ଥଳରୁ ଚାଲିଯିବାକୁ ନିବେଦନ କରିଥିଲେ। ହେଲେ ବିଜେପି କର୍ମୀମାନେ ରକ୍ତମୁଖା ହୋଇ ପୁଲିସ ଉପରକୁ ଢେଲା, ପଥର ମାଡ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୁଲିସ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଥିଲା। ଆଠଗଡ ପୁଲିସ ବାଧ ହୋଇ ମୃଦୁ ଲାଠି ଚାଳନା କରିଥିଲା। ବିଜେପି କର୍ମୀ ସମିତି କାର୍ଯ୍ୟାଳୟ ସମ୍ମୁଖରୁ ହଟିଯାଇ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଡକୁ ପଳାଇ ଯାଇ ପୁଲିସ ଉପରକୁ ଅଣ୍ଡା ଓ ପଥର ମାଡ କରିଥିଲେ। ଏହି ଆକ୍ରମଣରେ ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି ଗୁରୁତର ହେବା ସହିତ, ତିଗିରିଆ ଥାନା ଏଏସଆଇ ବିଶ୍ୱଜିତ ଜେନାଙ୍କ ସହ ବହୁ ପୁଲିସ ଅଧିକାରୀ ଆହତ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

ସାକ୍ଷାତକାର



## "ସୁଟିଂ ସେଟ୍ ମୋ' ଦ୍ୱିତୀୟ ଘର"

### ସୋନାଲି ଚୌଧୁରୀ
ଅଭିନେତ୍ରୀ

ଦିନେ ନା ଦିନେ ସେ ଅଭିନେତ୍ରୀ ହେବେ । ଏମିତି ଏକ ସ୍ୱପ୍ନ ପିଲାଟି ଦିନରୁ ସେ ଦେଖି ଆସିଥିଲେ । ଏହି ସ୍ୱପ୍ନ ପୂରା କରିବାକୁ ୨୦୨୧ ମସିହାରେ ସେ 'ରଜ ସୁନ୍ଦରୀ'ରେ ଭାଗ ନେଇଥିଲେ । ଏଥିରେ ନିଜର ଦକ୍ଷତା ପ୍ରତିପାଦନ କରି ଗ୍ରାଣ୍ଡ ଫାଇନାଲିଷ୍ଟ ହୋଇଥିଲେ । ଏହା ପରେ ଧାରାବାହିକରେ ଅଭିନୟ କରିବାକୁ ତାଙ୍କର ମନ ବଳିଲା । ଏଥିପାଇଁ ତରଙ୍ଗ ଟିଭି ତାଙ୍କୁ ଏକ ସୁଯୋଗ ଦେଇଥିଲା । ସେ 'ଅତୁଟ ବନ୍ଧନ' ଧାରାବାହିକ ପାଇଁ ଅଡିସନ୍ ଦେଇ ଏଥିରେ ତ୍ରିଷ୍ଣା ଭୂମିକାରେ କାମ ଆରମ୍ଭ କରି ସଫଳତା ପାଇଥିଲେ । ସେଭଳି ଜଣେ ସଫଳ ଅଭିନେତ୍ରୀ ହେଉଛନ୍ତି ଭୁବନେଶ୍ୱରର ସୋନାଲି ଚୌଧୁରୀ । ଅଭିନୟ ଜଗତରେ ତାଙ୍କ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ ।

**ଅଭିନୟର ଯାତ୍ରା କିପରି ଥିଲା ?**

● ଅଭିନେତ୍ରୀ ହେବାକୁ ପିଲାଦିନରୁ ସ୍ୱପ୍ନ ଦେଖିଥିଲି । ଯେହେତୁ ମୁଁ ପ୍ରଥମେ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲି । ତେଣୁ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଏମ୍.ସି.ଏ. ଅଧ୍ୟୟନ ଆରମ୍ଭ କରିଥିଲି । ପାଠପଢ଼ା ସମୟରେ ୨୦୨୧ ମସିହାରେ ରିଆଲିଟି ଶୋ' 'ରଜସୁନ୍ଦରୀ'ରେ ଗ୍ରାଣ୍ଡ ଫାଇନାଲିଷ୍ଟ ହେବା ପରେ ଧାରାବାହିକରେ କାମ କରିବାକୁ ଇଚ୍ଛା ହେଲା । ଠିକ୍ ସେତିକିବେଳେ ମୋତେ ତରଙ୍ଗ ଟିଭି ପକ୍ଷରୁ 'ଅତୁଟ ବନ୍ଧନ' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା । ଏହି ପ୍ରଥମ ପ୍ରୋଜେକ୍ଟରେ ଓଡ଼ିଶାବାସୀଙ୍କ ଢେର ସାରା ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି । ଏଥିରେ ଶ୍ରେଷ୍ଠ ଡେବ୍ୟୁଟାଣ୍ଟ ସମ୍ମାନରେ ସମ୍ମାନିତ ହୋଇଛି ମଧ୍ୟ ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?**

● 'ଅତୁଟ ବନ୍ଧନ'ରେ ତ୍ରିଷ୍ଣା ଚରିତ୍ରଟି ମୋ ନିଜ ସହିତ ପ୍ରାୟତଃ ସମାନ । ତେଣୁ ଏହି ଚରିତ୍ର କରିବାକୁ ଯଦିଓ କଷ୍ଟ ହୋଇ ନ ଥିଲା, ହେଲେ ପ୍ରଥମେ କ୍ୟାମେରାକୁ ସାମ୍ନା କରିବାକୁ ପୂରା ଡରି ଯାଉଥିଲି । ହେଲେ ଏହି ସମୟରେ ଧାରାବାହିକର ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାର ମୋତେ ପୂରା ସହଯୋଗ କରିଥିଲେ । ସେମାନଙ୍କର ସହଯୋଗ ସହିତ ମୋ ନିଜର ଇଚ୍ଛାଶକ୍ତି ବଳରେ ଅଭିନୟ ଭଲ କରିପାରିଥିଲି ।

**ଅତୁଟ ବନ୍ଧନରେ ତ୍ରିଷ୍ଣା ଚରିତ୍ର ବିଷୟରେ କିଛି କୁହନ୍ତୁ ?**

● ଭାଇ ଭଉଣୀଙ୍କ ସମ୍ପର୍କକୁ ସବୁଠୁ ପବିତ୍ର ସମ୍ପର୍କ ବୋଲି କୁହାଯାଏ । ଏହି ଧାରାବାହିକରେ ତ୍ରିଷ୍ଣା ପିଲାଦିନରୁ ତା' ବାପାମାଙ୍କୁ ହରାଇଛି । ତା' ପାଇଁ ତା' ଭାଇ ବାପାମା' ସବୁକିଛି । ତ୍ରିଷ୍ଣାକୁ ମୁରଲୀ ନାମକ ଯୁବକ ଭଲ ପାଉଛି । ତାକୁ ସେ ବିବାହ କରୁଛି । ବିବାହ ପରେ ବି ତ୍ରିଷ୍ଣା ତା' ଭାଇର ଯତ୍ନ ନେବାକୁ ଭୁଲି ନାହିଁ । ତେଣୁ ଶାଶୂଘରେ ସ୍ୱାମୀ ଆଉ ବୋହୂର କର୍ତ୍ତବ୍ୟ ଭିତରେ ସେ ଭାଇ କଥା ବୁଝୁଛି । ନିଜ ପରିବାରର ସମସ୍ତଙ୍କର ଧ୍ୟାନ ଦେଉଛି । ତେଣୁ ଏହା ଏକ ଦମ୍‌ଦାର ଚରିତ୍ର । ମୁରଲୀ ଆଉ ମୋର ଯୋଡ଼ିକୁ ଦର୍ଶକ ବହୁତ ଭଲପାଇବା ଦେଉଛନ୍ତି ।

**ଆଗାମୀ ଯୋଜନା ?**

ନୂତନ ପ୍ରୋଜେକ୍ଟର ଅଫର୍ ରହିଛି । ପ୍ରଥମ ଧାରାବାହିକ ସରିବା ପରେ ସେଥିରେ କାମ ଆରମ୍ଭ କରିବାକୁ ଆଶା ରଖିଛି । ତା' ସହିତ ବଡ଼ ପରଦାରେ କାମ କରିବାକୁ ସୁଯୋଗ ମିଳିଲେ ବି କରିବି ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

ସୁଟିଂ ନଥିଲେ ମୁଁ ଶୋଇବାକୁ ଭଲ ପାଏ । ସୁଟିଂ ପାଇଁ ସମୟ ଅଭାବ ରହୁଥିବାରୁ ଫାଙ୍କା ମିଳିଲେ ଘର ଲୋକଙ୍କ ସହ ସମୟ କାଟେ । ଆଉ ଗୋଟେ କଥା କହିବି ଘର ପରି ଆମର ଅଧିକ ସମୟ ସୁଟିଂ ସେଟ୍‌ରେ କଟେ । ତେଣୁ ସୁଟିଂ ସେଟ୍ ମୋର ଦ୍ୱିତୀୟ ଘର ।

**ଏ ଲାଇନ୍‌ରେ ଆଗକୁ ବଢ଼ିବାକୁ କ'ଣ କରିବା ଦରକାର?**

ନିଜ ଚରିତ୍ରକୁ ସବୁବେଳେ ଗୁରୁତ୍ୱ ଦେବା ଦରକାର । ନିଜ କାମ ଭାବି ଅଭିନୟ କରିଲେ, କାମ ଭଲ ହୁଏ । ଏଥିପାଇଁ ମାନସିକ ଭାବେ ପ୍ରସ୍ତୁତି ରହିବା ଦରକାର । ବରିଷ୍ଠ କଳାକାରଙ୍କ ମାର୍ଗଦର୍ଶନ ଯେତେ ମିଳିଲେ ବି ନିଜକୁ ଆଗକୁ ବଢ଼ାଇବାକୁ ପ୍ରୟାସ କରିବା ଆବଶ୍ୟକ । ଏହାଦ୍ୱାରା ସୁଯୋଗ ଆପେ ଆପେ ମିଳିଥାଏ । ■




## ଅଜୟ-ନୀରୁଙ୍କ ଯୋଡ଼ି

ଖୁବ୍‌ଶୀଘ୍ର ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ 'ସନ ଅଫ୍ ସର୍ଦ୍ଦାର-୨'ରେ ନଜର ଆସିବେ । ଏହି ସିନେମାରେ ଅଜୟଙ୍କ ସହିତ ମୃଣାଳ ଠାକୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ । ହେଲେ ଏହି ସିନେମାରେ ଅଜୟଙ୍କ ପତ୍ନୀଙ୍କ ଚରିତ୍ରରେ ଅଭିନୟ କରିବେ ନୀରୁ ବାଜୱା । ଏହି ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ କେତେ ପସନ୍ଦ କରୁଛନ୍ତି, ସିନେମା ମୁକ୍ତିଲାଭ କଲେ ହିଁ ଜଣାପଡ଼ିବ । ବିଜୟ କୁମାର ଅରୋରଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଜୁଲାଇ ୨୫ରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି । ଅନ୍ୟପକ୍ଷରେ ୨୦୧୨ ମସିହାରେ ଆସିଥିବା ସନ୍ ଅଫ୍ ସର୍ଦ୍ଦାରର ଏହା ହେଉଛି ଦ୍ୱିତୀୟ ଭାଗ । ଯାହାକି ଏବେ ୧୩ ବର୍ଷ ପରେ ଆସୁଛି । ତେବେ ପ୍ରଥମ ଭାଗଟି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ■

## ସୋନମଙ୍କ କେଶ ଦାନ





ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଥାଆନ୍ତି ବଲିଉଡ୍ ଅଭିନେତ୍ରୀ ସୋନମ କପୁର । ଏବେ ପୁଣି ସେ ତାଙ୍କ କେଶ କଟା ଯୋଗୁଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ଏଥର କେଶ କାଟିବା ପାଇଁ ନୁହେଁ, ବରଂ କେଶ ଦାନ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି । ସୋନମ କିଛି ଦିନ ତଳେ ନିଜ ସାମାଜିକ ଗଣମାଧ୍ୟମରେ ନିଜ କେଶ କଟାର ଏକ ଭିଡିଓ ସେୟାର୍ କରିଥିଲେ । ଯାହାକି ସାମ୍ନାକୁ ଆସିବା ପରେ ସମସ୍ତଙ୍କ ନଜରକୁ ଆସିଛି । ସୋନମ କହିଛନ୍ତି, ବହୁଦିନ ହେବ ସେ ନିଜ କେଶ କାଟି ତାହାକୁ ଚ୍ୟାରିଟିରେ ଦାନ କରିବା କଥା ଯୋଜନା କରୁଥିଲେ । ଏହା ଶେଷରେ ସଫଳ ହୋଇଛି । ସୋନମ୍ ପାର୍ଲରରେ ନିଜ କେଶ ଛୋଟ କରିଥିବା ଦେଖାଯାଇଛି । ସେ ପ୍ରାୟ ୧୨ ଇଞ୍ଚ କେଶ କାଟି ତାହାକୁ ଦାନ କରିବାର ନିର୍ଣ୍ଣୟ ନେଇଛନ୍ତି । ସେହିପରି ସୋନମ ତାଙ୍କର ସୁନ୍ଦର କେଶ ପାଇଁ ତାଙ୍କ ବାପା ଅନିଲ କପୁରଙ୍କୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି । ଅନ୍ୟପଟେ ସୋନମଙ୍କ ଏହି ନିଷ୍ପତ୍ତିରେ ତାଙ୍କ ପ୍ରଶଂସକଙ୍କମାନେ ଖୁବ୍ ଖୁସି ହୋଇଛନ୍ତି । ■

## କପିଳଙ୍କ ଫି' ୫ କୋଟି



ଲୋକପ୍ରିୟ କମେଡି ଶୋ' 'ଦ ଗ୍ରେଟ୍ ଇଣ୍ଡିଆନ୍ କପିଳ ଶୋ' ସିଜନ୍-୩' ପାଇଁ କପିଳ ଶର୍ମା ଚର୍ଚ୍ଚାରେ ଥାଆନ୍ତି । ଏବେ କିନ୍ତୁ ଏଥିରେ ତାଙ୍କ ପାରିଶ୍ରମିକ କେତେ ରହିଛି, ସେ ବାବଦରେ ଦର୍ଶକେ ଜାଣିବାକୁ ଚାହିଁଛନ୍ତି । ଯାହାକି ଏବେ ସାମ୍ନାକୁ ଆସିଛି । ଏହି ଶୋ'ର ପ୍ରତ୍ୟେକ ଅଧ୍ୟାୟ ଲାଗି ସେ ୫ କୋଟି ଟଙ୍କା ଦାବି କରିଛନ୍ତି । ଏହିପ୍ରକାରେ ଉକ୍ତ ସିଜନ୍‌ରେ ସେ ସମୁଦାୟ ୧୯୫ କୋଟି ଟଙ୍କା ଆୟ କରିବା କୁହାଯାଉଛି । ସେହିପରି ଏହି ଶୋ' ଲାଗି କମେଡିଆନ୍ ସୁନୀଲ ଗ୍ରୋଭର ପ୍ରତି ଅଧ୍ୟାୟକୁ ୨୫ ଲକ୍ଷ ଟଙ୍କା ନେବେ । ଏହାବାଦ୍ କୃଷ୍ଣା ଅଭିଷେକଙ୍କୁ ପ୍ରତି ଏପିସୋଡ୍ ପାଇଁ ୧୦ ଲକ୍ଷ ଟଙ୍କା ଦିଆଯିବ ସହ କିକୁ ଶାରଦାଙ୍କୁ ୭ ଲକ୍ଷ ଟଙ୍କା ଏବଂ ରାଜୀବ ଠାକୁରଙ୍କୁ ୬ ଲକ୍ଷ ଟଙ୍କା ଦିଆଯାଉଛି । କପିଳ ଶୋ'ର ସିଜନ୍ ୩ରେ ବିଚାରପତି ଆସନ ଅଳଙ୍କୃତ କରିଥିବା ଅର୍ଚ୍ଚନା ପୁରନ୍ ପ୍ରତି ଏପିସୋଡ୍ ଲାଗି ୧୦ ଲକ୍ଷ ଟଙ୍କା ନେବା କହିଛନ୍ତି । ସେହିପରି ଏହି ନୂଆ ସିଜନ ମାଧ୍ୟମରେ ନବଜୋତ ଫେରିଛନ୍ତି । ସେ ଏହି ଶୋ'ର ପ୍ରତ୍ୟେକ ଅଧ୍ୟାୟ ଲାଗି ୩୦ ଲକ୍ଷ ଟଙ୍କା ନେବେ । ଏହି ସିଜନ୍ ନେଟ୍‌ଫିଲ୍ମ୍ସରେ ପ୍ରସାରିତ ହେଉଛି । ■

## ବ୍ରହ୍ମପୁରରେ 'ଲଢ଼େଇ'




ପୂର୍ବରୁ ବ୍ରହ୍ମପୁରରେ ଏକାଧିକ ସିନେମାର ସୁଟିଂ ହୋଇଛି । ସେଥି ମଧ୍ୟରୁ 'ପୁନର୍ମିଳନ', 'ଅନୁରାଧା', 'କବି ସମ୍ରାଟ ଉପେନ୍ଦ୍ରଭଞ୍ଜ', 'ଅଲିଭାଦାଗ' ଅନ୍ୟତମ । ବ୍ରହ୍ମପୁର ସହରରେ ଅନେକ ଆକର୍ଷଣୀୟ ଓ ମନୋରମ ସ୍ଥାନ ରହିଛି । ସେଠାକାର ଚଳଣି, ସଂସ୍କୃତି ଓ ପରମ୍ପରା ଏଯାଏଁ ଲୋକଲୋଚନକୁ ଆସିପାରି ନାହିଁ । ଚଳଚ୍ଚିତ୍ର ମାଧ୍ୟମରେ ସେସବୁକୁ ଦର୍ଶକଙ୍କ ଆଗକୁ ଆଣିବାକୁ ପ୍ରୟାସ କରିଛନ୍ତି ନିର୍ଦ୍ଦେଶକ ଅଶୋକ ପତି । ତାଙ୍କ ନିର୍ଦ୍ଦେଶିତ ଆଗାମୀ ଚଳଚ୍ଚିତ୍ର 'ଲଢ଼େଇ'ର ଅଶି ଭାଗ ସୁଟିଂ ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ କରାଯାଇଛି । ଏମିତି କୌଣସି ଜାଗା ନାହିଁ, ଯେଉଁଠି ସୁଟିଂ ହୋଇ ନାହିଁ । ରାମ ଲିଙ୍ଗେଶ୍ୱର ଷ୍ଟାଚ୍ୟୁ, ଇନ୍ଦିରା ଗାନ୍ଧୀ ଛକ, ଧବଳେଶ୍ୱର ନୋଳିଆ ବସ୍ତି, ଅନ୍ନପୂର୍ଣ୍ଣା ଓ ଗିରିଜା ହୋଟେଲ, ହନୁମାନ ସାହି, ବିଏମ୍‌ସି ହାଇ ସ୍କୁଲ ଆଦି ପ୍ରମୁଖ ସ୍ଥାନରେ ସୁଟିଂ ହୋଇଛି । ଏହାସହ ଏହାର ୟୁନିଟ୍ ସେଠାରେ ୧୪ ଦିନ ଧରି ଡେରା ପକାଇ ଥିଲା । କେବଳ ସେତିକି ନୁହେଁ, ଏହି ଚଳଚ୍ଚିତ୍ରରେ ବ୍ରହ୍ମପୁର ସହରର ଅଧିକାଂଶ କଳାକାରଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି । ଡି.ଏସ୍.ଆର୍ ଏଣ୍ଟରପ୍ରାଇଜେସ୍ ନିବେଦିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ' ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସିବ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି । ଦୃଶ୍ୟ ଗ୍ରହଣରେ ଅଛନ୍ତି କୁଳଡ଼ି । ସିନେମାର ନାୟକ ଓ ନାୟିକା ଭୂମିକାରେ ଅଛନ୍ତି ଲୋହିତାକ୍ଷ ଓ ଅଭିଲିପ୍ସା । ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ । ତେବେ ଏକଦା ବ୍ରହ୍ମପୁରରେ ସର୍ବାଧିକ ସିନେମା ହଲ୍ ଥିଲା । ଦକ୍ଷିଣ ଓଡ଼ିଶାର ଲୋକମାନେ ସିନେମା ଦେଖିବାକୁ ବେଶୀ ପସନ୍ଦ କରନ୍ତି । ତେଣୁ ନିଜ ଚଳଚ୍ଚିତ୍ର ଜରିଆରେ ଦକ୍ଷିଣ ଓଡ଼ିଶାକୁ ଟାର୍ଗେଟ କରିଛନ୍ତି ନିର୍ଦ୍ଦେଶକ ଅଶୋକ ପତି । ■



ପରଦା ପଛର କାହାଣୀ

## ପ୍ରଥମ ହିନ୍ଦୀ ଭୂତ ଫିଲ୍ମ

ଦିନକୁ ଦିନ ହିନ୍ଦୀ ତଥା ସାଉଥ୍ ଫିଲ୍ମ ଜଗତରେ ହରର ଫିଲ୍ମର କ୍ରେଜ୍ ବଢ଼ି ବଢ଼ି ଚାଲିଛି । ଫିଲ୍ମ ନିର୍ମାତାମାନେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଏଥିରେ ଭରପୂର କମେଡ଼ି ଦୃଶ୍ୟ ରଖୁଛନ୍ତି । ତେବେ ହିନ୍ଦୀ ସିନେମା ଜଗତରେ ପ୍ରଥମ ହରର ଫିଲ୍ମ କେବେ ଆରମ୍ଭ ହୋଇଥିଲା? ସେ ନେଇ ଅନେକ ଜାଣି ନ ଥିବେ । ଭାରତର ପ୍ରଥମ ହରର ଫିଲ୍ମ ଥିଲା 'ମହଲ' । କମଲ ଅମ୍‌ରୋହୀ ନିର୍ଦ୍ଦେଶିତ ଏହି ଫିଲ୍ମ ୧୯୪୯ ମସିହାରେ ମୁକ୍ତିଲାଭ କରିଥିଲା । ଏହି ଫିଲ୍ମ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁ ଥିଲା । କାହାଣୀ, ଦୃଶ୍ୟ, ଚରିତ୍ର, ଗୀତ ସବୁ କିଛି ସୁପରହିଟ୍ ହୋଇଥିଲା । ୨ ଘଣ୍ଟା ୪୫ ମିନିଟ୍ ଅବଧିର ଏହି ଫିଲ୍ମରେ ଲୋକପ୍ରିୟ ଅଭିନେତା ଅଶୋକ କୁମାର, ଅଭିନେତ୍ରୀ ମଧୁବାଲାଙ୍କ ସମେତ ଏମ୍. କୁମାର, ଲୀଲା ପାଣ୍ଡେଙ୍କ ଭଳି କଳାକାର ପ୍ରମୁଖ ଚରିତ୍ରରେ ଚମତ୍କାର ଅଭିନୟ କରିଥିଲେ । ବମ୍ବେ ଟକିଜ୍ ବ୍ୟାନରରେ ନିର୍ମିତ ଏହି ଫିଲ୍ମ ସେ ସମୟର ଦାମୀ ଫିଲ୍ମ ମଧ୍ୟରୁ ଅନ୍ୟତମ ଥିଲା । ନାମୀଦାମୀ ଅଭିନେତା ଅଭିନେତ୍ରୀ, ଆକର୍ଷଣୀୟ ସେଟ୍, ଚିରସବୁଜ ଗୀତ ସହିତ ଗୋଟିଏ ଗୋଟିଏ ଦୃଶ୍ୟକୁ ଖୁବ୍ ସୁନ୍ଦର ଭାବରେ କମଲ ଅମ୍‌ରୋହୀ ସୁଟ୍ କରିଥିଲେ । ଫିଲ୍ମର କାହାଣୀ ରହସ୍ୟ ଓ ପୁନର୍ଜନ୍ମ ଉପରେ ପର୍ଯ୍ୟବସିତ । କାହାଣୀର ଆରମ୍ଭ ହରି ଶଙ୍କରଙ୍କଠାରୁ ହୋଇଥିଲା । ସେ ଏକ ମହଲ ଭିତରକୁ ପ୍ରବେଶ କରନ୍ତି । ମହଲର ଜଣେ ଚୌକିଦାର ତାଙ୍କୁ ସେଠାରେ ପୂର୍ବରୁ ରହୁଥିବା ଦୁଇ ପ୍ରେମୀ ଯୁଗଳଙ୍କ ଦୁଃଖ କାହାଣୀ ଶୁଣାନ୍ତି । ସେମାନଙ୍କ ମୃତ୍ୟୁ କିପରି ହୋଇଥିଲା ତାହା କୁହନ୍ତି । ଏମିତି ରହସ୍ୟ ଘେରରେ ଫିଲ୍ମର କାହାଣୀ ଆଗକୁ ଗତିଶୀଳ ହୋଇଛି । ଭୂତର ଆବିର୍ଭାବ, ରହସ୍ୟ, ରୋମାଞ୍ଚଭରା କାହାଣୀ ଯୋଗୁଁ 'ମହଲ' ଦର୍ଶକୀୟ ପ୍ରଶଂସା ଲାଭ କରିଥିଲା । ସେହି ସମୟରେ ଏହି ଫିଲ୍ମ ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା । ଯାହାର ବର୍ତ୍ତମାନ ମୂଲ୍ୟ ୧୫ କୋଟିରୁ ଊର୍ଦ୍ଧ୍ୱ ବୋଲି କୁହାଯାଉଛି । ଏହି ଫିଲ୍ମଟି ରେକର୍ଡ ସଂଖ୍ୟକ ୧.୨୫ କୋଟି ଟଙ୍କା ଆୟ କରିଥିଲା । ଯାହାର ଏବେର ମୂଲ୍ୟ ୨୧୮ କୋଟି ବୋଲି କୁହାଯାଉଛି । ତେବେ ଭୂତ ଆଧାରିତ ପ୍ରଥମ ହିନ୍ଦୀ ଫିଲ୍ମ ଭାବେ 'ମହଲ' ବେଶ୍ ଲୋକପ୍ରିୟ ହୋଇଥିଲା । ■



# ଶୃଙ୍ଖଳା, ନିୟନ୍ତ୍ରଣ ଅଭାବରୁ ହାରିଲା ଭାରତ

## ୭୨ ରନ୍‌ରେ ୧୩ ୱିକେଟ ● ଅଧାଡଜନେ କ୍ୟାଚ୍ ଡ୍ରପ୍

ଲିଡ୍ସ,୨୫।୬ (ଏଜେନ୍ସି):

ସ୍ଥାନୀୟ ହେଡିଂଲେରେ ଜୁନ୍ ୨୦ରୁ ୨୪ ତାରିଖଯାଏ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୫ଜଣ ବ୍ୟାଟର ଶତକ ହାସଲ କରିଥିଲେ ମଧ୍ୟ ଭାରତକୁ ୫ ୱିକେଟରେ ହରାଇଛି ଘରୋଇ ଇଂଲଣ୍ଡ ଦଳ। ରେକର୍ଡକୁ ଦେଖିଲେ ଭାରତ ବିଶ୍ୱରେ ପ୍ରଥମ ଦଳ ଯିଏକି ଗୋଟିଏ ଟେଷ୍ଟରେ ୫ଟି ଶତକ ହାସଲ କରିବା ପରେ ପରାଜୟ ବରଣ କରିଛି। ଏହି ରେକର୍ଡ ପୂର୍ବରୁ ଅଷ୍ଟ୍ରେଲିଆ (୪ଟି ଶତକ) ନାମରେ ରହିଥିଲା। କିନ୍ତୁ ତଥ୍ୟ ବା ରେକର୍ଡ ନୁହେଁ ଏହି ଟେଷ୍ଟରେ ଭାରତୀୟ ଖେଳାଳିମାନେ କ୍ରିକେଟ ଖେଳିବାରେ ଯେପରି ଶୃଙ୍ଖଳା ଓ ନିୟନ୍ତ୍ରଣ ରଖିବା କଥା ତାହା ରଖିବାରେ ସମର୍ଥ ହୋଇନାହାନ୍ତି। ଯେଉଁଥିଲାଗି ଭାରତ ରେକର୍ଡ ରନ୍ କରିବା ସତ୍ତ୍ୱେ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ କ୍ରିକେଟର ୩ଟିଯାକ ବିଭାଗ ବ୍ୟାଟିଂ, ବୋଲିଂ କିମ୍ବା ଫିଲ୍ଡିଂ ସବୁଥିରେ ଭାରତୀୟ ଖେଳାଳିମାନେ ଶୃଙ୍ଖଳିତ ପ୍ରଦର୍ଶନ କରିପାରି ନାହାନ୍ତି କିମ୍ବା ନିୟନ୍ତ୍ରଣ ରଖିବାରେ ଅସମର୍ଥ ହୋଇଛନ୍ତି। ଯାହା ଫଳରେ ଭାରତ ପ୍ରଦତ୍ତ ୩୭୧ ରନ୍‌ର ଟାର୍ଗେଟକୁ ଇଂଲଣ୍ଡ ୫ ୱିକେଟ ହରାଇ ସହଜରେ ହାସଲ କରିନେଇଥିଲା।

**ଫିଲ୍ଡିଂ:** ଏଠାରେ ଭାରତ ଯେଉଁ ଦୁଇଟି ବିଭାଗରେ ସବୁଠାରୁ ଖରାପ ଖେଳ ପ୍ରଦର୍ଶନ କରିଛି, ତାହା ମଧ୍ୟରେ ଫିଲ୍ଡିଂ ଓ ବୋଲିଂରେ ଖେଳାଳିମାନେ ଅଧିକ ବିଶୃଙ୍ଖଳିତ ପ୍ରଦର୍ଶନ କରିଛନ୍ତି। ଏହି ପିଚ୍‌ରେ ବୋଲରଙ୍କୁ ବିଶେଷ ସହାୟତା ମିଳି ନ ଥିଲା। ଏହା ସତ୍ତ୍ୱେ ସେମାନେ ଭଲ ବୋଲିଂ କରନ୍ତୁ କିମ୍ବା ଇଂଲଣ୍ଡ ବ୍ୟାଟର ଖରାପ ପ୍ରଦର୍ଶନ କରି ଆଉଟ ହେବାର ସୁଯୋଗ ଦିଅନ୍ତୁ, ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ ଭାରତୀୟ ଫିଲ୍ଡର। ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂରେ ଭାରତୀୟ



ଫିଲ୍ଡରମାନେ ୫ଟି କ୍ୟାଚ୍ ହାତଛଡ଼ା କରି ନ ଥିଲେ ଖେଳର ସ୍ଥିତି ନିଶ୍ଚିତ ଭାବେ ଅଲଗା ହୋଇଥାନ୍ତା। ଏହା ମଧ୍ୟରୁ ଓପନର ଯଶସ୍ୱୀ ଜୟସ୍ୱାଲ ବୁମ୍‌ରାଙ୍କ ବୋଲିଂରେ ୩ଟି ଓ ଶେଷ ଦିନରେ ମହମ୍ମଦ୍ ସିରାଜଙ୍କ ବୋଲିଂରେ ଆଉ ଏକ କ୍ୟାଚ୍ ହାତଛଡ଼ା କରିଥିଲେ। ଏହାର ଫାଇଦା ମିଳିଥିଲା ଇଂଲଣ୍ଡକୁ। କ୍ୟାଚ୍ ଡ୍ରପ୍ ହେବା ଫଳରେ ହ୍ୟାରୀ ବ୍ରୁକ୍ ୦ରୁ ୯୯ ଓ ଦ୍ୱିତୀୟ ଇନିଂସରେ ବେନ୍ ଡକେଟ ୯୭ରୁ ୧୪୯ ରନ୍ କରିଥିଲେ। ଏହା ପରେ ବେନ୍ ଷ୍ଟୋକ୍‌ସ ଦେଇଥିବା ଅନ୍ୟ ଏକ ଅଣପାରମ୍ପରିକ କ୍ୟାଚ୍‌କୁ ମଧ୍ୟ କ୍ଲୋଜ୍ ଇନ୍ ଫିଲ୍ଡର ଧରିବା ତ ଦୂରର କଥା ଆଟେମ୍ପଟ ମଧ୍ୟ କରି ନ ଥିଲେ। ଏଭଳି ଫିଲ୍ଡିଂ ଭାରତର ପରାଜୟରେ ଅନ୍ୟତମ ମୁଖ୍ୟ କାରଣ ଭାବେ ବିବେଚିତ ହେଉଛି।

**ବୋଲିଂ:** ଇଂଲଣ୍ଡ ଇନିଂସ ଆରମ୍ଭରେ ଭାରତର ବୋଲରମାନେ କିଛି ଭଲ ପ୍ରଦର୍ଶନ ଦେଇଥିଲେ। କିନ୍ତୁ ଶେଷ ଭାଗରେ ସେମାନେ ନିଜ ଉପରେ ନିୟନ୍ତ୍ରଣ ହରାଇଥିଲେ। ମ୍ୟାଚ୍‌ର ୫ମ ତଥା ଶେଷ ଦିନର ଉଦାହରଣ ନିଆଗଲେ ଭାରତୀୟ ବୋଲରଙ୍କ ଦୁର୍ବଳତା ସ୍ପଷ୍ଟ ହୋଇଥାଏ। ଇଂଲଣ୍ଡକୁ ମ୍ୟାଚ୍ ଜିତିବାକୁ ୩୦ ରନ୍ ଆବଶ୍ୟକ ହେଉଥିଲାବେଳେ ପ୍ରଥମଥର ଟେଷ୍ଟ ଦଳର ନେତୃତ୍ୱ ନେଉଥିବା ଗିଲ୍ ୭-୨ରେ ଅଫ୍‌ସାଇଡ୍ ଫିଲ୍ଡ ସଜାଇଥିଲେ। ଜୋ ରୁଟ୍‌ଙ୍କୁ ବୋଲିଂ କରୁଥିଲେ ଶାର୍ଦ୍ଦୁଳ ଠାକୁର। ଏହି ଓଭରରେ ସେ ତାଙ୍କ ପ୍ରଥମ ବଲ୍‌ରୁ ଅଫ୍ ସାଇଡ୍‌ରେ ପକାଇବା ପରିବର୍ତ୍ତେ ମିଡଲ ଷ୍ଟମ୍ପରେ ଫୁଲ୍ ବଲ ପକାଇଥିଲେ। ରୁଟ୍ ଏହାକୁ ଫାଇନ୍ ଲେଗକୁ ଗ୍ଲାନ୍ସ କରି ସିଙ୍ଗଲ ନେଇଥିଲେ। କିନ୍ତୁ ଏଥିରେ କି ଲାଭ ମିଳିଲା। ଯୋଜନା ହେବ ଗୋଟିଏ ପ୍ରକାରର, ବୋଲିଂ କରିବେ ଅନ୍ୟ ପ୍ରକାରର। ଏହା ଆଦୌ ଠିକ୍ ନୁହେଁ। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କୁ ବାଦ୍ ଦେଲେ ଅନ୍ୟ ପେସ୍ ବୋଲରମାନେ ଆଦୌ ଭଲ ପ୍ରଦର୍ଶନ ଦେଇ ପାରି ନ ଥିଲେ। ଜଣେ ଅଲରାଉଣ୍ଡରଭାବେ ଖେଳୁଥିବା ଶାର୍ଦ୍ଦୁଳ ଗୋଟିଏ ଓଭରରେ ୨ଟି ୱିକେଟ ନେବା ଛଡ଼ା ଅନ୍ୟ ସବୁବେଳେ ନିଜ ଉପରେ ନିୟନ୍ତ୍ରଣ ହରାଇଥିଲେ। 'ଆମ ବୋଲିଂର ଦୁର୍ବଳତା ପଦାରେ ପଡ଼ିଯାଇଛି। ଏହାର ପ୍ରମୁଖ କାରଣ ହେଲା ବିଦେଶ ମାଟିରେ ଖେଳିବାର ଅଭିଜ୍ଞତାର ଅଭାବ। ପ୍ରତ୍ୟେକ ଟେଷ୍ଟ ପରେ ଯଦି ଆମେ ବୋଲରମାନଙ୍କୁ ଦୋଷ ଦେବା ଆରମ୍ଭ କରିବା ତେବେ ସେମାନେ ଅଭିଜ୍ଞ ହୋଇ ପାରିବେ ନାହିଁ ବୋଲି କହନ୍ତି ଭାରତୀୟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର। ଏଣୁ ଆମକୁ ଧୈର୍ଯ୍ୟ ଓ ସଂଯମ ରକ୍ଷା କରିବାକୁ ପଡ଼ିବ। ଏଜବାଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହେବ ଦ୍ୱିତୀୟ ଟେଷ୍ଟ। ଏଠାରେ ବ୍ୟାଟରଙ୍କ ରେକର୍ଡ ଭଲ ନୁହେଁ। ବୋଲର ଶୃଙ୍ଖଳିତ ପ୍ରଦର୍ଶନ କଲେ ଭାରତ ଏହି ସିରିଜ୍‌କୁ ବରାବର ସ୍ଥିତିକୁ ଆଣିପାରିବ।

**ବ୍ୟାଟିଂ:** ଏହି ଟେଷ୍ଟରେ ବ୍ୟାଟରମାନେ ଯେଉଁ ସଫଳତା ପାଇଛନ୍ତି, ତାହା ଅନ୍ୟ କୌଣସି ଟେଷ୍ଟରେ ମିଳି ନାହିଁ। ପ୍ରଥମ ଇନିଂସରେ ୩ ଜଣ ଓ ଦ୍ୱିତୀୟ ଇନିଂସରେ ୨ ଜଣ ବ୍ୟାଟର ଶତକ ହାସଲ କରିଛନ୍ତି। ବ୍ୟାଟିଂ ଅର୍ଡରରେ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ, ନଂ-୪ ଅଧିନାୟକ ଶୁବମନ ଗିଲ୍, ନଂ-୫ରେ ଋଷଭ ପନ୍ତ୍ ୨ଟି ଶତକ ହାସଲ କରିଛନ୍ତି। କିନ୍ତୁ ଅନ୍ୟ ବ୍ୟାଟର ଫ୍ଲପ୍ ହୋଇଥିଲେ। ପ୍ରଥମ ଇନିଂସରେ ୪୧ ରନ୍‌ରେ ଶେଷ ୭ଟି ଓ ଦ୍ୱିତୀୟ ଇନିଂସରେ ୩୧ ରନ୍‌ରେ ଶେଷ ୬ଟି ୱିକେଟ ହରାଇବା କୌଣସି ଟେଷ୍ଟ ଦଳ ଲାଗି ଆଦୌ ଶୁଭଙ୍କର ନୁହେଁ। ଏମାନେ ଯଦି କିଛି ସମୟ ତିଷ୍ଠି ରହିଥାନ୍ତେ ତେବେବି ଫଳାଫଳ ଭିନ୍ନ ହୋଇଥାନ୍ତା। ଅନ୍ତର୍ଜାତୀୟ ସ୍ତରରେ ଗୋଟିଏ ଦଳ ୭୨ ରନ୍‌ରେ ୧୩ ୱିକେଟ ହରାଇବା ଏକ ଦୁଃସ୍ୱପ୍ନ ନା ବିଶୃଙ୍ଖଳା ତାହାର ମୂଲ୍ୟାୟନ କରିବା କଷ୍ଟକର। ସେ ଯାହା ହେଉ ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ନୂଆ ଅଧିନାୟକ ଶୁବମନ ଗିଲ୍ ଯଦି କିଛି ଲକ୍ଷ୍ମଣଗାର ବା ନିର୍ଦ୍ଦିଷ୍ଟ ନିୟମ ନ କରନ୍ତି, ତେବେ ଭାରତ ସଫଳତା ପାଇବା କଷ୍ଟକର। ଏଠାରେ ସୂଚନାଯୋଗ୍ୟ ବିଭିନ୍ନ ଦେଶରେ ଭାରତ ଖେଳିଥିବା ୯ଟି ଟେଷ୍ଟ ମଧ୍ୟରୁ ଏହି ମ୍ୟାଚ୍‌କୁ ମିଶାଇ ୭ଟିରେ ପରାଜିତ ହୋଇଛି। ଖେଳରେ ଶୃଙ୍ଖଳା ଓ ଖେଳାଳିଙ୍କ ପ୍ରଦର୍ଶନରେ ନିୟନ୍ତ୍ରଣ ନ ରହିଲେ ଇଶ୍ୱର ସହଯୋଗ କଲେ ବି ଭାରତ ଟେଷ୍ଟ ମ୍ୟାଚ୍ ଜିତିବା କଷ୍ଟକର ହୋଇ ପଡ଼ିବ।

### ଭାରତ ବିପକ୍ଷରେ ସର୍ବାଧିକ ରନ୍ ଚେଜ୍

| ଦେଶ | ଟାର୍ଗେଟ | ଗ୍ରାଉଣ୍ଡ | ସିଜନ |
|---|---|---|---|
| ଇଂଲଣ୍ଡ | ୩୭୮ | ଏଜ୍‌ବାଷ୍ଟନ | ୨୦୨୨ |
| ଇଂଲଣ୍ଡ | ୩୭୧ | ହେଡିଂଲେ | ୨୦୨୫ |
| ଅଷ୍ଟ୍ରେଲିଆ | ୩୩୯ | ପର୍ଥ | ୧୯୭୭/୭୮ |
| ୱେଷ୍ଟଇଣ୍ଡିଜ୍ | ୨୭୬ | ଦିଲ୍ଲୀ | ୧୯୮୭/୮୮ |
| ଦକ୍ଷିଣ ଆଫ୍ରିକା | ୨୪୦ | ୱାଣ୍ଡରର୍ସ | ୨୦୨୧/୨୨ |
| ନ୍ୟୁଜିଲାଣ୍ଡ | ୨୧୩ | ୱେଲିଂଟନ | ୧୯୯୮/୯୯ |

### ଟେଷ୍ଟ ପରାଜୟରେ ସର୍ବାଧିକ ରନ୍

| ଦେଶ | ରନ୍ | ପ୍ରତିଦ୍ୱନ୍ଦ୍ୱୀ | ଗ୍ରାଉଣ୍ଡ | ସିଜନ |
|---|---|---|---|---|
| ଇଂଲଣ୍ଡ | ୮୬୧ | ଅଷ୍ଟ୍ରେଲିଆ | ହେଡିଂଲେ | ୧୯୪୮ |
| ପାକିସ୍ତାନ | ୮୪୭ | ଇଂଲଣ୍ଡ | ରାୱଲପିଣ୍ଡି | ୨୦୨୨/୨୩ |
| ନ୍ୟୁଜିଲାଣ୍ଡ | ୮୩୭ | ଇଂଲଣ୍ଡ | ଟ୍ରେଣ୍ଟବ୍ରିଜ୍ | ୨୦୨୨ |
| ଭାରତ | ୮୩୫ | ଇଂଲଣ୍ଡ | ହେଡିଂଲେ | ୨୦୨୫ |
| ଇଂଲଣ୍ଡ | ୮୧୭ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୧୯୨୦/୨୧ |
| ଅଷ୍ଟ୍ରେଲିଆ | ୮୦୪ | ଦ.ଆଫ୍ରିକା | ଆଡିଲେଡ୍ | ୧୯୧୦/୧୧ |

## ସ୍ୱଦେଶ ଫେରିଲେ ହର୍ଷିତ ରାଣା

ଲିଡ୍ସ,୨୫।୬ (ଏଜେନ୍ସି): ଭାରତୀୟ ପେସ୍ ବୋଲରଙ୍କ ଅସୁସ୍ଥତା ଯୋଗୁଁ ଇଂଲଣ୍ଡରେ ଅଟକି ରହିଥିବା ଅନ୍ୟତମ ଯୁବ ଫାଷ୍ଟ ବୋଲର ହର୍ଷିତ ରାଣାଙ୍କୁ ସ୍ୱଦେଶ ପଠାଇ ଦିଆଯାଇଛି। ଇଂଲଣ୍ଡଠାରୁ ହାରିଯିବା ପରେ ମନୋନୀତ ଖେଳାଳିମାନେ ବସ୍ ଯୋଗେ ବର୍ମିହାମ୍ ଯାଇଥିଲେ। କିନ୍ତୁ ରାଣା ଲଣ୍ଡନ ଫେରିଆସିଥିଲେ। ସୂଚନାଯୋଗ୍ୟ ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତର କିଛି ବୋଲର ଅନ୍‌ଫିଟ୍ ଥିଲେ। ମ୍ୟାଚ୍ ପୂର୍ବରୁ ସେମାନେ ଫିଟ୍ ହେବେ କି ନାହିଁ ଆଶଙ୍କାରେ ଥିବା ଭାରତୀୟ ଦଳର ହେଡ୍ କୋଚ୍ ହର୍ଷିତଙ୍କୁ ଅଟକାଇଥିଲେ। ହର୍ଷିତ ଭାରତ-'ଏ' ଦଳରେ ସାମିଲ ହୋଇ ଇଂଲଣ୍ଡ ଲାୟନ୍ସ ସହ ଖେଳିଥିଲେ। ଏବେ ଭାରତ ପ୍ରଥମ ଟେଷ୍ଟ ହାରିଯିବା ପରେ ସମସ୍ତ ଫାଷ୍ଟ ବୋଲର ଫିଟ୍ ହୋଇଯାଇଛନ୍ତି। ଏଣୁ ହର୍ଷିତଙ୍କର ଆଉ ଆବଶ୍ୟକତା ନାହିଁ ବୋଲି ଗମ୍ଭୀର କହିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜିତି ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହେବ।

## 'ସହଜ କ୍ୟାଚ୍ କେହି ହାତଛଡ଼ା କରନ୍ତି ନାହିଁ'

ନୂଆଦିଲ୍ଲୀ,୨୫।୬ (ଏଜେନ୍ସି): ଇଂଲଣ୍ଡଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ କ୍ରିକେଟ ଦଳ ସମାଲୋଚିତ ହେଉଛି। ଏହା ସତ୍ତ୍ୱେ ଏହି ଦଳ ଉପରେ ଆସ୍ଥା ଓ ବିଶ୍ୱାସ ରଖିବାକୁ ଭାରତୀୟ ବରିଷ୍ଠ କ୍ରିକେଟ ଦଳର ପୂର୍ବତନ ଚୟନକର୍ତ୍ତା କିରଣ ମୋରେ କହିଛନ୍ତି। କିନ୍ତୁ ଦୁର୍ବଳ ଫିଲ୍ଡିଂ ଯୋଗୁଁ ଭାରତୀୟ ଦଳ ପ୍ରଥମ ଟେଷ୍ଟରେ ହାରିବା ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ତାଙ୍କ ମତରେ ଆମେ ପ୍ରଥମ ୨ ଦିନ ଅତ୍ୟନ୍ତ ଭଲ ଖେଳିଥିଲୁ। କିନ୍ତୁ ମ୍ୟାଚ୍‌ର ଶେଷ ଦିନରେ ଇଂଲଣ୍ଡ ଯେତେବେଳେ ରନ୍ ଚେଜ୍ କରୁଥିଲା ସେତେବେଳେ ଫିଲ୍ଡିଂ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଆମେ ଏହି ସମୟରେ ଚମତ୍କାର ବୋଲିଂ କରି ବୋଲରଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ମିସ୍ ଫିଲ୍ଡିଂ କରିଥିଲେ। କିନ୍ତୁ ଯେଉଁଗୁଡିକ ଅତି ସହଜ କ୍ୟାଚ୍ ତାହାକୁ କେହି ହାତଛଡ଼ା କରନ୍ତି ନାହିଁ। କ୍ୟାଚ୍ ଡ୍ରପ୍ ହେବା ଦଳର ପରାଜୟ ଓ ବିଜୟରେ ପାର୍ଥକ୍ୟ ଆଣିଥାଏ ବୋଲି ସେ କହିଥିଲେ। ଏହି ଟେଷ୍ଟରେ ଭାରତ ୮୩୫ ରନ୍ ଓ ୫ଟି ଶତକ କରିବା ସତ୍ତ୍ୱେ ଦଳ ପରାଜିତ ହୋଇଥିଲା।

## ବୁମ୍‌ରାଙ୍କୁ ବିଶ୍ରାମ ଦେବା ପୂର୍ବରୁ ୨ଥର ଚିନ୍ତାକର

**ଗମ୍ଭୀରଙ୍କୁ ରବି ଶାସ୍ତ୍ରୀଙ୍କ ଚେତାବନୀ**

ଲଣ୍ଡନ,୨୫।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୩ଟି ଟେଷ୍ଟ ଖେଳିବେ ବୋଲି କହିଥିଲେ। ଏବେ ସେ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳିବା ପରେ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ନେଇପାରନ୍ତି। ବୁମ୍‌ରାଙ୍କୁ ବିଶ୍ରାମ ଦେବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ଭାରତୀୟ ଦଳର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ବର୍ତ୍ତମାନର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କୁ ଚେତାବନୀ ଦେଇ କହିଛନ୍ତି। ପ୍ରଥମ ଟେଷ୍ଟରେ ବୁମ୍‌ରାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ପ୍ରଭାବ ବିସ୍ତାର କରି ପାରି ନ ଥିଲେ। ଏଣୁ ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦେଲେ ଭାରତ ୦-୨ରେ ସିରିଜ୍ ପଛୁଆ ହେବା ନିଶ୍ଚିତ। ଏଭଳି ହେଲେ ଭାରତୀୟ ଦଳ ଚାପରେ ରହିବ ଓ ସିରିଜ୍‌କୁ ଫେରିବା କଷ୍ଟକର ହେବ ବୋଲି ଶାସ୍ତ୍ରୀ କହିଛନ୍ତି। ସେହିପରି ଅନ୍ୟତମ କିଂବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ମତରେ ଦ୍ୱିତୀୟ ଟେଷ୍ଟରେ କୁଲଦୀପ ଯାଦବ ଖେଳିବା ଉଚିତ। ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ କୁଲଦୀପଙ୍କ ରିଷ୍ଟ ସ୍ପିନ୍ ବେଶ ପ୍ରଭାବ ପକାଇବ ବୋଲି ଗାଭାସ୍କର କହିଛନ୍ତି।

## ଅଷ୍ଟ୍ରେଲିଆର ବ୍ୟାଟିଂ ବିପର୍ଯ୍ୟୟ

ବ୍ରିଜ୍‌ଟାଉନ୍,୨୫।୬ (ଏଜେନ୍ସି): ବ୍ୟାଟିଂ ବିପର୍ଯ୍ୟୟରୁ ଆରମ୍ଭ ହୋଇଛି ଅଷ୍ଟ୍ରେଲିଆର ୱେଷ୍ଟଇଣ୍ଡିଜ୍ ଟୁର୍। ଏହି ଟୁର୍‌ରେ ଆଜି ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଶେଷ ଖବର ସୁଦ୍ଧା ୩ ୱିକେଟରେ ୪୭ ରନ୍ କରିଛି। ଏହି ସମୟରେ ଉସ୍‌ମାନ୍ ଖୱାଜା ୩୧ ଓ ଟ୍ରାଭିସ୍ ହେଡ ୪ ରନ୍ କରି ବିପର୍ଯ୍ୟୟକୁ ଅଟକାଇଛନ୍ତି। ଦଳ ପକ୍ଷରୁ ଓପନର ସାମ୍ କୋନ୍‌ଷ୍ଟାସ୍ ୩, କାମେରନ ଗ୍ରୀନ୍ ୩, ଜୋଶ ଇଂଲିଶ ୫ ରନ୍‌ରେ ଆଉଟ ହୋଇଛନ୍ତି। ଘରୋଇ ୱେଷ୍ଟଇଣ୍ଡିଜ୍ ଦଳ ପକ୍ଷରୁ ଶାମରା ଯୋଶେଫ୍ ୨ଟି ଓ ଜେଡେନ୍ ସିଲ୍ସ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

## ଶ୍ରୀଲଙ୍କାର ଭଲ ବୋଲିଂ; ବାଂଲା ୨୨୦/୮

କଲମ୍ବୋ,୨୫।୬ (ଏଜେନ୍ସି): ଶ୍ରୀଲଙ୍କା ବୋଲରଙ୍କ ମିଳିତ ତଥା ପ୍ରଭାବୀ ପ୍ରଦର୍ଶନ ବଳରେ ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ବୁଧବାର ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୨୨୦ ରନ୍ ସଂଗ୍ରହ କରିଛି। ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଏବାଦତ ହୋସେନ ୫ ଓ ତାଇଜୁଲ ଇସ୍‌ଲାମ ୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପକ୍ଷରୁ ସଦ୍‌ମାନ ଇସଲାମ ସର୍ବାଧିକ ୪୬, ମୁସଫିକର ରହିମ ୩୫, ଲିଟନ ଦାସ ୩୪, ଏହି ସିରିଜ୍‌ରେ ପ୍ରଥମଥର ଖେଳୁଥିବା ମେହଦୀ ହାସନ ମିରାଜ ୩୧ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ପିନ ବୋଲିଂ ଅଲରାଉଣ୍ଡର ନଇମ୍ ହାସନ ୨୫ ଓ ମୋମିନୁଲ ହକ ୨୧ ରନ୍ କରିଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନ ଥିଲେ। ଘରୋଇ ଶ୍ରୀଲଙ୍କା ପକ୍ଷରୁ ଦୁଇ ପେସ୍ ବୋଲର ଅସିଥା ଫର୍ଣ୍ଣାଣ୍ଡୋ, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଡେବ୍ୟୁଟାଣ୍ଟ ବାମହାତୀ ସ୍ପିନର ସୋନାଲ ଦିନୁଶା ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଅଧିନାୟକ ଧନଞ୍ଜୟ ଡି ସିଲଭା ଓ ଥାରିଣ୍ଡୁ ରତନାୟକେଙ୍କୁ ଗୋଟିଏ ୱିକେଟ ମିଳିଥିଲାବେଳେ ପ୍ରମୁଖ ସ୍ପିନର ପ୍ରଭାତ ଜୟସୁରିଆଙ୍କୁ କୌଣସି ୱିକେଟ ମିଳି ନ ଥିଲା। ଡ୍ର ରହିଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶର ଅଧିନାୟକ ସାଣ୍ଟୋ ଉଭୟ ଇନିଂସରେ ଶତକ ହାସଲ କରିଥିଲାବେଳେ ଏଠାରେ ୮ ରନ୍ କରିଛନ୍ତି। ବର୍ଷା ଯୋଗୁଁ ପ୍ରଥମ ଦିନ ୨୯ ଓଭର ଖେଳ ସମ୍ଭବ ହୋଇ ପାରି ନ ଥିଲା। ଆସନ୍ତାକାଲି ଦ୍ୱିତୀୟ ଦିନ ଅଧଘଣ୍ଟା ଆଗରୁ ମ୍ୟାଚ୍ ଆରମ୍ଭ ହେବ।

**୨୮ ରୁ ସର୍ବଭାରତୀୟ କବାଡି ପ୍ରତିଯୋଗିତା**

# ରାଜ୍ୟ ଦଳର ଉତ୍ତରାଖଣ୍ଡ ଯାତ୍ରା



କଟକ, ୨୫।୬ (ସମିସ):

ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଆସନ୍ତା ୨୮ରୁ ଜୁଲାଇ ପହିଲା ପର୍ଯ୍ୟନ୍ତ ୧ମ ସର୍ବଭାରତୀୟ ୧୮ ବର୍ଷରୁ କମ୍ କବାଡି ପ୍ରତିଯୋଗିତା ଆୟୋଜନ ହେବ। ଏଥି ନିମନ୍ତେ ରାଜ୍ୟ କବାଡି ସଂଘ ପକ୍ଷରୁ ଘୋଷିତ ଉଭୟ ବାଳିକା ଓ ବାଳକ ଦଳ ଆଜି ଉତ୍ତରାଖଣ୍ଡ ଯାତ୍ରା କରିଛି। ମ୍ୟାନେଜର କୁନାଲ ଭୋଇ ଓ କୋଚ ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ଗଠିତ ଓଡିଶା ବାଳକ ଦଳରେ ସ୍ୱସ୍ତିକ ସ୍ୱରୂପ ମେହେର (ଅଧିନାୟକ)ଙ୍କ ସହ ପ୍ରବୀଣ ପ୍ରଧାନ, ଆକାଶ ମୁଣ୍ଡା, ଅମନ ସ୍ୱାଇଁ, ସୁସ୍ମିତ ସାହୁ, ସତ୍ୟଜିତ ସିଂ, ସତ୍ୟପ୍ରକାଶ ଦଲେଇ, ଶୁଭମ୍ ଦାସ, ଶକ୍ତିପ୍ରସାଦ ସେଠୀ, ବାଦଲ ଖଟୁଆ, ଚିକୁ ସେଠୀ, ପଦମ୍ ଥାପ୍ପା, ରୂପଧର ମାଝୀ ଓ ମାସୁମ ସତନାମୀ ସ୍ଥାନ ପାଇଛନ୍ତି।

ସେହିପରି ମ୍ୟାନେଜର ପୂଜା ଲାକ୍ରା ଓ କୋଚ ହରପ୍ରିୟା ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଓଡିଶା ବାଳିକା ଦଳରେ ଅନନ୍ୟା ସ୍ୱାଇଁ (ଅଧିନାୟିକା)ଙ୍କ ସହ ପ୍ରିୟଙ୍କା ପ୍ରଧାନ, ଲକ୍ଷ୍ମୀପ୍ରିୟା ପାଣ୍ଡେ, ମନକା ମୁର୍ମୁ, ଶ୍ରାବଣୀ ମହାକୁଡ, ଅର୍ଚ୍ଚିତା ଦାସ, ଏ.କରିସ୍ମା ପାତ୍ର, ଗାୟତ୍ରୀ ବେହେରା, ପ୍ରଜ୍ଞାଶ୍ରୀ ଦାସ, ସିରିନ ପାତ୍ର, ସ୍ୱାତୀ ମହାନ୍ତି, ଅର୍ଚ୍ଚିତା ଜେନା, ଚିନୁ ଅମାନ୍ତ ଓ ଲିଜା ନାହାକ ସ୍ଥାନ ପାଇଛନ୍ତି। ପ୍ରତିଯୋଗିତା ନିମନ୍ତେ ଗତ ୮ ତାରିଖରୁ ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଚୟନ ଶିବିର ଜାରି ରହିଥିଲା। ଏଥିରୁ ଖେଳାଳି ବଛାଯାଇଛନ୍ତି ବୋଲି ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା କହିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS